

ମହେଶ ଦୀକ୍ଷିତ ଆଇବି ମୁଖ୍ୟ ପୃଷ୍ଠା ୫

ସଂଚାର THE SANCHAR
Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17
Vol. 34 | ISSUE 96 ଭାଗ ୩୪ | ସଂଖ୍ୟା ୯୬
Saturday 27 June 2026 | Page 8 Rs. 5.00
ଭୁବନେଶ୍ୱର ଶନିବାର, ୨୭ ଜୁନ୍ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

### ସିଆଇଆର୍‌ସି ସମ୍ମିଳନୀରେ 'ଗୋ ଇଷ୍ଟ' ଘୋଷଣା କଲେ ମୁଖ୍ୟମନ୍ତ୍ରୀ

# ଶିଳ୍ପାୟନରେ ସବୁ ରେକର୍ଡ ଭାଙ୍ଗିବ ଓଡ଼ିଶା

- ୫ ବର୍ଷରେ ସାଜିବ ପୂର୍ବ ଭାରତର ଶ୍ରେଷ୍ଠ ରାଜ୍ୟ
- ପୂର୍ବ ଭାରତର ବିକାଶରେ ଅଗ୍ରଣୀ ସାଜିବ ଓଡ଼ିଶା
- 'ଗୋ ଇଷ୍ଟ' ପ୍ଲାଟଫର୍ମରେ ନିବେଶକଙ୍କୁ ମିଳିବ ସୁରକ୍ଷା ଓ ସହାୟତା



**ଭୁବନେଶ୍ୱର,୨୬।୬(ସଂଚାର ବ୍ୟୁରୋ):** ସିଆଇଆଇ-ଇଷ୍ଟର୍ଣ୍ଣ ରିଜିଓନାଲ କାଉନସିଲ ବୈଠକ ୨୦୨୬ରେମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଜ୍ୟର ଶିଳ୍ପ ବିକାଶ ଓ ଆଞ୍ଚଳିକ ଅଭିବୃଦ୍ଧି ପାଇଁ ଏକ ନୂଆ ରୋଡ୍‌ମ୍ୟାପ୍ ଉପସ୍ଥାପନ କରିଛନ୍ତି। ଓଡ଼ିଶା ସହ ସମଗ୍ର ପୂର୍ବ ଭାରତର ରାଜ୍ୟଗୁଡ଼ିକର ଶିଳ୍ପାୟନ ପ୍ରକ୍ରିୟାକୁ ବ୍ୟାପକ ଭାବେ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆଜି ଏକ ଯୁଗାନ୍ତକାରୀ ନୂଆ ପ୍ଲାଟଫର୍ମ 'ଗୋ ଇଷ୍ଟ' ଘୋଷଣା କରିଛନ୍ତି। ସମ୍ମିଳନୀରେ ଘୋଷଣା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି 'ଗୋ ଇଷ୍ଟ'ର ଅର୍ଥ ହେଉଛି 'ଗଭର୍ଣ୍ଣମେଣ୍ଟ ଅଫ୍ ଓଡ଼ିଶା- ଇଷ୍ଟର୍ଣ୍ଣ ଇନଭେଷ୍ଟମେଣ୍ଟ ଆକ୍ସିଲେଟର୍ ଆଣ୍ଡ୍ ସ୍ପେଶାଲ ଟାସ୍କ ଫୋର୍ସ'। ଏହି ନୂତନ ପଦକ୍ଷେପ ମାଧ୍ୟମରେ ସମଗ୍ର ପୂର୍ବାଞ୍ଚଳ ଓ ପୂର୍ବୋତ୍ତର ରାଜ୍ୟର ଶିଳ୍ପ ଗୋଷ୍ଠୀଗୁଡ଼ିକ ତାଙ୍କ ନିଜ ରାଜ୍ୟରେ ତାଙ୍କର ଇଣ୍ଡଷ୍ଟ୍ରିଆଲ୍ ବେସ୍ ଓ ମାର୍କେଟ୍‌କୁ ସୁରକ୍ଷିତ ରଖି ଓଡ଼ିଶାରେ ନିବେଶ କରିବାକୁ ବ୍ୟାପକ ସୁଯୋଗ ପାଇବେ। ଗତ ୨ ବର୍ଷ ମଧ୍ୟରେ ଓଡ଼ିଶାର ଶିଳ୍ପାୟନ ପ୍ରକ୍ରିୟା ଏକ ବ୍ୟାପକ ସ୍ତରରେ ପହଞ୍ଚିଥିବା ବେଳେ ଆଗାମୀ ୫ ବର୍ଷ ମଧ୍ୟରେ ଓଡ଼ିଶା ଶିଳ୍ପାୟନ ଓ ଅଭିବୃଦ୍ଧି କ୍ଷେତ୍ରରେ ପୂର୍ବ ଭାରତର ଶ୍ରେଷ୍ଠ ରାଜ୍ୟରେ ପରିଣତ ହେବ ବୋଲି ପୃଷ୍ଠା-୬

## ବିଧାନସଭା ଷ୍ଟାଣ୍ଡିଂ କମିଟି ଗଠିତ

- ପ୍ରମିଳା ପିଏସି କମିଟି ଅଧ୍ୟକ୍ଷା
- ଜୟନାରାୟଣ ପ୍ରିଭିଲେଜ୍ କମିଟି ମୁଖ୍ୟ





**ଭୁବନେଶ୍ୱର,୨୬।୬(ସଂଚାର ବ୍ୟୁରୋ):** ଆଜି ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ୨୦୨୬-୨୭ ପାଇଁ ବିଧାନସଭା ଷ୍ଟାଣ୍ଡିଂ କମିଟି ଓ ପିଏସି କମିଟି ଗଠନ କରିଛନ୍ତି। ୩୫ରୁ ଊର୍ଦ୍ଧ୍ୱ କମିଟି ଗଠିତ ହୋଇଥିବା ବେଳେ ଏଥିରେ ପବ୍ଲିକ୍ ଆକାଉଣ୍ଟସ କମିଟି (ପିଏସି) ଓ ୧୦ଟି ଷ୍ଟାଣ୍ଡିଂ କମିଟି ମଧ୍ୟ ରହିଛି। ବରିଷ୍ଠ ବିଜେଡି ନେତ୍ରୀ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କୁ ପିଏସିର ଅଧକ୍ଷା ଦାୟିତ୍ୱ ମିଳିଛି। ଏହି କମିଟିରେ ମୋଟ ୧୧ ଜଣ ସଦସ୍ୟ ଥିବା ବେଳେ ସେମାନଙ୍କ ମଧ୍ୟରେ ରାମଚନ୍ଦ୍ର କାଡାମ, ଅରୁଣ ସାହୁ, ଗଣେଶ୍ୱର ବେହେରା ଓ ସନାତନ ବିଜୁଳି ପରି ବିଧାୟକ ଅଛନ୍ତି। ସେହିପରି ବରିଷ୍ଠ ବିଜେପି ନେତା ତଥା ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କୁ ପ୍ରିଭିଲେଜ କମିଟିର ଅଧ୍ୟକ୍ଷ କରାଯାଇଛି। ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ସରକାରୀ ମୁଖ୍ୟ ସଚେତକ ଏହାର ସଦସ୍ୟ ରହିଛନ୍ତି। କୋରେଇ ବିଧାୟକ ଆକାଶ ଦାସ ନାୟକଙ୍କୁ ଲାଇବ୍ରେରୀ କମିଟିରେ ସ୍ଥାନ ମିଳିଛି। ଏଥିରେ ୧୧ ଜଣ ନିଲମ୍ବିତ ବିଧାୟକଙ୍କୁ ସଦସ୍ୟ ଭାବେ ରଖାଯାଇଛି। ସରକାରୀ ବିଭାଗଗୁଡ଼ିକର କାର୍ଯ୍ୟର ସମୀକ୍ଷା ପାଇଁ ଗଠିତ ବିଭାଗ ସହ ଜଡ଼ିତ ଷ୍ଟାଣ୍ଡିଂ କମିଟି (୧ରୁ ୧୦)ର ଅଧ୍ୟକ୍ଷ ଭାବେ ଯଥାକ୍ରମେ ସିଦ୍ଧାନ୍ତ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ସେଠୀ, ବାବୁ ସିଂହ, ବିଭୁତି ଭୂଷଣ ପ୍ରଧାନ, ସୁଧୀର ରଞ୍ଜନ ପାଟ୍ଟଯୋଶୀ, ସନ୍ତୋଷ ଖଟୁଆ, ମନୋହର ରନ୍ଧାରୀ ଓ ସନାତନ ବିଜୁଳିଙ୍କୁ ଦାୟିତ୍ୱ ଦିଆଯାଇଛି।

## ବରିଷ୍ଠ ସାମ୍ବାଦିକ ଶରତ ଦାଶଙ୍କ ପରଲୋକ

### ମୁଖ୍ୟମନ୍ତ୍ରୀ, ଧର୍ମେନ୍ଦ୍ର ଓ ନବୀନଙ୍କ ଶୋକ



**ଭୁବନେଶ୍ୱର,୨୬।୬(ସଂଚାର ବ୍ୟୁରୋ):** ବରିଷ୍ଠ ସାମ୍ବାଦିକ ଶରତ ଦାଶଙ୍କର ଆଜି ଅପରାହ୍ଣରେ ୮୩ ବର୍ଷ ବୟସରେ ପରଲୋକ ଘଟିଛି। ଶାରୀରିକ ଅସୁସ୍ଥତା ଲାଗି ତାଙ୍କୁ ଗତକାଲି ସମ ଅଲ୍ଟିମେଟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଆଜି ତାଙ୍କର ହୃଦ୍‌ଘାତରେ ତାଙ୍କର ପରଲୋକ ଘଟିଥିବା ପରିବାର ସୂତ୍ରରୁ ଜଣାପଡ଼ିଛି।

ଶ୍ରୀ ଦାଶ ଦୀର୍ଘ ୩୭ ବର୍ଷ କାଳ ସାମ୍ବାଦିକତା କ୍ଷେତ୍ରରେ ସକ୍ରିୟ ଥିଲେ। ସେ ପ୍ରେସ ଟ୍ରଷ୍ଟ ଅଫ ଇଣ୍ଡିଆ (ପିଟିଆଇ)ର ପ୍ରତିନିଧି ଭାବେ ଦିଲ୍ଲୀ, ମୁମ୍ବାଇ ଓ କୋଲକାତାରେ ଦୀର୍ଘବର୍ଷ କାର୍ଯ୍ୟ କରିବା ପରେ କଟକ ଓ ଭୁବନେଶ୍ୱରରେ ପିଟିଆଇର ପ୍ରମୁଖ ସମ୍ବାଦଦାତା ତଥା ମ୍ୟାନେଜର ଭାବେ କାର୍ଯ୍ୟ କରି ଅବସର ନେଇଥିଲେ। ସାମାଜିକ ଓ ରାଜନୈତିକ ସାମ୍ବାଦିକତାରେ ସେ ବେଶ ସକ୍ରିୟ ଥିଲେ। ଜଣେ ପୃଷ୍ଠା-୬

## ଘାଟି ତଳକୁ ଖସିଲା ବାଇକ୍: ୩ ମୃତ



**ରାଇରଙ୍ଗପୁର,୨୬।୬(ସଂଚାର ବ୍ୟୁରୋ):** ଭାରସାମ୍ୟ ହରାଇ ଘାଟି ତଳକୁ ଖସିପଡ଼ିଲା ବାଇକ୍। ଫଳରେ ଚାଲିଗଲା ୩ ଜୀବନ। ମୟୂରଭଞ୍ଜ ଜିଲ୍ଲାର ଗୋରୁମହିଷାଣୀ ଥାନା ଅନ୍ତର୍ଗତ ଗୋରୁଡ଼ପାଣି ଘାଟିରେ ଘଟିଛି ଏହି ଦୁର୍ଘଟଣା। ଘାଟି ତଳକୁ ବାଇକ୍ ଖସି ପଡ଼ିବାରୁ ୩ ଜଣଙ୍କର ମୃତ୍ୟୁ ଘଟିଛି। ଗୋରୁଡ଼ପାଣି ଗାଁରୁ ଏକ ବାଇକରେ ୩ ଜଣ ଘରକୁ ଫେରୁଥିବା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ମୃତକ ୩ ଜଣ ଗୋରୁମହିଷାଣୀ ଥାନା ଅଞ୍ଚଳର ସୁଦର୍ଶନପୁର ପଞ୍ଚାୟତର ସାନଝାରି ଗ୍ରାମର ପୃଷ୍ଠା-୬

### ସ୍କୁଲ ବହିରେ ତ୍ରୁଟି ମାମଲାରେ ମୁଖ୍ୟମନ୍ତ୍ରୀଙ୍କ ବଡ଼ ଆକ୍ସନ୍

# ୧୪ ସୁପାରିସ୍; ୪ ଅଧିକାରୀ ନିଲମ୍ବିତ

- ୬ ଜଣଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ
- ରିପୋର୍ଟ ଦାଖଲ କଲା ତଦନ୍ତ କମିଟି
- ଏସ୍‌ସିଇଆର୍‌ଟିରେ ଖୋଲାଯିବ କ୍ୱାଲିଟି ଆସ୍ୟୁରାନ୍ସ ସେଲ



**ଭୁବନେଶ୍ୱର,୨୬।୬(ସଂଚାର ବ୍ୟୁରୋ):** ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟ ପୁସ୍ତକରେ ପାଖାପାଖି ୨ ହଜାର ତ୍ରୁଟି ପରିଲକ୍ଷିତ ହେବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ତିନିଜଣିଆ କମିଟି ଗଠନ କରି ଏହାର ତଦନ୍ତ ସକାଶେ ନିର୍ଦ୍ଦେଶ ଦେଇଥିଲେ। ଆଜି ଏହି କମିଟି ତା'ର ରିପୋର୍ଟ ଦାଖଲ କରିଥିବା ବେଳେ ତ୍ୱରିତ ମୁଖ୍ୟମନ୍ତ୍ରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। କମିଟିର ସୁପାରିସ ଅନୁଯାୟୀ ମୁଖ୍ୟମନ୍ତ୍ରୀ ୪ ଜଣ ଅଧିକାରୀଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ (ଟିଚର୍ସ ଟ୍ରେନିଂ ଆଣ୍ଡ୍ ଏସ୍‌ଇଆର୍‌ଟିସି)ର ତତ୍କାଳୀନ ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କୁ ନିଲମ୍ବନ କରିଥିବା ବେଳେ ୩ ଜଣ ସହକାରୀ ନିର୍ଦ୍ଦେଶକ ପ୍ରଲିପ୍ତା ମିଶ୍ର, ଦିଲୀପ ସାହୁ ଓ ଭାରତୀ ଟୁଡୁଙ୍କୁ ମଧ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ଏହାଛଡ଼ା ୬ ଜଣ ସହକାରୀ ନିର୍ଦ୍ଦେଶକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେମାନେ ହେଲେ ବନ୍ଦିତା ପଟ୍ଟନାୟକ, ମାନସ ରାଉତ, ମନୋରଞ୍ଜନ ମହାପାତ୍ର, ପ୍ରଶାନ୍ତ ସାହୁ, ମାନସ ନାୟକ ଓ ଡ. ସୁଦର୍ଶନ ସନ୍ତରା। ମାମଲାର ତଦନ୍ତ ପରେ ଉନ୍ନୟନ କମିଶନର୍ ଦେଓରଞ୍ଜନ ସିଂହଙ୍କ ନେତୃତ୍ୱାଧୀନ କମିଟି ତ୍ରୁଟି ସୁଧାରିବା ସକାଶେ ୧୪ଟି ସୁପାରିସ କରିଛି। ଏହି ସୁପାରିସ୍‌ଗୁଡ଼ିକୁ ଦୁଇଟି ଭାଗରେ ବିଭକ୍ତ କରାଯାଇଛି। ପ୍ରଥମଟି ହେଲା ବର୍ତ୍ତମାନ ବଜାରରେ ଥିବା ବହିର ଭୁଲକୁ ତୁରନ୍ତ ସୁଧାରିବା ଓ ଦ୍ୱିତୀୟଟି ଭବିଷ୍ୟତ ପାଇଁ ଦୀର୍ଘସ୍ଥାୟୀ ସଂସ୍କାର ଆଣିବା।

ତୁରନ୍ତ ନିଆଯିବାକୁ ଥିବା ପଦକ୍ଷେପଗୁଡ଼ିକ ଭିତରେ ରହିଛି ୭ ଦିନରେ 'ମାଷ୍ଟର ଏରାଟା ରେଜିଷ୍ଟର' ଅର୍ଥାତ ବହିରେ ପୃଷ୍ଠା-୬

## ବିଷାକ୍ତ ଗ୍ୟାସ୍ ସଂସ୍ପର୍ଶରେ ଆସି ୩ ଶ୍ରମିକ ମୃତ

**ନୂଆଦିଲ୍ଲୀ, ୨୬।୬:** ଶୁକ୍ରବାର ଦିଲ୍ଲୀର ମୁଣ୍ଡକା ଅଞ୍ଚଳରେ ଥିବା ଫ୍ୟାକ୍ଟ୍ରିର ସେପଟିକ୍ ଟ୍ୟାଙ୍କରେ ବିଷାକ୍ତ ଗ୍ୟାସ ସଂସ୍ପର୍ଶରେ ଆସି ୩ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତ ୩ ଶ୍ରମିକ ସେପଟିକ୍ ଟ୍ୟାଙ୍କି ସଫା କରିବାକୁ ଭିତରକୁ ଯାଇଥିବା ବେଳେ ଏହି ଘଟଣା ଘଟିଥିବା ପୁଲିସ କହିଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରଥମେ ଜଣେ ଶ୍ରମିକ ଭିତରକୁ ପଶି ବେହୋସ୍ ହୋଇଯାଇଥିଲା। ତାକୁ ରକ୍ଷା କରିବାକୁ ଅନ୍ୟ ଦୁଇଜଣ ଶ୍ରମିକ ଟାଙ୍କି ଭିତରକୁ ପଶିଥିଲେ। ତିନିଜଣ ମୃତକଙ୍କୁ ଅରୁଣ, ସନ୍ଦୀପ ଓ ଚାନ୍ଦ ବୋଲି ଚିହ୍ନଟ କରାଯାଇଛି। ଚଳିତମାସ ସେପଟିକ୍ ଟ୍ୟାଙ୍କ ଭିତରେ ବିଷାକ୍ତ ଗ୍ୟାସ ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିବାରେ ଏହା ଦ୍ୱିତୀୟ ଘଟଣା।

● ମହରମ୍ ତାଜିଆ ଶୋଭାଯାତ୍ରା

## ବିଦ୍ୟୁତ୍ ତାର ନେଲା ୩ ଜୀବନ

**ନୂଆଦିଲ୍ଲୀ, ୨୬।୬:** ଗୁରୁବାର ବିଳମ୍ବିତ ରାତିରେ ମଧ୍ୟପ୍ରଦେଶର ରତଲାମ ଜିଲ୍ଲାରେ ବାହାରିଥିବା ଏକ ମହରମ୍ ତାଜିଆ ଶୋଭାଯାତ୍ରା ବିଦ୍ୟୁତ ତାର ସଂସ୍ପର୍ଶରେ ଆସିବାରୁ ୩ ଜଣଙ୍କର ମୃତ୍ୟୁ ହୋଇଛି। ୧୦ ଆହତ ହୋଇଛନ୍ତି। ପିପାଲୁଡା ଥାନା ଅନ୍ତର୍ଗତ ହଟନାରା ଗ୍ରାମରେ ଏହି ଘଟଣା ଘଟିଛି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂତ୍ର ଅନୁଯାୟୀ, ମେୱାତି ମହଲ୍ଲା ଦେଇ ଶୋଭାଯାତ୍ରା ଯାଉଥିବା ବେଳେ ଆକସ୍ମିକ ଭାବେ ମୁଣ୍ଡ ଉପରେ ଥିବା ଏକ ଉଚ୍ଚ ହାଇଭୋଲଟେଜ ବିଦ୍ୟୁତ ତାରକୁ ସ୍ପର୍ଶ କରିଥିଲା। ଫଳରେ ଲୋକମାନଙ୍କୁ ଶକ୍ତିଶାଳୀ ବିଦ୍ୟୁତ୍ ଝଟକା ଲାଗିଥିଲା। କାନ୍ଧରେ ତାଜିଆ ଧରି ଯାଉଥିବା ଲୋକମାନେ ଘଟଣାସ୍ଥଳରେ ବେହୋସ୍ ହୋଇ ତଳେ ପଡ଼ି ଯାଇଥିଲେ।

# ଭେନେଜୁଏଲା ଭୂକମ୍ପ: ମୃତ୍ୟୁସଂଖ୍ୟା ୫୮୯କୁ ବୃଦ୍ଧି

- ୨,୯୮୦ ଆହତ, ୫୦ ହଜାରରୁ ଊର୍ଦ୍ଧ୍ୱ ନିଖୋଜ
- ପହଞ୍ଚିଲେ ୧୭ଟି ଦେଶର ଉଦ୍ଧାରକାରୀ ଦଳ
- ଭାରତ ପଠାଇଲା ୩୫ ଟନ୍ ଜରୁରୀକାଳୀନ ସାମଗ୍ରୀ
- ୪୧ ଜଣିଆ ମେଡିକାଲ ଟିମ୍ ବି ପଠାଇଛି ଭାରତ
- ଅନ୍ତରୀଣ ସରକାର ପାଇଁ ଉଭୟ ଆହ୍ୱାନ ଓ ସୁଯୋଗ



**କାରାକାସ,୨୬।୬:** ଗତ ବୁଧବାର ବିଳମ୍ବିତ ରାତିରେ ଭେନେଜୁଏଲାରେ ଘଟିଥିବା ବିଧ୍ୱଂସୀ ଭୂମିକମ୍ପର ମୃତ୍ୟୁ ସଂଖ୍ୟା ଶୁକ୍ରବାର ସୁଦ୍ଧା ୫୮୯ରେ ପହଞ୍ଚିଛି। ଏ ପର୍ଯ୍ୟନ୍ତ ୨,୯୮୦ ଜଣ ଆହତ ହୋଇଥିବା ସରକାରୀ ଭାବେ ପଞ୍ଜୀକରଣ କରାଯାଇଛି। ଆହୁରି ଅନେକ ଲୋକ ଧ୍ୱଂସସ୍ତୂପ ତଳେ ଫସିରହିଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି ବୋଲି ଶୁକ୍ରବାର ଭେନେଜୁଆଲାର କାର୍ଯ୍ୟକାରୀ ରାଷ୍ଟ୍ରପତି ଡେଲସି ରୁଡ୍ରିଗ୍ୱେଜ୍ କହିଛନ୍ତି। ଏହି ଅବସରରେ ସେ ବିଶ୍ୱର ବିଭିନ୍ନ ଦେଶରୁ ଆସିଥିବା ଉଦ୍ଧାରକାରୀ ଦଳଙ୍କୁ ସ୍ୱାଗତ କରିଛନ୍ତି।

ଅତି କମରେ ୧୭ଟି ଦେଶର ସନ୍ଧାନୀ ଓ ଉଦ୍ଧାରକାରୀ ଦଳ ଭେନେଜୁଏଲାରେ ପହଞ୍ଚି ତଲାସୀ ଓ ଉଦ୍ଧାରକାର୍ଯ୍ୟ ଚଳାଇଛନ୍ତି ବୋଲି ଜାତିସଂଘ ପକ୍ଷରୁ କୁହାଯାଇଛି। ଜାତିସଂଘର ମାନବିକତା ସଂସ୍ଥା 'ଓଚା' କହିଛି ଯେ ଭେନେଜୁଏଲାରେ ବର୍ତ୍ତମାନର ସବୁଠୁ ବଡ଼ ପ୍ରାଥମିକତା ହେଉଛି ମାଟିତଳେ ଯେଉଁମାନେ ଫଶି ରହିଛନ୍ତି ସେମାନଙ୍କର ତଲାସ କରିବା ଓ ସେମାନଙ୍କୁ ଉଦ୍ଧାର କରିବା। ଜେନେଭାରେ ଏକ ପ୍ରେସ୍ ବ୍ରିଫିଂ ଦେଇ ଜାତିସଂଘ ମୁଖପାତ୍ର ଜେନ୍ସ ଲାଏର୍କେ କହିଛନ୍ତି ଯେ ଭୂକମ୍ପ ଏମିତି ଏକ ବିପଦ ଯାହା କେତେବେଳେ କେଉଁଠି ହୋଇପାରେ। ଯେକୌଣସି ଦେଶରେ ଘଟିପାରେ। ଏହା ହେଉଛି ସବୁଠାରୁ ଭୟଙ୍କର ବିପଦ, ଯାହାକୁ ଏବେ ଭେନେଜୁଏଲା ସାମ୍ନା କରୁଛି। ମାତ୍ର ଏବେ ସମଗ୍ର ବିଶ୍ୱ ଭେନେଜୁଏଲା ସହ ରହିଛି ପୃଷ୍ଠା-୬

## ନାର୍କୋ ଆଇନ୍‌ରେ ସଂଶୋଧନ ଆଣିବେ ସରକାର: ଶାହ

**ନୂଆଦିଲ୍ଲୀ, ୨୬।୬:** ଖୁବ୍ ଶୀଘ୍ର କେନ୍ଦ୍ର ସରକାର ନାର୍କୋଟିକ୍ ଡ୍ରଗ୍ସ ଆଣ୍ଡ ସାଇକୋଟ୍ରୋପିକ୍ ସବଷ୍ଟାନ୍ସ (ଏଡିପିଏସ) ଆଇନରେ ସଂଶୋଧନ କରିବେ। ଡ୍ରଗ୍ସ ଚାଲାଣକାରୀମାନଙ୍କୁ ବର୍ତ୍ତମାନ ଆଇନରେ ଥିବା ଦୁର୍ବଳତାରୁ ଫାଇଦା ଉଠାଇବାରୁ ରୋକିବା ତଥା ନିଶା ବିରୋଧରେ ଭାରତର ଲଢ଼େଇକୁ ସୁଦୃଢ଼ କରିବା ଉଦ୍ଦେଶ୍ୟ ନେଇ ଏନଡିପିଏସରେ ସଂଶୋଧନ କରାଯିବ ବୋଲି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶୁକ୍ରବାର ଘୋଷଣା କରିଛନ୍ତି। ନୂଆଦିଲ୍ଲୀରେ ନାର୍କୋ-ସମନ୍ୱୟ କେନ୍ଦ୍ରର ଦଶମ ଶୀର୍ଷ-ସ୍ତରୀୟ ବୈଠକରେ ଉଦବୋଧନ ଦେଇ, ଶାହା ରାଜ୍ୟ ସରକାରଙ୍କୁ ପ୍ରସ୍ତାବିତ ସଂଶୋଧନ ଉପରେ ପରାମର୍ଶ ଦେବାକୁ ଅନୁରୋଧ କରିଛନ୍ତି। ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ଏହି ସଂଶୋଧନ ଚିଠା ପ୍ରସ୍ତୁତ କରାଯାଉଛି। ସଂଗଠିତ ନାର୍କୋ ସିଣ୍ଡିକେଟ୍ ବିରୋଧରେ ନିଶା-ନିରୋଧୀ ଆଇନକୁ ପ୍ରଭାବୀ ତଥା ଫଳପ୍ରଦ କରିବା ପାଇଁ କେନ୍ଦ୍ର ସରକାର ଏଭଳି ନିଷ୍ପତ୍ତି ନେଉଥିବା ଶାହ କହିଛନ୍ତି।

### ତାମିଲନାଡୁ ଗ୍ୟାସ୍ ଟ୍ରାଜେଡି

## ୧୨ରେ ପହଞ୍ଚିଲା ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁସଂଖ୍ୟା



**କେନ୍ଦୁଝର,୨୬।୬(ସଂଚାର ବ୍ୟୁରୋ):** ତାମିଲନାଡୁ ଆମୋନିଆ ଗ୍ୟାସ୍ ଦୁର୍ଘଟଣାରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁସଂଖ୍ୟା ୧୧ରେ ପହଞ୍ଚିଛି। ଗତ ୨୪ ତାରିଖରେ ସୁବାସି ଜୁଆଙ୍ଗ (୨୪)ଙ୍କର ମୃତ୍ୟୁ ଘଟିଥିବା ବେଳେ ଗତକାଲି ଆଉ ୨ ଜଣଙ୍କର ମୃତ୍ୟୁ ହୋଇଛି। ସେମାନେ ହେଲେ ତେଲକୋଇ ଥାନା ପାଟଖୁଲି ଗ୍ରାମର ରୀତା ଜୁଆଙ୍ଗ (୧୬) ଓ ତେଲକୋଇ ଥାନ ପିଟାନାଳୀ ଗ୍ରାମର ସୁମିତ୍ରା ଜୁଆଙ୍ଗ (୨୦)। ସେହିପରି ଆଜି ବାଂଶପାଳ ବ୍ଲକ ଗୋନାସିକା ପଞ୍ଚାୟତ ଗୋଳିଆବନ୍ଧ ରାଇଡିହା ଗ୍ରାମର ଦିପାଞ୍ଜଳୀ ଜୁଆଙ୍ଗ(୨୦) ଓ ଅନୁଗୋଳର ବୁଧୁବାରୀ ନାଏକଙ୍କର ମୃତ୍ୟୁ ଘଟିବା ଫଳରେ ମୋଟ ମୃତ୍ୟୁ ସଂଖ୍ୟା ୧୨ରେ ପହଞ୍ଚିଛି। ଚିକିତ୍ସାଧୀନ ଅବସ୍ଥାରେ ଉପରୋକ୍ତ ୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ବ୍ୟବଚ୍ଛେଦ ପରେ ସେମାନଙ୍କ ମୃତଦେହ ଓଡ଼ିଶା ପଠାଇବାର ବ୍ୟବସ୍ଥା ପୃଷ୍ଠା-୬

SIKSHA 'O' ANUSANDHAN
SAAT-2026
Empowering students for a brighter future
COMPUTER APPLICATIONS PROGRAMMES
- Bachelor of Computer Applications (BCA)
- Master of Computer Applications (MCA)
APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes
NIRF INDIA RANKINGS 2025
- 15th Best in University Category
- 22nd Best in Engineering Category
INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026
To apply for admission through SAAT, Please visit: www.soa.ac.in

# ପଞ୍ଚାୟତ ନିର୍ବାଚନ ପାଇଁ ତିନି ଦଳର ସମରସଜା

- ବିଜେଡି ଓ କଂଗ୍ରେସରେ ନୂଆ ଚେହେରା
- ବିକାଶ ଯୋଜନାକୁ ଗତି ଦେଉଛି ବିଜେପି



**ଭୁବନେଶ୍ୱର,୨୬।୬(ସଂଚାର ବ୍ୟୁରୋ):** ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟର ତିନି ପ୍ରମୁଖ ରାଜନୈତିକ ଦଳ ବିଜେପି, ବିଜେଡି ଓ କଂଗ୍ରେସ ସମରସଜା ଆରମ୍ଭ କରିଛନ୍ତି। ବିଜେପି ତାହାର ବିକାଶ ଧାରା ଓଡ଼ିଶା ସାରା ସ୍ଲୋଗାନକୁ ନେଇ ଲୋକଙ୍କ ପାଖକୁ ଯାଉଥିବା ବେଳେ ବିଜେଡି ସୁଜାତାଙ୍କ ଜରିଆରେ ନିଜର ମହିଳା ଭୋଟ ବ୍ୟାଙ୍କ୍‌କୁ ଫେରାଇ ଆଣିବାକୁ ଉଦ୍ୟମ ଆରମ୍ଭ କରିଛି। ସେହିଭଳି କଂଗ୍ରେସ ଓଡ଼ିଶା ପାଇଁ ନୂଆ ପ୍ରଭାରୀ ପଠାଇଛି।

ଆସନ୍ତା ବର୍ଷ ପ୍ରଥମ ଭାଗରେ ରାଜ୍ୟରେ ପଞ୍ଚାୟତ ନିର୍ବାଚନ ହେବ। ଉଭୟ ଶାସକ ଓ ବିରୋଧୀ ଦଳ ପାଇଁ ଏହା ଚ୍ୟାଲେଞ୍ଜ ହୋଇଥିବା ବେଳେ ପରସ୍ପରକୁ ମାତ୍ ଦେବା ପାଇଁ ଏବେଠାରୁ ରଣନୀତି ପ୍ରସ୍ତୁତି ଆରମ୍ଭ ହୋଇଛି। ବିଶେଷକରି ଗାଁ ଭୋଟରଙ୍କ ନିକଟରେ ପହଞ୍ଚିବା ପାଇଁ ନିଜ ନିଜ ସେନାପତିମାନଙ୍କୁ ତିନି ଦଳ ପ୍ରସ୍ତୁତ କରୁଛନ୍ତି। ଶାସକ ଦଳ ତାହାର ନୂଆ ନାରା 'ବିକାଶର ଧାରା ଓଡ଼ିଶା ସାରା'କୁ ସାରା ରାଜ୍ୟରେ ପହଞ୍ଚାଇବା ସହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସଫଳତାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଆରମ୍ଭ କରିଛି। କେନ୍ଦ୍ର ନେତାମାନଙ୍କର ଘନ ଘନ ଓଡ଼ିଶା ଗସ୍ତ ରାଜ୍ୟର ନେତାମାନଙ୍କୁ ଉତ୍ସାହିତ କରିଥିବା ବେଳେ ପଞ୍ଚାୟତରେ ସ୍ତରରେ ସ୍ଥିତିକୁ ଅଧିକ ମଜବୁତ କରିବା ପାଇଁ ବିଜେପି ନେତାମାନେ କାର୍ଯ୍ୟ ଆରମ୍ଭ କରିଛନ୍ତି।

ରାଜ୍ୟର ମୁଖ୍ୟ ବିରୋଧୀ ଦଳ ବି ତାହାର ପ୍ରସ୍ତୁତି ଆରମ୍ଭ କରିଦେଇଛି। ଦୀର୍ଘଦିନ ଧରି ଦଳରେ ଦାୟିତ୍ୱ ନେବା ଭଳି ଜଣେ ନେତାଙ୍କର ଆବଶ୍ୟକତା ଥିବା ଚର୍ଚ୍ଚା ହେଉଥିବା ବେଳେ ପୂର୍ବତନ ଆଇଏଏସ୍ ଅଫିସର ସୁଜାତା ରାଉତ ଦଳରେ ଯୋଗ ଦେବା ପରେ ଏହାର ଏକପ୍ରକାର ଅବସାନ ଘଟିଛି। ସୁଜାତାଙ୍କ ଜରିଆରେ ବିଜେଡି ତା'ର ମହିଳା ଭୋଟ ବ୍ୟାଙ୍କ୍ ଫେରିପାଇବ ବୋଲି ଆଶା ରଖିଛି। କାରଣ ସୁଜାତା ମିଶନ ଶକ୍ତି ସଚିବ ପଦରେ ଥିବା ବେଳେ ରାଜ୍ୟର ୭୦ ଲକ୍ଷ ମହିଳା ସ୍ୱୟଂ ସହାୟିକାଙ୍କ ସହ ଯୋଡ଼ି ହୋଇଥିଲେ। ସୁଜାତାଙ୍କ ବିଜେଡି ପ୍ରବେଶ ପରେ ଦଳର ଯୁବନେତାମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିବା ବେଳେ ବିଜେପିର ଅସ୍ମିତାକୁ ସୁଜାତା ମୁକାବିଲା କରିପାରିବେ ବୋଲି ସେମାନେ ଆଶା ବାନ୍ଧିଛନ୍ତି।

ସେହିଭଳି ରାଜ୍ୟସଭା ନିର୍ବାଚନ ପରେ ଅତି ସଙ୍କଟଜନକ ସ୍ଥିତିରେ ଗତି କରୁଥିବା ଓଡ଼ିଶା କଂଗ୍ରେସକୁ ବଳ ଦେବା ପାଇଁ ଜାତୀୟ କଂଗ୍ରେସ ପକ୍ଷରୁ ଗୁଜରାଟର ବରିଷ୍ଠ କଂଗ୍ରେସ ନେତା ଲାଲ୍‌ଜୀ ଦେଶାଇଙ୍କୁ ଏଠାକୁ ପଠାଯାଇଛି। କଂଗ୍ରେସ ସେବା ପୃଷ୍ଠା-୬

# ମାର୍ଶାଘାଇରେ ବେଧଡ଼କ ଚୋରା ତେଲ କାରବାର



## ପୁଲିସର ନିରବତାକୁ ନେଇ ବଢୁଛି ପ୍ରଶ୍ନ

କେନ୍ଦ୍ରାପଡ଼ା,୨୬।୬(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ଥାନା ଅଧୀନ ୫୩ ନମ୍ବର ଜାତୀୟ ରାଜପଥର କାନପୁର, ବଡ଼ପାଳ, ହଳଦିଆଗଡ଼ା, ହଜାରି ଓ ନୀଳାଞ୍ଚଳ ବଜାର ଅଞ୍ଚଳରେ ଦିନଦ୍ୱିପ୍ରହରରେ କଥିତ ଚୋରା ତେଲ କାରବାର ଖୋଲାଖୋଲି ଚାଲୁଥିବା ଅଭିଯୋଗ ହେଉଛି। ଦୀର୍ଘଦିନ ଧରି ଏଭଳି କାରବାର ଚାଲୁଥିଲେ ମଧ୍ୟ ଏହାକୁ ରୋକିବା ପାଇଁ ପୁଲିସ କିମ୍ବା ସମ୍ପୃକ୍ତ ବିଭାଗ ପକ୍ଷରୁ ଦୃଶ୍ୟମାନ ପଦକ୍ଷେପ ନିଆଯାଉନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ପ୍ରତିଦିନ ହଜାର ହଜାର ଲିଟର ଚୋରା ତେଲ ବୋଝେଇ ଗାଡ଼ି ମାର୍ଶାଘାଇ ଥାନା ସମ୍ମୁଖ ଦେଇ ଅବାଧରେ ଯାତାୟାତ କରୁଛି। ଏପରିକି ପୁଲିସ ପାଟ୍ରୋଲିଂ ଗାଡ଼ି ସେହି ରାସ୍ତାରେ ନିୟମିତ ଯାତାୟାତ କରୁଥିଲେ ମଧ୍ୟ ସନ୍ଦିଗ୍ଧ ଗାଡ଼ିଗୁଡ଼ିକୁ ଅଟକାଇ ଯାଞ୍ଚ କିମ୍ବା ପଚରାଉଚରା କରାଯାଉନଥିବା ନେଇ ପ୍ରଶ୍ନ ଉଠିଛି। ଏହାକୁ ନେଇ ପୁଲିସର କାର୍ଯ୍ୟପ୍ରଣାଳୀ ଉପରେ ସାଧାରଣ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି।

ଅଭିଯୋଗ ରହିଛି ଯେ, ତେଲ ମାଫିଆମାନେ ଏବେ ନୂଆ କୌଶଳ ଆପଣାଇ ନୀଳ ରଙ୍ଗର ପାଲ ଟାଙ୍ଗି ତେଲ ବୋଝେଇ ଗାଡ଼ିକୁ ରାସ୍ତାକଡ଼ରେ ଲୁଚାଇ ରଖି ସେଠାରେ ଚୋରା ତେଲ କାଟୁଛନ୍ତି। ଏତେ ସବୁ ଘଟଣା ଦିନ ଆଲୋକରେ ଘଟୁଥିଲେ ମଧ୍ୟ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ନଜରକୁ ଆସୁନଥିବ କିପରି ବୋଲି ସ୍ଥାନୀୟ ଲୋକ ପ୍ରଶ୍ନ କରୁଛନ୍ତି। ଏପରିକି ଏହି କାରବାରକୁ ବିରୋଧ କରୁଥିବା କିମ୍ବା ପ୍ରତିବାଦ କରୁଥିବା ବ୍ୟକ୍ତିଙ୍କୁ ଧମକ ଦିଆଯାଉଥିବା ମଧ୍ୟ ଅଭିଯୋଗ ହେଉଛି।

ଯଦି ଏହି ଅଭିଯୋଗ ସତ୍ୟ, ତେବେ ପ୍ରଶ୍ନ ଉଠୁଛି— ଏତେ ବଡ଼ ଧରଣର ଅବୈଧ କାରବାର କାହାର ପ୍ରଶ୍ରୟରେ ଚାଲିଛି? କାହିଁକି ହେଉନାହିଁ ଚଢ଼ାଉ? କାହିଁକି ଜବତ ହେଉନାହିଁ ତେଲ ବୋଝେଇ ଗାଡ଼ି? ପୁଲିସର ନିରବତା ପଛରେ କାରଣ କ'ଣ? ବୋଲି ସାଧାରଣରେ ଆଲୋଚନା ଜୋର ଧରିଛି।

ତେବେ ଏହି ସମସ୍ତ ଅଭିଯୋଗର ସତ୍ୟତାକୁ ସ୍ୱାଧୀନ ଭାବେ ଯାଞ୍ଚ କରାଯାଇନାହିଁ। ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ସହ ଅବୈଧ ଚୋରା ତେଲ କାରବାରକୁ ତୁରନ୍ତ ବନ୍ଦ କରିବାକୁ ସ୍ଥାନୀୟ ବାସିନ୍ଦାମାନେ ଦାବି କରିଛନ୍ତି।

## ମାନବାଧିକାର କମିଶନଙ୍କ ଶ୍ରୀବଳଦେବଜୀଉ ଦର୍ଶନ



କେନ୍ଦ୍ରାପଡ଼ା,୨୬।୬(ସଂଚାର ବ୍ୟୁରୋ): ରାଜ୍ୟ ମାନବାଧିକାର କମିଶନଙ୍କ ସଦସ୍ୟ ଚିତ୍ତରଞ୍ଜନ ମହାପାତ୍ର ସପରିବାର ଆଜି କେନ୍ଦ୍ରାପଡାର ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି । ଶ୍ରୀ ମହାପାତ୍ର ଶ୍ରୀବଳଦେବଜୀଉଙ୍କୁ ଦର୍ଶନ କରିବା ପରେ ବେଢ଼ା ପରିକ୍ରମା ସହ ମହାଲକ୍ଷ୍ମୀଙ୍କ ମନ୍ଦିର, ନବଗ୍ରହଙ୍କ ମନ୍ଦିର ଓ କନକଦୁର୍ଗାଙ୍କ ମନ୍ଦିର ପ୍ରଭୃତିକୁ ଯାଇ ଦର୍ଶନ କରିଥିଲେ। ଏହି ଦର୍ଶନ ସମୟରେ ଶ୍ରୀବଳଦେବଜୀଉଙ୍କ ଦେବୋତ୍ତର ନ୍ୟାସର ନିର୍ବାହୀ ଅଧିକାରୀ ବଳଦେବ ପତ୍ରୀ, ସେବାୟତ ଜ୍ୟୋତିରଞ୍ଜନ ପତ୍ରୀ ଓ ଭଗବାନ ସ୍ୱାଇଁଙ୍କ ସମେତ ଅନ୍ୟ ସେବାୟତମାନେ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ କରିଥିଲେ।

## ଶର୍ମିଷ୍ଠା ପାତ୍ର ନଗର ମହିଳା ବିଜେପି ସଭାନେତ୍ରୀ



ପଟ୍ଟାମୁଣ୍ଡାଇ,୨୬।୬(ସଂଚାର ବ୍ୟୁରୋ): ଆଗାମୀ ପୌର ନିର୍ବାଚନକୁ ଆଖି ଆଗରେ ରଖି ରାଜ୍ୟ ବିଜେପି ପକ୍ଷରୁ ସାଙ୍ଗଠନିକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଇଛି । ଏହି କ୍ରମରେ ପଟ୍ଟାମୁଣ୍ଡାଇ ବିଜେପି ନଗର ମଣ୍ଡଳ ବୈଠକ ଅନୁଷ୍ଠିତ ହୋଇ ପଟ୍ଟାମୁଣ୍ଡାଇ ପୌର ପରିଷଦ ୧୫ନଂ ୱାର୍ଡର ନାରୀନେତ୍ରୀ ଶର୍ମିଷ୍ଠା ପାତ୍ରଙ୍କୁ ନଗର ମହିଳା ବିଜେପି ସଭାନେତ୍ରୀ ଭାବେ ସର୍ବସମ୍ମତିକ୍ରମେ ନିର୍ବାଚିତ କରାଯାଇଛି । ଏହି ପାଇଁ ଶ୍ରୀମତୀ ପାତ୍ର ରାଜନଗରର ବିଜେପି ନେତା ଲଳିତ ବେହେରା, ଜିଲ୍ଲା ବିଜେପି ସଭାପତି ଶଶାଙ୍କ ସେଠୀ, ଜିଲ୍ଲା ମହିଳା ବିଜେପି ସଭାନେତ୍ରୀ ଜ୍ୟୋତ୍ସ୍ନାରାଣୀ ଜେନା, ନଗର ବିଜେପି ସଭାପତି ଅଶୋକ ସାହୁଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ନଗର ମହିଳା ବିଜେପି ସଭାନେତ୍ରୀ ଶର୍ମିଷ୍ଠାଙ୍କୁ ଜିଲ୍ଲା ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ମିଟୁ ମନୋଜ ନାୟକ ପିତାମ୍ବର କର ଆଡ଼ଭୋକେଟ ଶିଷର ମଲିକ ରାଜେଶ ବାରିକ ଗୋଲକ ମଲିକ ମମତା ସେଠୀ ଓ ତୁଳସୀ ବିଶ୍ୱାଳ ପ୍ରମୁଖ ବିଜେପି ନେତା ଓ କାର୍ଯ୍ୟକର୍ତ୍ତା ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

## ଦୁର୍ଘଟଣାରେ ଜଣେ ମୃତ ଓ ଦୁଇ ଗୁରୁତର



ଡେରାବିଶ,୨୬।୬(ସଂଚାର ବ୍ୟୁରୋ): ଡେରାବିଶ ଥାନା ଅନ୍ତର୍ଗତ ୫୩ ନଂ ଜାତୀୟ ରାଜପଥର ପଞ୍ଚୁପାଣ୍ଡବ ଛକ ନିକଟସ୍ଥ ଏକ ତେଲ ଟାଙ୍କି ନିକଟରେ ଗୁରୁବାର ଅପରାହ୍ନରେ ଟ୍ରକ ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଶିଶୁପୁତ୍ର ସମେତ ଜଣେ ମହିଳା ଗୁରୁତର ଆହାତ ହୋଇଛନ୍ତି। ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅଞ୍ଚଳର ରାଜୁ ବେହେରା (୨୪) କେନ୍ଦ୍ରାପଡ଼ାରୁ ନିଜ ଘରକୁ ଏକ ସ୍କୁଟି (ଓଡି-୦୨-୭୨୪୩) ରେ ତାଙ୍କର ଜଣେ ସମ୍ପର୍କୀୟ ମହିଳା ଓ ଏକ ଶିଶୁପୁତ୍ର ଧରି ତାଙ୍କ ଘରକୁ ଫେରୁଥିବା ବେଳେ ପଛପଟରୁ ତାଙ୍କୁ ଏକ ଟ୍ରକ (ଓ.ଆର.-୦୪-ଏମ୍-୬୦୯୪)ଧକ୍କା ଦେଇଥିବା ପ୍ରତ୍ୟେକ୍ଷଦର୍ଶୀଙ୍କ ଠାରୁ ସୂଚନା ମିଳିଛି। ସମସ୍ତଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନିଆ ଯାଇଥିଲା। ସେଠାରେ ଅଧିକ ଗୁରୁତର ହେବାରୁ ଶିଶୁପୁତ୍ର ଓ ମହିଳାଙ୍କୁ କଟକ ବଡ଼ଡାକ୍ତରଖାନାକୁ ଚିକିତ୍ସା ପାଇଁ ସ୍ଥାନାନ୍ତରିତ କରାଯାଇଥିବା ବେଳେ ରାଜୁଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ପଠାଯାଇଥିଲା। କେନ୍ଦ୍ରାପଡ଼ାରେ ରାଜୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ଡେରାବିଶ ପୁଲିସ ଘଟଣା ସ୍ଥଳରେ ପହଞ୍ଚିବା ସହ ଦୁର୍ଘଟଣା ଘଟାଇଥିବା ଟ୍ରକ ଓ ସ୍କୁଟିକୁ ଜବତ କରିଛନ୍ତି।

## ଭାରୋତ୍ତୋଳନ ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ସମ୍ବର୍ଦ୍ଧନା

ଡେରାବି,୨୬।୬ (ସଂଚାର ବ୍ୟୁରୋ): ଜାତୀୟ ପାୱାର ଲିଫ୍ଟିଂ ଯୁବବର୍ଗରେ ଅଂଶଗ୍ରହଣ କରି ସ୍ୱର୍ଣ୍ଣ ପଦକ ବିଜେତା ହୋଇଥିବା ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଦୁମୁକାହାଟ ଗ୍ରାମର ବ୍ରହ୍ମାଂଶୁ ମହାରଣା (୧୭) ଙ୍କୁ ଆଜି କେନ୍ଦ୍ରାପଡ଼ା କ୍ରେଡିଟ୍ କୋଅପରେଟିଭ୍ ସୋସାଇଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଦୁମୁକାହାଟ ସ୍ଥିତ ବାସଭବନରେ ସୋସାଇଟିର ସଭାପତି ପ୍ରମୋଦ କୁମାର ସାହୁ ପହଞ୍ଚି ବ୍ରହ୍ମାଂଶୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସୋସାଇଟି ମୁଖ୍ୟ ଶାଖାର ପରିଚାଳକ ପଙ୍କଜ ମଲିକ, କର୍ମଚାରୀ ରାଜକିଶୋର କରଙ୍କ ଉପସ୍ଥିତିରେ ବ୍ରହ୍ମାଂଶୁଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲାକୁ ଗୌରବାନ୍ୱିତ କରିଥିବାରୁ ସୋସାଇଟି ପକ୍ଷରୁ ତାଙ୍କୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ଶ୍ରୀ ସାହୁ ପ୍ରଦାନ କରିଥିଲେ। ବ୍ରହ୍ମାଂଶୁଙ୍କର ଏହି ସଫଳତା ଜିଲ୍ଲାର ଅନ୍ୟ ଯୁବ ଓ ଛାତ୍ର ବର୍ଗଙ୍କୁ ପ୍ରେରଣା ଯୋଗାଇଥିବା ଶ୍ରୀ ସାହୁ କହିଛନ୍ତି। ସୂଚନାଯୋଗ୍ୟ ଚଳିତ ଜୁନ୍ ମାସ ୪ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ଉତର ପ୍ରଦେଶ ମଥୁରା ସ୍ଥିତ ରାଧାକୁଣ୍ଡ ଠାରେ ଆଦିଗୌଡ଼ ବିଦ୍ୟାଳୟ ପରିସରରେ ଜାତୀୟ ଭାରଉତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୭୫ କେଜି ଯୁବବର୍ଗ ବିଭାଗରେ ଭାଗ ନେଇ ବ୍ରହ୍ମାଂଶୁ ସ୍ୱର୍ଣ୍ଣ ପଦକ ବିଜେତା ହୋଇଥିଲେ। ତେବେ କ୍ରେଡିଟ୍ କୋଅପରେଟିଭ୍ ସୋସାଇଟି ପକ୍ଷରୁ ବ୍ରହ୍ମାଂଶୁଙ୍କୁ ଏହି ପ୍ରୋତ୍ସାହନ ପ୍ରଦାନ କରାଯାଇଥିବାରୁ ପରିବାର ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ସାହୁଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।



## କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ପରେ ଆମରଣ ଅନଶନ ପ୍ରତ୍ୟାହୃତ




ପଟ୍ଟାମୁଣ୍ଡାଇ,୨୬।୬ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ଜଳସମ୍ପଦ କାର୍ଯ୍ୟାଳୟ ଠାରେ ଶାସନ ପଂଚାୟତର କେତେକ ଅଧିବାସୀ ୨୨ତାରିଖ ଠାରୁ କରିଥିବା ଆମରଣ ଅନଶନରେ ଆଜି ୫ମ ଦିବସରେ ପହଁଚିଥିଲା । ଅନଶନକାରୀ ମାନେ ୧୬ନଂ କେନାଲ ରାସ୍ତା କାମ ଦୁର୍ନୀତିର ଉପଯୁକ୍ତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବିରେ ଆମରଣ ଅନଶନ କରିଥିଲେ। ପ୍ରଶାନ୍ତ ମହାନ୍ତି, ଧ୍ରୁବ ପାଣ୍ଡୁଵ ରମାକାନ୍ତ ଦାଶ,ଅର୍ଜୁନ ସାହୁ, ତୀର୍ଥ ପରିଡା ରଶ୍ମିକାନ୍ତ କୁଣ୍ଡ ପ୍ରମୁଖ ଆମରଣ ଅନଶନରେ ବସିଥିଲେ । ଆମରଣ ଅନଶନ ୪ର୍ଥ ଦିବସରେ ଅନଶନକାରୀଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କ ମଧ୍ୟରୁ ପ୍ରଶାନ୍ତ ରମାକାନ୍ତ ଅର୍ଜୁନ ଓ ରଶ୍ମିକାନ୍ତଙ୍କୁ ପ୍ରଥମେ ପଟ୍ଟାମୁଣ୍ଡାଇ ପରେ ପରେ ତତ୍କାଳ ଚିକିତ୍ସା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେମାନେ ସୁସ୍ଥ ହୋଇ ଫେରି ପୁଣି ଆମରଣ ଅନଶନ ଜାରି ରଖିଥିଲେ ।

ପରିସ୍ଥିତି ଦିନକୁ ଦିନ ଜଟିଳ ହେଉଥିବା ଅନୁଭବ କରିବା ପରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଏଥିରେ ହସ୍ତକ୍ଷେପ କରିଥିଲେ । କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର ଓ ଏସ ପି ସିଦ୍ଧାର୍ଥ କଟାରିଆ ପଟ୍ଟାମୁଣ୍ଡାଇ ବ୍ଲକରେ ପହଂଚି ଅନଶନକାରୀଙ୍କୁ ଡାକି ସେମାନଙ୍କ ଦାବୀ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଜିଲ୍ଲାପାଳ ଅନଶନକାରୀଙ୍କ ଦାବୀ ଅନୁଯାୟୀ ୧୬ନଂ କେନାଲ ରାସ୍ତା ନିର୍ମାଣ ନେଇ ହୋଇଥିବା ଅଭିଯୋଗ ସମ୍ପର୍କରେ ତଦନ୍ତ ପାଇଁ ଜଳସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀଙ୍କୁ ଲେଖିବା ପରେ ମୁଖ୍ୟଯନ୍ତ୍ରୀ ଏହି ରାସ୍ତା ନିର୍ମାଣ ସମ୍ପର୍କରେ ତଦନ୍ତ ପାଇଁ ଏକ କମିଟି ଗଠନ କରିଥିବା ଓ କମିଟି ରିପୋର୍ଟ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅନଶନକାରୀଙ୍କୁ ଜଣାଇଥିଲେ। ସମସ୍ତ ଦାବୀ ଉପରେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ ଓ ଏସପି ପ୍ରତିଶ୍ରୁତି ଦେବା ପରେ ଅନଶନକାରୀ ଅନଶନ ପ୍ରତ୍ୟାହାର ପାଇଁ ରାଜି ହୋଇଥିଲେ । ଜିଲ୍ଲାପାଳ ଓ ଏସ ପିଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇ ଆଇ ସି ବନ୍ଦନା ପାତ୍ର ଅନଶନକାରୀଙ୍କୁ ଫଳରସ ପିଆଇବା ପରେ ଆମରଣ ଅନଶନ ପ୍ରତ୍ୟାହୃତ ହୋଇଥିଲା ।

## ତିଖିରୀ ସରପଞ୍ଚ ଚାମେଲି ଓଝାଙ୍କ ଘଟଣା

## ପ୍ରଶାନ୍ତ ସେଠୀଙ୍କ ସମେତ ଅନ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବି



କେନ୍ଦ୍ରାପଡ଼ା,୨୬।୬(ସଂଚାର ବ୍ୟୁରୋ): ମହିଳା ସରପଞ୍ଚ ଚାମେଲି ଓଝାଙ୍କ ସହ ବ୍ଲକ ପ୍ରଶାସନର ବିବାଦ ଘଟଣାରେ ପ୍ରଶାନ୍ତ ସେଠୀଙ୍କ ସମେତ ଅନ୍ୟ ଅଭିଯୁକ୍ତ ମାନଙ୍କୁ ତୁରନ୍ତ ଗିରଫ କରାଯିବାକୁ ଚାମେଲି ଦାବି କରିଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ବ୍ଲକ ତିଖିରୀ ଗ୍ରାମ ପଞ୍ଚାୟତ ସରପଞ୍ଚ ଚାମେଲି ଓଝା ମହାକାଳପଡ଼ା ବ୍ଲକ ପ୍ରଶାସନ ମଧ୍ୟରେ ହୋଇଥିବା ବିବାଦ ଘଟଣାରେ ସଂପୃକ୍ତ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦାବିରେ ସରପଞ୍ଚ ଚାମେଲି ଓଝା କେନ୍ଦ୍ରାପଡ଼ା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦେଇଥିଲେ । ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ ଧାରଣା ସ୍ଥଳକୁ ଆସି ଚାମେଲିଙ୍କ ସହିତ ଆଲୋଚନା କରି ତିନିଦିନ ମଧ୍ୟରେ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେବା ପରେ ସରପଞ୍ଚ ଚମେଲି ଓଝା ଧାରଣା ପ୍ରତ୍ୟାହାର କରିନେଇଥିଲେ ।

ଘଟଣା ଅନୁଯାୟୀ ଚଳିତ ମାସ ୧୧ ତାରିଖରେ ସରପଞ୍ଚ ଚାମେଲି ଓଝା ମହାକାଳପଡ଼ା ବ୍ଲକ କାର୍ଯ୍ୟାଳୟକୁ ଯାଇ ବିଡିଓ ରବିନାରାୟଣ ଆଚାର୍ଯ୍ୟଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରୁଥିବା ସମୟରେ ମହାକାଳପଡା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକଙ୍କ ଗୋଷ୍ଠୀର କେତେକ ଯୁବକ ତାଙ୍କ ସହିତ ଗଣ୍ଡଗୋଳ କରି ତାଙ୍କୁ ଗାଳିଗୁଲଜ କରିଥିଲେ । ଏହି ଘଟଣା ସାରା ଓଡିଶାରେ ଚର୍ଚ୍ଚାର ବିଷୟ ହୋଇଥିଲା । ଚାମେଲି ବିଡିଓ ଏବଂ ମହାକାଳପଡ଼ା ପୋଲିସ ନାମରେ ଅଭିଯୋଗ ଆଣିଥିବା ବେଳେ ବିଡିଓ ଏବଂ ମହାକାଳପଡ଼ା ପୋଲିସ ତାଙ୍କ ନାମରେ ମଧ୍ୟ ପାଲଟା ଅଭିଯୋଗ କରିଥିଲେ । ଚାମେଲି ଓଝାଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ପ୍ରଶାନ୍ତ ସେଠୀଙ୍କ ସମେତ ଅନ୍ୟ ୪ଜଣଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି । ସେହିପରି ବିଡିଓ ଏବଂ ପୋଲିସକୁ ମାମଲାରୁ ବାଦ ଦିଆଯାଇଥିବାରୁ ସରପଞ୍ଚ ଚାମେଲି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପୋଲିସ ମହାନିର୍ଦ୍ଦେଶକ ଏବଂ ଆରକ୍ଷୀ ଅଧୀକ୍ଷକଙ୍କୁ ୧୭ ତାରିଖରେ ଲିଖିତ ଭାବେ ଜଣାଇଥିଲେ।

ତାଙ୍କ ଏତଲାରେ ଥିବା ଅଭିଯୁକ୍ତମାନେ ହେଉଛନ୍ତି ପ୍ରଶାନ୍ତ ସେଠୀ, ମାନସ ମହାନ୍ତି, ବିଷ୍ଣୁପଦ ମଣ୍ଡଳ, ରୋହିତ ରାଉତ, ବିଶ୍ୱଜିତ ମହାପାତ୍ର, ଚନ୍ଦ୍ରକାନ୍ତ ସ୍ୱାଇଁ ଓ ହରିଶ ଲେଙ୍କାଙ୍କ ସମେତ ଅନ୍ୟ ୧୨ଜଣ । ତୁରନ୍ତ ପ୍ରଶାନ୍ତ ସେଠୀଙ୍କ ସମେତ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବାକୁ ଚାମେଲି ଦାବି କରିଛନ୍ତି । ନଚେତ ସେ ପୁନର୍ବାର ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

## କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନରେ ରକ୍ତଦାନ ଶିବିର

### ୮୬ ୟୁନିଟ୍ ରକ୍ତ ସଂଗୃହିତ




କେନ୍ଦ୍ରାପଡ଼ା,୨୬।୬(ସଂଚାର ବ୍ୟୁରୋ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଶୁଭ ଜନ୍ମଦିନ ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲାର ଗୋପସ୍ଥିତ କମଳ ଭବନଠାରେ ଆଜି ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରକ୍ତଭଣ୍ଡାର ବିଭାଗର ସହଯୋଗରେ ଆୟୋଜିତ ଏହି ଶିବିରରୁ ମୋଟ ୮୬ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ମହତ୍ କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଯୁବକ-ଯୁବତୀ ଏବଂ ଜିଲ୍ଲା ବିଜେପିର କାର୍ଯ୍ୟକର୍ତ୍ତାମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ସମାଜ ପ୍ରତି ନିଜର ଦାୟିତ୍ୱବୋଧର ପରିଚୟ ଦେଇଥିଲେ।

ବରିଷ୍ଠ ବିଜେପି ନେତା ପ୍ରଫେସର ଭୁବନ ମୋହନ ଜେନା ଓ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡ. ନମିତା ପଟ୍ଟନାୟକ ଆୟୋଜିତ ଏହି ଶିବିରକୁ ଉଦଘାଟନ କରିଥିଲେ । ଏହି ଶିବିରକୁ ସଫଳ କରିବାରେ ଉମେଶ ଦାସ, ବରିଷ୍ଠ ବିଜେପି ନେତା ଅଲେଖ ଜେନା ନୀଳମଣି ସାହାଣୀ, ପ୍ରସନ୍ନ ପରିଡ଼ା,ରଶ୍ମିରଞ୍ଜନ ପ୍ରଧାନ, ହେମନ୍ତ ପରିଡ଼ା, କରୁଣାକର ସାହୁ, ଉର୍ମିଳା ସେଠୀ, ଅଚ୍ୟୁତାନନ୍ଦ ସ୍ୱାଇଁ, ଚିରଞ୍ଜୀବ ନାୟକ, ଚନ୍ଦନ କୁମାରମଲିକ, ଶଶିକାନ୍ତ ମଲିକ, ସ୍ମୃତିରଞ୍ଜନ ଜେନା, ଅମୃତ ମହାନ୍ତି, ଅମୃତ ସ୍ୱାଇଁ, ଦେବାଶିଷ ଦାସ, ପ୍ରଶାନ୍ତ ସାମଲ,ଅଂଶୁମାନ ମହାରଣା, ଶିବ ପ୍ରକାଶ ଜେନା, ସୁରଥ ସେଠୀ, ସିଦ୍ଧାର୍ଥ କୁମାର ଜେନା, ଅକ୍ଷୟ ଦାସ, ମିଳନ ଓଝା, ଚିତ୍ତ ରଞ୍ଜନ ଦାସ, ରୋଜାଲିନ ମହାନ୍ତି, ମାନସ ରଞ୍ଜନ ପ୍ରଧାନ, ଶକ୍ତି ସ୍ୱରୂପ ସାହୁ, ଦୀପକ ବେହେରା, ବିକାଶ ରଞ୍ଜନ ସ୍ୱାଇଁ, ଚନ୍ଦନ ରାଉତରାୟ, ମନୋଜ ସାହୁ, ମାନସ ସେଠୀ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ସକ୍ରିୟ ସହଯୋଗ କରିଥିଲେ। ଉପସ୍ଥିତ ଅତିଥିମାନେ ରକ୍ତଦାନକୁ ମହାଦାନ ବୋଲି ଅଭିହିତ କରି ଏଭଳି ସେବାମୂଳକ କାର୍ଯ୍ୟକ୍ରମ ସମାଜରେ ମାନବିକତା ଓ ସାମାଜିକ ସଚେତନତା ବୃଦ୍ଧିରେ ସହାୟକ ହେବ ବୋଲି ମତ ପ୍ରକାଶ କରିଥିଲେ।

## ହରିଅଙ୍କରେ ପଞ୍ଚାୟତସ୍ତରୀୟ ସୁଭଦ୍ରାଶକ୍ତି ସମାବେଶ



ଡେରାବିଶ,୨୬।୬(ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଅନ୍ତର୍ଗତ ହରିଅଙ୍କ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଜି ଗ୍ରାମପଞ୍ଚାୟତ ସ୍ତରୀୟ ସୁଭଦ୍ରା ଶକ୍ତି ସମାବେଶ ଓ ସୁଭଦ୍ରା ଶକ୍ତି ସମ୍ବାଦ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହରିଅଙ୍କ ସରପଞ୍ଚ କନକଲତା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବିଏଲସି ତଥା ହରିଅଙ୍କ ପଞ୍ଚାୟତ ନୋଡାଲ ଅମୀୟ କୁମାର ରାଉତ ଯୋଗଦେଇ ଗ୍ରାମାଞ୍ଚଳର ମହିଳାମାନେ କିପରି ସ୍ୱାବଲମ୍ବି ହେବା ସହିତ ନିଜର ତଥା ନିଜର ପରିବାରର ଉନ୍ନତି କରିପାରିବେ ସେ ସମ୍ପର୍କରେ ବୁଝାଇଥିଲେ। ସରକାରଙ୍କ ଦୁଇବର୍ଷ ପୂର୍ତି ଅବସରରେ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଓ ବିଶେଷ କରି ମହିଳାମାନଙ୍କୁ ଅର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ପାଇଁ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ବୁଝାଇ କହିଥିଲେ।

ଏହି କାର୍ଯ୍ୟକ୍ରମରେ ସମାଜସେବୀ ସୁଖଦାନନ୍ଦ ପ୍ରଧାନ ଓ ସୁପରଭାଇଜର ମନୋରମା ଓଝା ସମ୍ମାନିତ ଅତିଥିଭାବେ ଯୋଗଦେଇ ପରିବାରର ଆର୍ଥିକ ଅଭିବୃଦ୍ଧିରେ ମହିଳାମାନଙ୍କର ମୁଖ୍ୟ ଭୂମିକା ରହିଥିବା ପ୍ରକାଶ କରିଥିଲେ। ଏହି ଅବସରରେ ଅତିଥିମାନେ ପଞ୍ଚାୟତର ଜନସାଧାରଣଙ୍କୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣ ଯୋଜନା କାର୍ଡ଼, ଅନ୍ତୋଦୟ ଆବାସ ଯୋଜନା, ଆୟୁଷ୍ମାନ କାର୍ଡ଼ ଇତ୍ୟାଦି ବଣ୍ଟନ କରିଥିଲେ। ପ୍ରାରମ୍ଭରେ ଏମ୍‌ବିକେ ମାନସୀ ନାୟକ ସ୍ୱାଗତ ଭାଷଣ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ବେଳେ ନାଏବ ସରପଞ୍ଚ ସର୍ବେଶ୍ୱର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ।

ଏହି କାର୍ଯ୍ୟକ୍ରମକୁ ହରିଅଙ୍କ ପଞ୍ଚାୟତ ମହାସଂଘର ସଭାନେତ୍ରୀ ନିର୍ମଳା ରାୟ, ସମ୍ପାଦିକା ସୌଦାମିନୀ ସ୍ୱାଇଁ, ପଞ୍ଚାୟତ ଏଡିଓ ସଞ୍ଜୟ କୁମାର ନାୟକ, ପଞ୍ଚାୟତର ସମସ୍ତ ୱାର୍ଡ଼ ସଭ୍ୟ ସଭ୍ୟା ପରିଚାଳନାରେ ସହଯୋଗ କରିଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ମିଶନଶକ୍ତି ବିଭାଗ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ଅନ୍ତର୍ଗତ ସ୍ୱୟଂ ସହାୟିକା ଗୋଷ୍ଠୀର ଶତାଧିକ ମହିଳା ଯୋଗଦେଇଥିଲେ।

## ସ୍ୱାମୀଙ୍କ ସହ ଝଗଡା କରି ପୁଅକୁ ନେଇ ସ୍ତ୍ରୀ ଫେରାର

ନୀଳଗିରି,୨୬।୬(ସଂଚାର ବ୍ୟୁରୋ): ନୀଳଗିରି ଥାନାଅଧିନସ୍ଥ ଶ୍ୟାମସୁନ୍ଦରପୁର ପଂଚାୟତ ଜୁରିଆପାଟଣା ଗ୍ରାମର ଭାସ୍କର ମଲ୍ଲିକ(୫୧) ଓ ପୂଜା ମଲ୍ଲିକ(୪୧) ଅଗ୍ନିକୁ ସାକ୍ଷୀ ରଖି ସାତ ଜନ୍ମ ପାଇଁ ହିନ୍ଦୁ ବୈବାହିକ ରୀତିନୀତିରେ ବିବାହ ବନ୍ଧନରେ ବାନ୍ଧି ହୋଇ ସଂସାର ଗଢିଥିଲେ। ତାଙ୍କ ବିବାହ ୨୪ବର୍ଷ ପୁରଣ ହୋଇଛି। ତାଙ୍କ ଔରସରୁ ଦୁଇଟି ଝିଅ ଗୋଟେ ପୁଅ ଥିଲେ। ଝିଅ ଦୁଇଟିର ବିବାହ ସରିଥିଲେ ମଧ୍ୟ ପୁଅ ବୟସ ୧୧ବର୍ଷ ହୋଇଛି। ଜୁନ ୧୫ତାରିଖ ରଜ ସଂକ୍ରାନ୍ତି ସ୍ୱାମୀ-ସ୍ତ୍ରୀଙ୍କ ଭିତରେ ବୟସ ବ୍ୟବଧାନ ଓ ଅର୍ଥ ସଙ୍କଟ କଥାକୁ ନେଇ ବଚସାରୁ ଝଗଡା ଉଗ୍ର ରୂପ ନେଇଥିଲା। ଫଳରେ ସକାଳ ୮ଟା ସମୟରେ ଘରର ପଛପଟେ ଦେଇ ସମସ୍ତ ଦରକାରୀ କାଗଜ ପତ୍ର, ମୂଲ୍ୟବାନ ସୁନା ଗହଣା, ଟଙ୍କା ଓ ପୁଅ କ୍ରିଷ୍ଣା ମଲିକ କୁ ନେଇ କୁଆଡେ ଚାଲିଯାଇଛନ୍ତି ବୋଲି ଅନୁମାନ। ଆଜକୁ ୧୨ଦିନ ହୋଇଥିଲେ ବି ସ୍ତ୍ରୀ ପୂଜାର କିଛି ପତ୍ତା ମିଳୁନଥିବାରୁ ସ୍ୱାମୀ ବାଧ୍ୟ ହୋଇ ଈଶ୍ୱରପୁର ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଭାସ୍କର ମଲ୍ଲିକ ପୋଲିସ ପ୍ରଶାସନ ଉପରେ ଭରସା ରଖିଛନ୍ତି ତାଙ୍କୁ ତାଙ୍କ ପରିବାରକୁ ଏକାଠି କରାଇବାର ସହଯୋଗ କରିବେ ବୋଲି।

## ଧର୍ମେନ୍ଦ୍ରଙ୍କ ଜନ୍ମଦିନରେ ଅସ୍ତରଙ୍ଗରୁ ଦିଲ୍ଲୀ ଯାଏଁ ଶୁଭେଚ୍ଛାର ଜୁଆର



କାକଟପୁର/ଅସ୍ତରଙ୍ଗ,୨୬।୬ (ସଂଚାର ବ୍ୟୁରୋ): ଓଡ଼ିଶାର ଗର୍ବ, କେନ୍ଦ୍ର ମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନଙ୍କ ୫୭ତମ ଶୁଭ ଜନ୍ମଦିନ ଅବସରରେ ଗତକାଲି (ଶୁକ୍ରବାର) ସନ୍ଧ୍ୟାରେ ପୁରୀ ଜିଲ୍ଲା ଅସ୍ତରଙ୍ଗରେ ଏକ ନିଆରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ତଥା ବିଶିଷ୍ଟ ସମାଜସେବୀ ଶ୍ରୀଯୁକ୍ତ ଦିବାକର ଛାଟୋଇଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ କର୍ମୀ ଓ ଜନସାଧାରଣ ସାମିଲ ହୋଇଥିଲେ।

ସନ୍ଧ୍ୟା ୭ଟାରେ ଅସ୍ତରଙ୍ଗ ବଜାର ନିକଟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଫଟୋଚିତ୍ର ସମ୍ବଳିତ ଏକ ବିଶାଳ ବ୍ୟାନରରେ ଲେଖାଥିଲା - "ଓଡ଼ିଶାର ଗର୍ବ ଓ ଗୌରବ, ମାନନୀୟ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିବସ ଅବସରରେ ଆୟୁଷ୍ମାନ ହେବା ସହ ସୁସ୍ଥ, ନୀରୋଗ, ଦୀର୍ଘ ଜୀବନ ଓ ନିରନ୍ତର ସଫଳତା ପ୍ରାର୍ଥନା"। ଦିବାକର ଛାଟୋଇ ନିଜେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସେ କହିଥିଲେ, "ଧର୍ମେନ୍ଦ୍ର ଭାଇ କେବଳ ଜଣେ ମନ୍ତ୍ରୀ ନୁହଁନ୍ତି, ସେ ହେଉଛନ୍ତି ଓଡ଼ିଶାର ଅସ୍ମିତା। ପଞ୍ଚାୟତରୁ ପାର୍ଲିଆମେଣ୍ଟ ଯାଏଁ ତାଙ୍କ ସଂଘର୍ଷ ପ୍ରତ୍ୟେକ ଓଡ଼ିଆ ଯୁବକଙ୍କ ପାଇଁ ପ୍ରେରଣା। ତାଙ୍କ ନେତୃତ୍ୱରେ 'ସ୍କିଲ୍ ଇଣ୍ଡିଆ', 'ଡିଜିଟାଲ୍ ଇଣ୍ଡିଆ' ମାଧ୍ୟମରେ ଓଡ଼ିଶାର ଲକ୍ଷ ଲକ୍ଷ ପିଲା ଆତ୍ମନିର୍ଭର ହେଉଛନ୍ତି। ଆଜି ଅସ୍ତରଙ୍ଗ ମାଟିରୁ ଆମେ ତାଙ୍କ ଶତାୟୁ କାମନା କରୁଛୁ"।

କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳା କର୍ମୀମାନେ ମା' ମଙ୍ଗଳାଙ୍କ ନିକଟରେ କେନ୍ଦ୍ରମନ୍ତ୍ରୀଙ୍କ ଦୀର୍ଘ ଜୀବନ ପାଇଁ ଦୀପ ଦାନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସମସ୍ତେ ସମୂହ ସଂକଳ୍ପ ନେଇଥିଲେ - "ଧର୍ମେନ୍ଦ୍ର ଭାଇଙ୍କ ହାତ ମଜବୁତ କରି ମୋଦୀଙ୍କ 'ବିକଶିତ ଓଡ଼ିଶା, ବିକଶିତ ଭାରତ' ସ୍ୱପ୍ନକୁ ସାକାର କରିବା"। ଉପସ୍ଥିତ ଜନତା 'ଜୟ ଜଗନ୍ନାଥ', 'ଧର୍ମେନ୍ଦ୍ର ଭାଇ ଜିନ୍ଦାବାଦ' ଧ୍ୱନିରେ ପରିବେଶ ଉତ୍ସବମୁଖର କରିଥିଲେ।

## ଦୃଷ୍ଟିହୀନ ଦମ୍ପତିଙ୍କ ନାମରେ ଋଣ କରି ଲୁଟିନେଲେ ବିଧାୟକଙ୍କ ପାଖଲୋକ

### ପୁଲିସର ଉଦାସୀନତା ବିରୋଧରେ ଜିଲ୍ଲାପାଳଙ୍କୁ ଅଭିଯୋଗ



କେନ୍ଦ୍ରାପଡ଼ା,୨୬।୬(ସଂଚାର ବ୍ୟୁରୋ): ଏକ ଦୃଷ୍ଟିହୀନ ଦମ୍ପିଙ୍କ ନାମରେ ଋଣ କରି ସଂପୂର୍ଣ୍ଣ ଋଣ ଅର୍ଥକୁ ହଡପ କରିନେଇଛନ୍ତି ମହାକାଳପଡା ବିଧାୟକଙ୍କ ପାଖଲୋକ ତଥା ବିଜେପିର ମଣ୍ଡଳ ସଭାପତି ରଶ୍ମୀରଞ୍ଜନ ସ୍ୱାଇଁ । ଏନେଇ ସଂପୃକ୍ତ ଦମ୍ପି ଆଜି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଅଭିଯୋଗରୁ ପ୍ରକାଶ ଯେ କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ଥାନା ଅଧିନ ପଳାସପୁର ଗ୍ରାମର ସୋନୁ ମଳିକଙ୍କ ପତ୍ନୀ ରିଙ୍କି ମଳିକଙ୍କ ନାମରେ ଭାରତ ଫାଇନାନ୍ସ କମ୍ପାନୀରୁ ଏକ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ୩ଟି ଋଣ କରାଯାଇଛି । କିନ୍ତୁ ଏହି ଋଣ ସମ୍ପର୍କରେ ରିଙ୍କି କିମ୍ବା ତାଙ୍କ ସ୍ୱାମୀ ସୋନୁ କିଛି ଜାଣି ନାହାନ୍ତି । ତାଙ୍କ ଗ୍ରାମର ବିଜେପି ମଣ୍ଡଳ ସଭାପତି ରଶ୍ମୀରଞ୍ଜନ ସ୍ୱାଇଁଙ୍କ ପତ୍ନୀ ତଥା ସେହି ଗ୍ରାମର ଭାରତ ଫାଇନାନ୍ସ କମ୍ପାନୀର ଋଣ ପରିଚାଳକ ମାନସୀ ସ୍ୱାଇଁଙ୍କ ସହିତ ମିଶି ରଶ୍ମୀରଞ୍ଜନ ଏହି ଭୀନ୍ନକ୍ଷମ ଦମ୍ପିଙ୍କ ନାମରେ ଋଣ କରାଇ ଲୁଟ କରିନେଇଛନ୍ତି। ପଳାସପୁର ଗ୍ରାମରେ ରଶ୍ମୀରଞ୍ଜନଙ୍କର ଏକ ଜନସେବା କେନ୍ଦ୍ର ରହିଛି । ରିଙ୍କି ମଳିକ ପ୍ରତ୍ୟେକ ମାସରେ ଭା ଉଠାଇବାକୁ ରଶ୍ମୀରଞ୍ଜନଙ୍କ ଜନସେବା କେନ୍ଦ୍ରକୁ ଯାଇଥାନ୍ତି । ସେଠାରେ ରିଙ୍କିଙ୍କ ଟିପଚିହ୍ନ, ଆଧାର ଫଟୋ ପ୍ରଭୃତି ରଶ୍ମୀରଞ୍ଜନଙ୍କ ଜନସେବା କେନ୍ଦ୍ରରେ ରହିଛି । ଏହାର ସୁଯୋଗ ନେଇ ରଶ୍ମୀରଞ୍ଜନ ଓ ତାଙ୍କ ପତ୍ନୀ ମାନସୀ ରିଙ୍କିଙ୍କ ନାମରେ ତିନୋଟି ଋଣ କରି ସେହି ଅର୍ଥକୁ ସଂପୂର୍ଣ୍ଣ ଭାବେ ହଡପ କରିନେଇଛନ୍ତି । ଭାରତ ଫାଇନାନ୍ସ କମ୍ପାନୀର ଶାଖା ପରିଚାଳକ ସୋନୁଙ୍କ ଘରକୁ ଆସି ଶୀଘ୍ର ଋଣ ଶୁଝିବାକୁ କହିବା ପରେ ଭିନ୍ନକ୍ଷମ ଦମ୍ପି ଋଣ ସମ୍ପର୍କରେ ଜାଣିଥିଲେ ।

ଏସମ୍ପର୍କରେ ରିଙ୍କି ମାର୍ଶାଘାଇ ଥାନାରେ ୨୦୨୫ ମସିହା ଡିସେମ୍ବର ମାସ ୯ତାରିଖରେ ଲିଖିତ ଅଭିଯୋଗ କରିବା ପରେ ଥାନା କେଶ ନମ୍ବର -୩୮୧/୨୦୨୫ରେ ବିଏନଏସର ଧାରା ୩୧୮(୪), ୨୯୬, ୩୫୧(୨) ଓ ୩(୫)ରେ ଏକ ମାମଲା ପୋଲିସ ରୁଜୁ କରିଥିଲା । ଏହି କେଶର ତଦନ୍ତ ଭାର ସବଇନ୍ସପେକ୍ଟର ଧରିତ୍ରୀ ଜେନାଙ୍କୁ ଦିଆଯାଇଥିଲା । ଏହା ମଧ୍ୟରେ ୬ମାସ ପୁରଣ ହୋଇଥିଲେବି ଭିନ୍ନକ୍ଷମ ରିଙ୍କି ପୋଲିସ ପାଖରୁ କୌଣସି ନ୍ୟାୟ ନପାଇବାରୁ ଆଜି ଜିଲ୍ଲାପାଳଙ୍କ ନିକଟରେ ପୋଲିସର ଉଦାସୀନତା ବିରୋଧରେ ଅଭିଯୋଗ କରିଛନ୍ତି । ଏଥିସହିତ ସେମାନେ ଅଭିଯୋଗ କରିଛନ୍ତି ଯେ ରଶ୍ମୀରଞ୍ଜନ ମହାକାଳପଡା ବିଧାୟକଙ୍କ ପାଖ ଲୋକ ହୋଇଥିବାରୁ ପୋଲିସ କିଛି ପଦକ୍ଷେପ ଗ୍ରହଣ କରୁନାହିଁ । ଏଥିସହିତ ରଶ୍ମୀରଞ୍ଜନ ସେମାନଙ୍କୁ ଧମକ ଦେଉଥିବାରୁ ସେମାନଙ୍କ ଜୀବନ ପ୍ରତି ମଧ୍ୟ ବିପଦ ରହିଛି । ତେଣୁ ଏହି ଘଟଣାର ଏକ ନିରପେକ୍ଷ ତଦନ୍ତ କରାଯାଇ ତୁରନ୍ତ ଭିନ୍ନକ୍ଷମ ଦମ୍ପିଙ୍କୁ ନ୍ୟାୟ ପ୍ରଦାନ କରାଯିବାକୁ ସେମାନେ ଜିଲ୍ଲାପାଳଙ୍କ ନିକଟରେ ନିବେଦନ କରିଛନ୍ତି।

ଏଠାରେ ସୂଚନା ଯୋଗ୍ୟ ଯେ ମାର୍ଶାଘାଇ ଥାନାଧିକାରୀ ଭାବରେ ତପନ କୁମାର ନାୟକ ଅବସ୍ଥାପିତ ଅଛନ୍ତି । ଶ୍ରୀ ନାୟକ ଏହି ଜିଲ୍ଲାର ବିଭିନ୍ନ ଥାନାରେ ପ୍ରାୟ ୧୦ବର୍ଷରୁ ଉର୍ଦ୍ଧ୍ୱ ରହିବା ପରେ ଅନ୍ୟ ଜିଲ୍ଲାକୁ ବଦଳି ହୋଇ ଯାଇଥିଲେ। କିନ୍ତୁ ଶ୍ରୀ ନାୟକ ପୁନର୍ବାର ଏହି ଜିଲ୍ଲାକୁ ବଦଳି ହୋଇ ଆସି ମାର୍ଶାଘାଇ ଭଳି ଏକ ସ୍ପର୍ଶକାତର ତଥା ସମ୍ବେଦନଶୀଳ ଥାନାରେ ଅବସ୍ଥାପିତ ହୋଇଛନ୍ତି ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ଶନିବାର ୨୭ ଜୁନ୍ ୨୦୨୬, ଭୁବନେଶ୍ୱର
Saturday 27 June 2026, Bhubaneswar

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# କେବେ ହଟିବ ଯୌତୁକ ବ୍ୟାଧି?




ଆଜିର ଆଧୁନିକ ଓଡ଼ିଶାରେ ମଧ ଯୌତୁକ ପ୍ରଥା ଏକ ଘୃଣ୍ୟ ସମାଜିକ କୁପ୍ରଥା ଭାବରେ ଜାରି ରହିଛି। ଏହା କେବଳ ଏକ ଆର୍ଥିକ ଲେଣଦେଣ ନୁହେଁ, ବରଂ ଏକ ମାନସିକ ଓ ସାମାଜିକ ରୋଗ ଯାହା ପରିବାର ସମ୍ପର୍କକୁ ବିଷାକ୍ତ କରି ଦେଉଛି। ବିବାହ ଯାହା ଦୁଇଟି ପରିବାରର ମଧୁର ମିଳନ ହେବା କଥା, ସେହି ବିବାହ ଯୌତୁକର ନାମରେ ଏକ ବ୍ୟବସାୟିକ ଚୁକ୍ତି ପାଲଟି ଯାଉଛି।

ଯୌତୁକ ପ୍ରଥାର ମୂଳ ଏତେ ଗଭୀର ଯେ, ଶିକ୍ଷିତ ଯୁବକ-ଯୁବତୀ, ସହରୀ ପରିବାର ଏବଂ ଗ୍ରାମୀଣ ସମାଜ ସବୁଠାରେ ଏହାର ପ୍ରଭାବ ଦେଖାଯାଉଛି। ପୁଅ ପକ୍ଷରୁ ଗାଡ଼ି, ଘର, ସୁନା, ନଗଦ ଟଙ୍କା ଏବଂ ଅନ୍ୟାନ୍ୟ ଜିନିଷର ଦାବି କରାଯାଉଛି। ଯଦି ଝିଅ ପକ୍ଷ ସେସବୁ ପୂରଣ ନ କରିପାରେ, ତା'ପରେ ଅପମାନ, ମାନସିକ ନିର୍ଯ୍ୟାତନା ଏବଂ କେତେକ କ୍ଷେତ୍ରରେ ଶାରୀରିକ ନିର୍ଯ୍ୟାତନା ଆରମ୍ଭ ହୋଇଯାଏ। ଫଳରେ ଅନେକ ଝିଅ ଆତ୍ମହତ୍ୟା କରନ୍ତି ବା ସ୍ୱାମୀ ପକ୍ଷରୁ ହତ୍ୟା ହୁଅନ୍ତି। ଓଡ଼ିଶା ପୋଲିସ ରିପୋର୍ଟ ଅନୁଯାୟୀ, ପ୍ରତି ବର୍ଷ ଶତାଧିକ ଯୌତୁକ ଜନିତ ମାମଲା ରୁଜୁ ହେଉଛି, କିନ୍ତୁ ପ୍ରକୃତ ସଂଖ୍ୟା ଆହୁରି ଅଧିକ।

ପରିବାର ସମ୍ପର୍କରେ ଏହାର ପ୍ରଭାବ ଅତ୍ୟନ୍ତ ବିନାଶକାରୀ। ବିବାହ ପରେ ଝିଅକୁ ତା'ର ସ୍ୱାମୀ ଘରେ ଏକ ବୋଝ ଭାବରେ ଦେଖାଯାଏ। ଯୌତୁକ କମ୍ ଦେଇଥିବାରୁ ଶାଶୁ-ଶ୍ୱଶୁର ଏବଂ ନଣନ୍ଦ ତାକୁ ନିରନ୍ତର ଅପମାନିତ କରନ୍ତି। ଏହା ଫଳରେ ସ୍ୱାମୀ-ସ୍ତ୍ରୀ ସମ୍ପର୍କ ବିଗିଡ଼ିଯାଏ। ପୁଅ ମା'-ବାପାଙ୍କ ଚାପରେ ପଡ଼ି ନିଜ ସ୍ତ୍ରୀକୁ ନିର୍ଯ୍ୟାତନା ଦେବାକୁ ବାଧ ହୁଏ। ଫଳରେ ପରିବାର ଭିତରେ ଅବିଶ୍ୱାସ, କଳହ ଏବଂ ମାନସିକ ଅସ୍ଥିରତା ବଢ଼ିଥାଏ। ଅନେକ କ୍ଷେତ୍ରରେ ଏହି କଳହ ବିବାହ ବିଚ୍ଛେଦ ପର୍ଯ୍ୟନ୍ତ ପହଞ୍ଚିଯାଏ, ଯାହା ଦୁଇଟି ପରିବାରକୁ ଚିରକାଳ ପାଇଁ ବିରୋଧୀ କରିଦେଇଥାଏ। ଯୌତୁକ ପ୍ରଥା କେବଳ ଝିଅ ପକ୍ଷକୁ ଆର୍ଥିକ ଭାବେ ନୁହେଁ, ସମଗ୍ର ସମାଜକୁ ଦୁର୍ବଳ କରୁଛି। ଅନେକ ଶିକ୍ଷିତ ପରିବାର ମଧ ଏହି ପ୍ରଥାକୁ ସମର୍ଥନ କରନ୍ତି କାରଣ ସମାଜର ଚାପ ଏବଂ 'ଲୋକେ କ'ଣ କହିବେ' ଭୟ। ପୁଅ ପକ୍ଷ ଯୌତୁକ ନେବାକୁ ଏକ ଅଧିକାର ଭାବେ ଗ୍ରହଣ କରେ, ଯାହା ପୁରୁଷତାନ୍ତ୍ରିକ ମାନସିକତାର ପରିଚାୟକ। ଏହା ଝିଅମାନଙ୍କୁ ଜନ୍ମରୁ ହିଁ ଏକ ବୋଝ ଭାବେ ଦେଖିବାକୁ ଶିଖାଏ ଏବଂ ପୁଅମାନଙ୍କୁ ଅଯଥା ଅହଙ୍କାରୀ କରିଥାଏ।

ସରକାର ଯୌତୁକ ନିଷିଦ୍ଧ ଆଇନ୍ କରିଛନ୍ତି ଏବଂ ମହିଳା ଆୟୋଗ ମଧ ସକ୍ରିୟ ରହିଛି। କିନ୍ତୁ ଆଇନ୍ କାଗଜରେ ସୀମିତ ରହିଯାଉଛି। ଅଧିକାଂଶ ମାମଲାରେ ପରିବାର ସମ୍ମାନର ନାମରେ ଅଭିଯୋଗ ଲୁକ୍କାୟିତ ରହିଯାଏ। ଏହାର ମୂଳ ସମାଧାନ ଶିକ୍ଷା ଏବଂ ସଚେତନତାରେ ନିହିତ। ଯୁବପିଢ଼ି ଯଦି ଯୌତୁକ ବିରୋଧରେ ଦୃଢ଼ ପ୍ରତିବାଦ କରେ, ତେବେ ଏହି ପ୍ରଥା କ୍ରମଶଃ କମିଯିବ। ବିବାହକୁ ଏକ ଆର୍ଥିକ ଚୁକ୍ତି ନୁହେଁ, ବରଂ ଦୁଇଟି ହୃଦୟର ମିଳନ ଭାବରେ ଗ୍ରହଣ କରିବା ଉଚିତ୍।

ପରିବାରର ମୂଳ ଆଧାର ହେଉଛି ପ୍ରେମ, ସମ୍ମାନ ଏବଂ ବିଶ୍ୱାସ। ଯୌତୁକ ଏହି ଆଧାରକୁ ଖୋଦି ଦେଉଛି। ଯେପରି କେନ୍ଦୁଝର, ଗଞ୍ଜାମ କିମ୍ବା କଟକରେ ଅନେକ ପରିବାର ଯୌତୁକର କାରଣରୁ ଭାଙ୍ଗି ପଡ଼ୁଛି, ସେହିପରି ସମଗ୍ର ଓଡ଼ିଶା ସମାଜ ଏହି କୁପ୍ରଥାରୁ ମୁକ୍ତି ପାଇବା ଦରକାର। ପ୍ରତ୍ୟେକ ଶିକ୍ଷିତ ଯୁବକ ଯଦି ପ୍ରତିଜ୍ଞା ନେଇପାରେ ଯେ 'ମୁଁ ଯୌତୁକ ନେବି ନାହିଁ', ତେବେ ଏହି ସମସ୍ୟାର ସମାଧାନ ସମ୍ଭବ।

ଯୌତୁକ ପ୍ରଥା କେବଳ ଏକ ଆର୍ଥିକ ବିଷୟ ନୁହେଁ, ଏହା ମାନବିକତା ଏବଂ ସମାନତାର ପ୍ରଶ୍ନ। ଯେପର୍ଯ୍ୟନ୍ତ ଏହା ଜାରି ରହିବ, ପରିବାର ସମ୍ପର୍କ ସୁସ୍ଥ ହୋଇପାରିବ ନାହିଁ। ଆସନ୍ତୁ, ଆମେ ସମସ୍ତେ ମିଳିମିଶି ଏହି କଳଙ୍କକୁ ମୂଳରୁ ଉପଡ଼ାଇ ଦେବା। ଏକ ନୂତନ ଓଡ଼ିଶା ଗଢ଼ିବା ପାଇଁ ଯୌତୁକ ମୁକ୍ତ ବିବାହ ହେଉଛି ପ୍ରଥମ ପଦକ୍ଷେପ।

# ଦୁର୍ଲ୍ଲଭ ଜୀବନ

ହଳଧର ଧୀର

ମନୁଷ୍ୟ ଜନ୍ମ ଅତ୍ୟନ୍ତ ଦୁର୍ଲଭ ଜଗତରୁ ଶଙ୍କରାଚାର୍ଯ୍ୟ ତାଙ୍କର 'ବିବେକ ଚୁଡ଼ାମଣି'ରେ ଲେଖିଛନ୍ତି "ଦୁର୍ଲଭଂତ୍ରୟମେ- ବୈତତ୍ ଦୈବାନୁ ଗ୍ରହ ତ୍ବେକଂ, ମନୁଷ୍ୟତ୍ୱଂ ମୁ ମୁକ୍ଷତ୍ୱଂ ମହାପୁରୁଷ ସଂଶ୍ରୟଃ" ଅର୍ଥାତ ମନୁଷ୍ୟର ଜନ୍ମଲାଭ, ମୁକ୍ତି ଲାଭ ପାଇଁ ତିବ୍ରଇଚ୍ଛା ଏବଂ ମହାପୁରୁଷ ବା ସଦ୍‌ଗୁରୁଙ୍କର ଆଶ୍ରୟ ଏହି ତିନି ଗୋଟି ଅତ୍ୟନ୍ତ ଦୁର୍ଲଭ। କେବଳ ଈଶ୍ୱରଙ୍କର ଅନୁଗ୍ରହ ହେଲେ ଏହା ସମ୍ଭବ। ଜୀବ ବିଭିନ୍ନ ଶରୀର ଧାରଣ କରି ପରିଶେଷରେ ଯେତେବେଳେ ମନୁଷ୍ୟ ଶରୀର ଧାରଣକରେ ସେତେବେଳେ ତାକୁ ମୋକ୍ଷପ୍ରାପ୍ତି ଲାଗି ସାଧନା କରିବାର ସୁଯୋଗ ମିଳିଥାଏ। କିନ୍ତୁ ମଣିଷ ତାର ପ୍ରାରବ୍ଧକୁ ସାଥିରେ ନେଇ ଆସିଥାଏ। ପ୍ରାରବ୍ଧର କର୍ମ ତାକୁ ମନୁଷ୍ୟ ଜୀବନରେ ଭୋଗ କରିବାକୁ ପଡ଼ିଥାଏ। ନିୟତୀର କାଳ ଚକ୍ରରେ ସମୟର ଗତୀରେ ଯେଉଁ ମଣିଷ ଆତ୍ମ ସତ୍ତାକୁ ହରାଇ ବସେ କାରଣ ସେତେବେଳକୁ, ସେହି ମଣିଷର ସମୟ ଅତିକ୍ରାନ୍ତ କରି ତା ଜୀବନରେ ନେଡ଼ିଗୁଡ଼ କହୁଣୀକୁ ବୋହିସାରିଥାଏ। କିନ୍ତୁ ଥରେ ମଣିଷ ତାର ସତପଥରୁ ପଥଭ୍ରଷ୍ଟ ହୋଇଗଲାପରେ ଈଶ୍ୱରୀୟ ସତ୍ତାକୁ ଭୁଲିଯାଇଥାଏ। ଆସୁରୀକ ଶକ୍ତି ତାକୁ ଗ୍ରାସ କରିସାରିଥାଏ। ଏହା ଫଳରେ ସେହି ମଣିଷ ଭଲମନ୍ଦର କଥାକୁ ଭୁଲିଯାଇଥାଏ। ବାସ୍ତବ ସତ୍ୟଠାରୁ ବହୁ ଦୂରକୁ ଚାଲିଯାଇଥାଏ। ଥରେ ଅନ୍ୟର କାୟା ଓ ମାୟା ଯେଉଁ ମଣିଷକୁ କବଳିତ କରିଥାଏ। ସେହି ମଣିଷ ନିଜର ଧୀଶକ୍ତି ଓ ସାମର୍ଥ୍ୟ ହରାଇ ବସିଥାଏ। ସେଇ ମଣିଷ ଛଦ୍ମବେଶୀ ମଣିଷର ଅକ୍ଟୋପାସ ରୂପି ସ୍ୱାର୍ଥ, ମନ୍ଦ ଅଭିଳାସ ଓ କାମନା ର ଜ୍ୱାଳାରୁ ନିଜକୁ କେବେ ବି ମୁକ୍ତ କରିପାରେନା। ସେହି ଅଜ୍ଞାନୀ ମଣିଷ ଗର୍ବ ଓ ଅହଂକାରର ଭଉଁରୀ ଭିତରୁ ନିଜର ଭୁଲ ଓ ତ୍ରୁଟିକୁ କଦାପି ସ୍ୱୀକାର କରିପାରେ ନାହିଁ।

ସେହି ମଣିଷ ନିଜର ସ୍ୱଭାବ ଜନିତ ତାର ଉପକାରୀ ମଣିଷ ପ୍ରତି ନିଜର କୃତଜ୍ଞତା କେବେବି ପ୍ରକାଶ କରି ପାରିନଥାଏ। ଥରେ ସେହି ମଣିଷ ନିଜର ସ୍ଥିତିକୁ ହରାଇ ବସିବା ପରେ ଯେତେ ଚେଷ୍ଟା କଲେବି କେବେବି ତାର ପୂର୍ବ ସ୍ଥିତିକୁ କଦାପି ଫେରିଆସି ପାରେ ନାହିଁ। ସେହି ମଣିଷ ଜୀବନ ସାରା ଅନ୍ୟ ସ୍ୱାର୍ଥରୁପି ମଣିଷର ଆୟତ୍ତରେ ରହି ନିଜର ଅଜାଣତରେ ଅନ୍ୟର ଚାବିଦିଆ କଣ୍ଢେଇଟିଏ ପାଲଟି ଯାଇ ନିଜର ସ୍ଥିତିକୁ ଦୁର୍ବଳ କରିଦେଇଥାଏ। ସେହି ମଣିଷର ଜୀବନ ମୋହଗ୍ରସ୍ତ ହୋଇ ପଡ଼ିଥାଏ। ଅନ୍ୟ ମଣିଷର ଇସାରାରେ ନାଚିବାକୁ ଲାଗିଥାଏ। ସେହି ମଣିଷର ଜୀବନରେ ନିଜର ପ୍ରାରବ୍ଧର କର୍ମ, ବଂଶଗତ ସଞ୍ଚରଣ, ପୃଥକୀକରଣ ପରିବେଶ, ନିଜର ଲୁପ୍ତଗୁପ୍ତର ଆଭ୍ୟନ୍ତରୀଣ କାର୍ଯ୍ୟଧାରା, ନିଜର ଅସ୍ଥିରତା ଓ ଦଦୁଲ୍ୟମାନ ସ୍ଥିତି ଓ ଆହୁରୀ ଅନେକ କାରଣ ଯୋଗୁଁ ସେହି ମଣିଷ ତା ନିଜର ଅସ୍ତିତ୍ୱକୁ ଭୁଲିଯାଇ ଥାଏ। ଏହିପରି ମଣିଷମାନେ ତିମିରେ ତିମିରେ ଆଗକୁ ପାଦ ବଢ଼ାଇଥାନ୍ତି। ସେମାନଙ୍କ ଲାଗି ଚେନାଏ ଆଲୋକର ଧାରା ଅସହ୍ୟ ହୋଇ ପଡ଼ିଥାଏ। ସେହି ମଣିଷ ଚାହିଁ କରି ମଧ ମୁକ୍ତ ଭାବେ ନିଜର ଭାବ ଓ ଭାବନାକୁ ସ୍ପଷ୍ଟ ଭାବେ ପ୍ରକାଶ କରିପାରି ନଥାଏ। ଏହିପରି ମଣିଷମାନେ ସଦାସର୍ବଦା ସତ୍ୟର ଅପଳାପ କରି ଆସିଥାନ୍ତି। ଏହି ପରି ମଣିଷମାନେ ନିଜ ପାଇଁ ନିଷ୍ପତ୍ତି ମଧ ଦୃଢ଼ ଭାବେ ଗ୍ରହଣ କରି ପାରିନଥାନ୍ତି।

ସଦାସର୍ବଦା ନିର୍ଭରଶୀଳ ହୋଇଥାନ୍ତି। ଏହି ପରି ମଣିଷମାନେ ଆଲୋକ ଠାରୁ ଅନ୍ଧକାରର ଅନୁଭବକୁ ବେଶ ଭଲ ପାଇଥାନ୍ତି। ଏହି ପରି ମଣିଷ ନିଜର ଶୂନ୍ୟତାକୁ କେବେବି ଅନୁଭବ କରିପାରିନଥାନ୍ତି। ସେହି ମଣିଷମାନେ ନିଜର ଏକାକିତ୍ୱ ମୁହୂର୍ତ୍ତକୁ ବେଶ ଉପଭୋଗ କରିବାକୁ ଖୁବ୍ ଭଲ ପାଇଥାନ୍ତି। ଯେଉଁ ମଣିଷ ଥରେ ଛଦ୍ମମନା ମଣିଷର ମିଛ ମୋହ ମାୟା ସମ୍ପର୍କର ମାୟା ଜାଲରେ ଛନ୍ଦି ହୋଇ ଯାଇଥାଏ, ସେହିପରି ମଣିଷମାନଙ୍କ ନିକଟରେ ସମ୍ପର୍କର ସଂଜ୍ଞା ମୂଲ୍ୟହୀନ ହୋଇ ପଡ଼ିଥାଏ। ସମ୍ପର୍କୀୟମାନେ ତାଙ୍କ ପାଇଁ କାକ୍‌ଟସ୍ ସଦୃଶ ପ୍ରତୀୟମାନ ହୋଇଥାନ୍ତି। ଏହି ପରି ମଣିଷମାନେ ନିଜର ସିଦ୍ଧି ଓ ସାଧନା ବଳରେ ନିଜ ହାତରେ ଗଢ଼ିଥିବା ଅମୃତମୟ ସଦୃଶ ସୌଧଟି ତାସଘର ପରି ଭାଙ୍ଗୀ ଚୁରମାର ହୋଇ ଯାଉଥିଲେ ବି ସେମାନଙ୍କ ଉପରେ କୌଣସି ପ୍ରଭାବ ପଡ଼େ ନାହିଁ କି ସେମାନଙ୍କ ମନରେ କୌଣସି ଭାବାନ୍ତର ସୃଷ୍ଟି ହୋଇପାରି ନଥାଏ। ଆତ୍ମୀୟ ସ୍ୱଜନମାନେ ବାୟା ଚଢ଼େଇର ବସା ପରି ଦୋହଲିବାର ଦୃଶ୍ୟ ସେମାନଙ୍କ ମନ ଓ ହୃଦୟକୁ କେବେ ବି ବିଚଳିତ କରିପାରିନଥାଏ।

ସେହି ମଣିଷ ତାର ଅଜ୍ଞାତରେ ଗର୍ବ ଓ ଅହଂକାରର ଅନ୍ଧ ଗଳୀରେ ନିଜକୁ ହଜାଇ ଦେଇଥାନ୍ତି। ସେହି ମଣିଷମାନଙ୍କ ପାଇଁ ଆଲୋକର ଧାରା ସାତ ସପନ ହୋଇ ପଡ଼ିଥାଏ। ସେହି ମଣିଷ ମାନେ ମଣିଷ ରୂପି ଅକ୍ଟୋପସସ କବଳରୁ ନିଜକୁ ମୁକ୍ତ କରିବା ଯେତିକି କଷ୍ଟକର ହୋଇ ପଡ଼ିଥାଏ, ତାଠାରୁ ଅଧିକ ଯନ୍ତ୍ରଣା ଦାୟକ ମଧ ହୋଇଥାଏ। ଏହିପରି ମଣିଷମାନେ ସଦା ଭଗବତ୍ ଚିନ୍ତା ସଦ୍‌ଗୁରୁ ଆଶ୍ରୟଚିନ୍ତା କରିବା ଉଚିତ। ମଣିଷ ଜୀବନ ଦୁର୍ଲଭ ଜୀବନ। ମଣିଷ କେବଳ ଈଶ୍ୱର ଚିନ୍ତନ ଦ୍ୱାରା ହିଁ ମୁକ୍ତିର ବାଟ ପାଇ ପାରିଥାଏ। ଐଶ୍ୱରୀକ ଶକ୍ତି ଦ୍ୱାରା ହିଁ ମଣିଷ ନିଜର ମନୁଷ୍ୟ ଜୀବନକୁ ସଫଳ କରିପାରିଥାଏ।

ବରିଷ୍ଠ ସାମ୍ବାଦିକ
ଭୁବନେଶ୍ୱର

# 'ଧନ୍ୟ ମୋ ଜୀବନ, ଏ ଧନ୍ୟ ମୋ ଆଖି, ଯାହାକୁ କୋଟି ଜନ ନିରତେ ଡାକି'



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଆମ ଓଡ଼ିଆ ଜୀବନ ଚେତନାର ମୂଳ ତତ୍ତ୍ୱ, ମୂଳ ମନ୍ତ୍ର, ମୂଳ ମତ ସବୁକିଛି ହିଁ ପୂର୍ଣ୍ଣବ୍ରହ୍ମ, ପରଂବ୍ରହ୍ମ ଶ୍ରୀଜଗନ୍ନାଥ। ସେ ହେଉଛନ୍ତି ଶାସ୍ୱତ ନିର୍ବାଣର ଉତ୍ସ। ସେ ହେଉଛନ୍ତି ଆମ ଜୀବନ ଚେତନାର ଆବାହନୀ। ଆଧାତ୍ମିକ ଭାବଧାରା ପୁଷ୍ଟ ଶ୍ରୀଜଗନ୍ନାଥ ସଂସ୍କୃତିରେ ମୂଳ ଅମୃତର ପାର୍ଥକ୍ୟ ନାହିଁ। ଶ୍ରୀଜଗନ୍ନାଥ ସଂସ୍କୃତି, ସାମ୍ୟ, ମୈତ୍ରୀ, ସ୍ୱାଧୀନତା, ଭାତୃଭାବ, ନିରହଂକାରିତା, ଗୁଣଗ୍ରାହୀତା ପ୍ରଭୃତି କେତେକ ନୈତିକ ଆଦର୍ଶ ଉପରେ ପ୍ରତିଷ୍ଠିତ। ଶ୍ରୀଜଗନ୍ନାଥଙ୍କ ପତିତପାବନ ବାନା ତଳେ ଶାସକ-ଶାସିତ, ଚାଣ୍ଡାଳ-ବ୍ରାହ୍ମଣ, ଧନୀ-ନିର୍ଧନ ସମସ୍ତେ ସମାନ। ମାନବିକ ଐକ୍ୟ ଓ ସାର୍ବଜନୀନ ମୈତ୍ରୀଭାବ ମହାନ ଶ୍ରୀଜଗନ୍ନାଥ ସଂସ୍କୃତିର ମୂଳପିଣ୍ଡ। ଶ୍ରୀଜଗନ୍ନାଥଙ୍କ ଜଗବନ୍ଧୁ ନାମ ହିଁ ତାଙ୍କର ମୈତ୍ରୀ ଚେତନାର ପ୍ରତୀକ।

ଆମ ଓଡ଼ିଆଙ୍କ ଚେତନା ଭିତରେ ସବୁକିଛି ହିଁ ମହାପ୍ରଭୁଙ୍କୁ ନେଇ ଆତଯାତ। ଯେଉଁଠି ଜଗନ୍ନାଥ ସେଇଠି ରହସ୍ୟ। ତାଙ୍କ ଶକ୍ତି ଆଗରେ କୌଣସି ଶକ୍ତି କାମକରେ ନାହିଁ। ସେ ହାରନ୍ତି ଭାବ ଆଗରେ, ଭକ୍ତି ଆଗରେ ଏବଂ ସରଳତା ଆଗରେ। ସବୁକିଛି ଚାଲେ ତାଙ୍କରି ଇଛାରେ। ସେ ତାରନ୍ତି ବି, ମାରନ୍ତି ବି ଆଉ ଉଭୟ ତରିବା ଓ ମରିବା ସତ୍ତାକୁ ନିଜେ ନିଜର ମହାସତ୍ତା ଭିତରେ ବିଲୀନ କରାଇ ନିଅନ୍ତି। ସୃଷ୍ଟିର ମଣିଷ ଜୀବନ ଦୁର୍ଲ୍ଲଭ। ମଣିଷ ସମାଜ ଓ ବ୍ୟକ୍ତିର ମଙ୍ଗଳ ପାଇଁ ପ୍ରତୀମାପୂଜା, ଧର୍ମାନୁଷ୍ଠାନ ଗଠନ ଏବଂ ଶ୍ରୀଜଗନ୍ନାଥଙ୍କ ଆରାଧନା। କହୁଁ ପ୍ରତିମା ପୂଜା ବା ଶ୍ରୀଜଗନ୍ନାଥଙ୍କ ଆରାଧନା ମୂଳରେ ମନୁଷ୍ୟର କଲ୍ୟାଣ ସାଧନ ମୂଳ ଲକ୍ଷ୍ୟ। ମଣିଷ ହିଁ ମଣିଷର ମୁଖ୍ୟ ଅଧୟନ ବସ୍ତୁ। ନାରୀ ଓ ପୁରୁଷ ସୃଷ୍ଟିର ମୂଳ। ତହୁଁ ନର, ନାରୀ ସମ୍ପର୍କ ମଧ ଗଭୀର ହେବାକୁ ବାଧ। ଏହା ଶ୍ରଦ୍ଧା, ସାମାଜିକତା ଆକର୍ଷଣ ମଧରେ ପରିସ୍ଫୁଟ। ଏହା କେବଳ ଦେହ ସମ୍ପର୍କୀୟ ଏକ ସ୍ଥୂଳ ବ୍ୟବସ୍ଥା ନୁହେଁ। ମାତ୍ର ନାରୀ ଓ ନର ପ୍ରତି ଆକର୍ଷଣ ମୂଳରେ କାମ ନିଶ୍ଚୟ ଅଛି। ଏହି କାମ ଉପରକୁ ମନକୁ ଓ ସମାଜକୁ ନେବାରେ ପ୍ରତିମାପୂଜା ଏକ ପ୍ରଧାନ ଉପାୟ ବା କୌଶଳ। ମଣିଷ ମନକୁ ମହତ୍ତର କରିବା ପ୍ରତିମାପୂଜା ଶିକ୍ଷା ଦିଏ। ପ୍ରତିମାପୂଜା ବିବର୍ତ୍ତନ ଇତିହାସ ସହ ମଣିଷ ମନର ଉତ୍କର୍ଷ ଗଭୀର ଭାବରେ ସମ୍ବନ୍ଧଶୀଳ।

ଶ୍ରୀଜଗନ୍ନାଥ ସଂସ୍କୃତି ହେଉଛି ମହାମାନବର ମହାମିଳନର ମହତି ସଂସ୍କୃତି। ବିଶ୍ୱ ମାନବ ସମାଜକୁ ନିଜର କରି ସମସ୍ତଙ୍କର ସୁଖ, ଶୁଭ, ସୌଭାଗ୍ୟ କାମନା କରି ଆଜି ମାନବ ବିଶ୍ୱ ମାନବ ହେବା ପାଇଁ ଶ୍ରୀଜଗନ୍ନାଥ ସଂସ୍କୃତିରୁ ହିଁ ପାଇପାରିବ ମହାନ ଆଦର୍ଶର ପ୍ରେରଣା ଓ ଉଦବୋଧନ। ସେଥିପାଇଁ ଓଡ଼ିଶାର ସଂସ୍କୃତିକୁ କୁହାଯାଏ ଶ୍ରୀଜଗନ୍ନାଥ ସଂସ୍କୃତି। ଜଗନ୍ନାଥ ଯେଉଁଠି ସ୍ୱୟଂ ପ୍ରକଟ ହୋଇଛନ୍ତି ତାହା ହେଲା ପୁଣ୍ୟଭୂମି ଉତ୍କଳ ଅନ୍ତର୍ଗତ ଶ୍ରୀକ୍ଷେତ୍ର, ଯାହାର ଅନ୍ୟନାମ ପୁରୁଷୋତ୍ତମ କ୍ଷେତ୍ର ବା ପୁରସ୍ତମ। ଶ୍ରୀଜଗନ୍ନାଥ ଧର୍ମର ମହତ୍ତ୍ୱ ପ୍ରଖ୍ୟାପନ କରି କୁହାଯାଇଛି ଏହି ଧର୍ମ ହେଉଛି ସନାତନ ଧର୍ମ, ଏହାର ପୁଣ୍ୟକ୍ଷେତ୍ର ହେଉଛି ଶ୍ରୀପୁରୁଷୋତ୍ତମ, ଦେବତା ହେଉଛନ୍ତି ଶ୍ରୀଜଗନ୍ନାଥ, ମାଳା ହରିନାମ, ତୀର୍ଥ ତୀର୍ଥରାଜ ସମୁଦ୍ର, ଧାନ ପରମବ୍ରହ୍ମ, ଜ୍ଞାନ ଓ ଆତ୍ମଜ୍ଞାନ, ଭକ୍ତିର ନାମ ସ୍ମରଣ ମଣୋହୀ ନିର୍ମାଲ୍ୟ, ବିବହାର ହେଉଛି ବୈକୁଣ୍ଠ। ଏହି ଧର୍ମର ସମଦର୍ଶୀ ବ୍ରହ୍ମ ଭାବୁର ପ୍ରତୀୟମାନ ହୁଏ ଯେ ଏହା ସନାତନ ବିଶ୍ୱଧର୍ମ।



ଆମ ମାନଙ୍କର ନୀତିଦିନିଆ ଜୀବନ ପରି ମହାପ୍ରଭୁଙ୍କ ସେବାନୀତି ସମ୍ପୂର୍ଣ୍ଣ ରୂପେ ସମୟକୁ ନେଇ ଓ ଦିନ ତିଥି, ବାର, ନକ୍ଷତ୍ର ସବୁକୁ ଆମ ମାନଙ୍କର ବ୍ୟକ୍ତିଗତ ଓ ସାମାଜିକ କଲ୍ୟାଣ ସାଧନ ପାଇଁ ଶ୍ରୀଜଗନ୍ନାଥଙ୍କ ପୂଜା, ପର୍ବ-ପର୍ବାଣୀ ଏବଂ ଅର୍ଚ୍ଚନା, ଆରାଧନା। ଏହି ମାନବ ବାଦ ରୁକ୍ଷ ଜଡ଼ବାଦୀ ମାନବବାଦ ଠାରୁ ପୃଥକ ଓ ସ୍ୱତନ୍ତ୍ର। ଚେତନଶୂନ୍ୟ ଜଡ଼ରୁ ଜଡ଼ ସିନା ସୃଷ୍ଟି ହୋଇପାରେ, ମାତ୍ର ଚେତନ ଜଡ଼ ମଧରୁ କିପରି ଆସେ? ଶ୍ରୀଜଗନ୍ନାଥ ଜଡ଼ ଦେବତା ନୁହନ୍ତି। ସେ ଏକ ମହାଚେତନ ଶକ୍ତିର ପରିପ୍ରକାଶ ଓ ପ୍ରତୀକ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ କେବଳ ଧାର୍ମିକ ଦୃଷ୍ଟିରେ ଦେଖିଲେ ସମ୍ୟକ ଦର୍ଶନ ହେବନାହିଁ। ସେ ଓଡ଼ିଶା ଓ ଭାରତ ଇତିହାସ ଓ ଲୋକମାନଙ୍କ ଜୀବନ ସହ ସମ୍ପୃକ୍ତ। ଶ୍ରୀଜଗନ୍ନାଥ ଲୋକ ଦେବତା। ତାଙ୍କ ନାଁଟି ବିଶ୍ୱବୋଧ ସୂଚୀତ। ଓଡ଼ିଶାର ସାଧାରଣ ଜୀବନକୁ ଦୁଇଟି ଶକ୍ତି ବିଶେଷ ପ୍ରଭାବ ପକାଇଛି। ଏକ ହେଲା ଶ୍ରୀଜଗନ୍ନାଥ ଦାଶଙ୍କ ଓଡ଼ିଆ ଏକାଦଶ ସ୍କନ୍ଦ ଭାଗବତ। ଦ୍ୱିତୀୟଟି ହେଲା ଶ୍ରୀଜଗନ୍ନାଥ ଅନୁଷ୍ଠାନ। ଓଡ଼ିଆ ଭାଗବତ ରଚନା ପୂର୍ବରୁ ଶ୍ରୀଜଗନ୍ନାଥ ପ୍ରତିଷ୍ଠିତ ଓ ତାଙ୍କ ମହିମା ସଚାଳିତ। ହିନ୍ଦୀ ସାହିତ୍ୟରେ ତୁଳସୀ ଦାଶ ଶ୍ରୀରାଚରିତ ମାନସ ଭଳି ଓଡ଼ିଆରେ ଭାଗବତ। ସଂସ୍କୃତ ଲୋକେ ବୁଝି ପାରିବେ ନାହିଁ ବୋଲି ଶ୍ରୀଜଗନ୍ନାଥ ଦାଶ ଓଡ଼ିଆ ଜାତୀୟ ଜୀବନରେ ଅକ୍ଷୟ ଉପକାର ସାଧନ କରିଯାଇଅଛନ୍ତି। ଶ୍ରୀଜଗନ୍ନାଥ ଏକମାତ୍ର ଦେବତା ସେ ଓଡ଼ିଶାର ଗ୍ରାମେ ଗ୍ରାମେ ପରିଚିତ। ଆର୍ଯ୍ୟମାନଙ୍କ ଧର୍ମ ଧାରାରେ ପ୍ରତିମା ପୂଜା ନାହିଁ। ଆର୍ଯ୍ୟମାନେ ହୋମ ଓ ନିରାକାର ବ୍ରହ୍ମଙ୍କୁ ପ୍ରାର୍ଥନା କରନ୍ତି। ଆର୍ଯ୍ୟ ମାନଙ୍କ ଚଳଣିରେ ଜାତି ଭେଦ ନାହିଁ। ଏବେ ବି ଦିଲ୍ଲୀ ଆର୍ଯ୍ୟ ସମାଜରେ ନିର୍ଦ୍ଦିଷ୍ଟ ବ୍ରାହ୍ମଣ ବା ପୁରୋହିତ ନାହାନ୍ତି। ଧର୍ମସଭା ଓ ହୋମ ସମୟରେ ଜଣେ ପୁରୋଧା ବା ପୁରୋହିତ କାର୍ଯ୍ୟ ସମ୍ପାଦନ କରନ୍ତି।

ବିଶ୍ୱର ସବୁ ଧର୍ମ ସଂସ୍କୃତିର ମୂଳପିଣ୍ଡ ଶ୍ରୀଜଗନ୍ନାଥ ହେଉଛନ୍ତି ଏକ ଗଣଦେବତା। ତେଣୁ ଶ୍ରୀଜଗନ୍ନାଥ ସଂସ୍କୃତି ଏକ ଗଣ ସଂସ୍କୃତିରେ ପରିଚିତ ହେବା ସ୍ୱାଭାବିକ। ଓଡ଼ିଶାର ଧର୍ମ, ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ପ୍ରବାହ ସର୍ବଜନସ୍ୱୀକୃତ। ଓଡ଼ିଶାର ଶ୍ରୀକ୍ଷେତ୍ରର ଶ୍ରୀଜଗନ୍ନାଥ ଜାତୀୟ ଓ ଆନ୍ତର୍ଜାତୀୟ ସଂହତିର ପ୍ରତୀକ ଅଟନ୍ତି। ସର୍ବୋପରି ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଶାର ଜାତୀୟ ଜୀବନର ପ୍ରତୀକ। ସେ ହିଁ ଏକମାତ୍ର ସେବ୍ୟ ଅନ୍ୟ ସମସ୍ତେ ସେବକ। ସେ ମନୁଷ୍ୟ ଠାରୁ ଆରମ୍ଭ କରି କୀଟ ପତଙ୍ଗ ସଚରାଚର ସମସ୍ତଙ୍କର ନାଥ ସେ ଅଦ୍ୱିତୀୟ। ଶ୍ରୀଜଗନ୍ନାଥଙ୍କର ଏହି ସ୍ୱରୂପ ଉପନିଷଦ ମାନଙ୍କରେ ବର୍ଣ୍ଣିତ ଅପ୍ରାଣିପାଦ, ଅଚକ୍ଷୁ, ଅକର୍ଣ୍ଣ, ଅଥଚ ସର୍ବଗମ, ସର୍ବଦ୍ରଷ୍ଟା ଓ ସର୍ବଶ୍ରୋତା ପୁରୁଷୋତ୍ତମଙ୍କ ସ୍ୱରୂପ ସହିତ ସମାନ। ନିଖିଳ ବିଶ୍ୱ ପାଇଁ ଆତ୍ମ ପୁରୁଷର ପୂର୍ଣ୍ଣତ୍ୱ ପ୍ରାପ୍ତି ଓ ଏହି ଲକ୍ଷରେ ତ୍ୟାଗ ତଥା ଆତ୍ମୋତ୍ସର୍ଗ ହିଁ ହେଉଛି ଉତ୍ତମ ପୁରୁଷ ବା ପୁରୁଷୋତ୍ତମର ଲକ୍ଷଣ। ଏହି ବିଶ୍ୱଚେତନା ଶିଖାଇଛି ଶ୍ରୀଜଗନ୍ନାଥ ସଂସ୍କୃତି। ମହାପ୍ରଭୁଙ୍କ କୃପା ବର୍ଣ୍ଣନା କରି ଭକ୍ତି ନୈବେଦ୍ୟ ଅର୍ପଣ କରି କବି ଭାଷାରେ ରଖୁଛି - 'ଧନ୍ୟ ସେ କୃଷ୍ଣମୂର୍ତ୍ତି ଜଗନ୍ନାଥ, ନୟନ ପଥଗାମୀ ଡାକେ ଭକତ। ଧନ୍ୟ ମୋ ଜୀବନ, ଏ ଧନ୍ୟ ମୋ ଆଖି, ଯାହାକୁ କୋଟି ଜନ ନିରତେ ଡାକି।'

ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# ଏଆଇଏଫଏଫର ଅପାରଗତା: 'ଅଫ୍‌ସାଇଡ'ରେ ଭାରତୀୟ ଫୁଟବଲ



ବିଜନ କୁମାର ମହାପାତ୍ର

କ୍ରିକେଟ ପାଗଳ ଦେଶ ଭାରତର ଅନେକ ରାଜ୍ୟରେ ଫୁଟବଲ୍‌ର ଲୋକପ୍ରିୟତା ବି କିଛି କମ୍ ନୁହେଁ। ପଶ୍ଚିମବଙ୍ଗ, କେରଳ, ଗୋଆ, ପଞ୍ଜାବ ଏବଂ ମଣିପୁର ଭଳି ରାଜ୍ୟରେ ଫୁଟବଲ୍‌ର କ୍ରେଜ୍ କାହିଁରେ କ'ଣ। ପାରମ୍ପରିକ ଭାବେ ଜାତୀୟ ଫୁଟବଲ ଟୁର୍ଣ୍ଣାମେଂଟଗୁଡିକରେ ଏସବୁ ରାଜ୍ୟର ପ୍ରାଧାନ୍ୟ ରହିଆସିଛି। ଇଣ୍ଡିଆନ ସୁପର ଲିଗ୍ ( ଆଇଏସଏଲ ) ଓ ଅନ୍ୟ ଅଗ୍ରଣୀ ଜାତୀୟ ପ୍ରତିଯୋଗିତାରେ ମୁଖ୍ୟ ଦଳମାନଙ୍କ ମଧରେ ହେଉଥିବା ମ୍ୟାଚ ଦେଖିବାକୁ ଛୁଟିଆସନ୍ତି ଦର୍ଶକ। ଇଂଲଣ୍ଡର ଏଫଏ କପ୍ ପରେ ଭାରତର 'ଡୁରାଣ୍ଡ କପ୍' ହେଉଛି ବିଶ୍ୱର ଦ୍ୱିତୀୟ ସର୍ବପୁରାତନ ଫୁଟବଲ ପ୍ରତିଯୋଗିତା।

ଭାରତୀୟ ଫୁଟବଲପ୍ରେମୀ ଟେଲିଭିଜନରେ ୟୁରୋପର ବିଭିନ୍ନ ଫୁଟବଲ୍ ଲିଗ୍ ନିୟମିତ ଦେଖନ୍ତି। ବିଶ୍ୱକପ୍ ସମେତ ୟୁରୋପିୟାନ କପ୍ ଓ କୋପା ଆମେରିକା ଭଳି ଟୁର୍ଣ୍ଣାମେଂଟ ମଧ ଭାରତୀୟ ଫୁଟବଲପ୍ରେମୀଙ୍କୁ ଆକର୍ଷିତ କରେ। ଆନ୍ତର୍ଜାତିକ ତାରକା ଖେଳାଳିମାନଙ୍କ ଫ୍ୟାନ କ୍ଲବ୍ ଭାରତରେ ମଧ ରହିଛି। ବିଡମ୍ବନାର ବିଷୟ ଯେ, ଫୁଟବଲ୍ ଦର୍ଶକ ଭାରତରେ ଅଛନ୍ତି, କିନ୍ତୁ ଏହି ଖେଳରେ ଭାରତର ସ୍ଥାନ ବହୁ ପଛରେ। ଫୁଟବଲ୍‌ର କେବଳ ସୌଖୀନ ଦର୍ଶକ ଭାବେ ଭାରତୀୟଙ୍କ ପରିଚୟ ରହିଯାଇଛି।

ଫୁଟବଲ ବିଶ୍ୱକପର ଆଉ ଏକ ସଂସ୍କରଣ ଚାଲିଥିବା ବେଳେ ପୁଣି ଥରେ ସେହି ଚିରାଚରିତ ପୁରୁଣା ପ୍ରଶ୍ନ ଉଠୁଛି। ଏଥର କୁରାସାଓ ଓ କେପ୍ ଭର୍ଡେ ଭଳି ଅଜଣା ଅଶୁଣା ଛୋଟ ଛୋଟ ରାଷ୍ଟ୍ର ଫୁଟବଲ ବିଶ୍ୱକପ୍ ଖେଳିଛନ୍ତି। ହେଲେ ୧୪୦ କୋଟି ଜନସଂଖ୍ୟା ବିଶିଷ୍ଟ ଭାରତ କେବେ ଫୁଟବଲ ବିଶ୍ୱକପ୍ ଖେଳିବ ?

ଦିନ ଥିଲା ଏସିଆରେ ଭାରତୀୟ ଫୁଟବଲର ଚମକ ଥିଲା। ବିଂଶ ଶତାବ୍ଦୀର ୭୦ ଦଶକ ଯାଏଁ ଏସିଆ ମହାଦେଶର ଅଗ୍ରଣୀ ଫୁଟବଲ ଦେଶ ମଧରେ ଭାରତ ଥିଲା ଅନ୍ୟତମ। ୧୯୫୬ ମେଲବୋର୍ଣ୍ଣ ଅଲିମ୍ପିକ୍ସରେ ସମ୍ମାନଜନକ ଚତୁର୍ଥ ସ୍ଥାନ ହାସଲ କରିଥିଲା ଭାରତ। ଅଶୀ ଦଶକ ପ୍ରାରମ୍ଭରେ କ୍ରିକେଟର ଲୋକପ୍ରିୟତା ବଢୁଥିବା ବେଳେ ଫୁଟବଲର ବିକାଶ ପ୍ରତି ଉପ ଯୁକ୍ତ ଧାନ ଦିଆଗଲା ନାହିଁ। ସବୁ ସେହି ପୁରୁଣାକାଳିଆ ଢଙ୍ଗରେ ଚାଲିଲା। ନା ପ୍ରତିଭା ଚିହ୍ନଟ ହେଲା ନା ଭିତ୍ତିଭୂମିର ଉନ୍ନତି। ସବୁକିଛି 'ଚଲତା ହେ' ନ୍ୟାୟରେ ଚାଲିଲା।

ଆଜି ଏସୀୟ ସ୍ତରରେ ମଧ ଭାରତୀୟ ଫୁଟବଲ୍‌ର ସ୍ଥିତି ଅତି ଦୁର୍ବଳ। ସିଙ୍ଗାପୁର, ଚୀନ ଶାସିତ ହଂକଂ, ଥାଇଲାଣ୍ଡ, ଭିଏତନାମ, ବାଂଲାଦେଶ ଭଳି ଦୁର୍ବଳ ଦେଶ ବିପକ୍ଷରେ ମଧ ଭାରତକୁ ସଂଘର୍ଷ କରିବାକୁ ପଡୁଛି। କୌଣସି ଦେଶୀ ଓ ବିଦେଶୀ କୋଚ୍ ଭାରତୀୟ ଜାତୀୟ ଦଳର ପ୍ରଦର୍ଶନର ସ୍ତର ସୁଧାରିବାରେ ସଫଳ ହୋଇନାହାନ୍ତି।

ପୂର୍ବତନ ଫିଫା ଅଧକ୍ଷ ସେପ୍ ବ୍ଲାଟର କିଛି ବର୍ଷ ତଳେ ଭାରତ ଗସ୍ତରେ ଆସିଥିଲେ। ଭାରତକୁ ଫୁଟବଲର ଏକ 'ସ୍ଲିପିଂ ଜିଆଂଟ' ବୋଲି ବର୍ଣ୍ଣନା କରିଥିଲେ। ଦୁଃଖର କଥା ଯେ, ଆମେ ଆଜି ବି ସ୍ଲିପିଂ ଜିଆଂଟ୍ ହୋଇ ହିଁ ରହିଛେ। ଇଣ୍ଡିଆନ ସୁପରଲିଗ୍ ପରି ଏକ ପେଷାଦାର ଲିଗ୍ ମଧ ଭାରତୀୟ ଫୁଟବଲର ମାନ ବୃଦ୍ଧି କରିବାରେ ସହାୟକ ହୋଇନାହିଁ। କେବଳ ପଇସା ଗୋଟାଇବା ପାଇଁ ଏଆଇଏଫଏଫ ବ୍ୟସ୍ତ। କିନ୍ତୁ ଫୁଟବଲର ବିକାଶ ପାଇଁ ଦୀର୍ଘମିଆଦୀ ଯୋଜନା କିଛି ନାହିଁ।

ଭାରତ ପାଇଁ ଫୁଟବଲ ବିଶ୍ୱକପ୍ ଯୋଗ୍ୟତା ହାସଲ କରିବା ଅସମ୍ଭବ ନୁହେଁ। କିନ୍ତୁ ଏହି ଲକ୍ଷ୍ୟ ହାସଲ ଅତି କଷ୍ଟକର ନିଶ୍ଚିତ ବୋଲି ଅନେକ ପୂର୍ବତନ ଖେଳାଳି ମତ। ଏଥିପାଇଁ ଆନ୍ତରିକତା ଓ ଉତ୍ସର୍ଗୀକୃତ ମନୋଭାବ ସହ କଠୋର ପରିଶ୍ରମ ଆବଶ୍ୟକ ବୋଲି ସେମାନେ କହନ୍ତି। ଚଳିତ ସଂସ୍କରଣରୁ ଫୁଟବଲ୍ ବିଶ୍ୱକପ୍ ପାଇଁ ଏସିଆ ମହାଦେଶର କୋଟା ବୃଦ୍ଧି ପାଇଛି। ୯ଟି ଏସୀୟ ଦେଶ ଏଥର ଫୁଟବଲ ବିଶ୍ୱକପ୍ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଜୋର୍ଡାନ ଓ ଉଜବେକିସ୍ତାନ ପ୍ରଥମ ଥର ପାଇଁ ବିଶ୍ୱକପରେ ପଦାର୍ପଣ କରିଛନ୍ତି। ହୁଏତ ଭାରତ ମଧ ଦିନେ ଫୁଟବଲ ବିଶ୍ୱକପ୍ ଯୋଗ୍ୟତା ହାସଲ କରିପାରେ। କିନ୍ତୁ ଭାରତୀୟ ଫୁଟବଲର ବର୍ତ୍ତମାନ ସ୍ଥିତି ଦୃଷ୍ଟିରୁ ବିଶ୍ୱକପ୍ ପାଇଁ ଯୋଗ୍ୟତା ହାସଲ ଏକ ପ୍ରକାର ଅସମ୍ଭବ ମନେ ହେଉଛି।

ଭାରତ ଭଳି ବିଶାଳ ଦେଶରେ ପ୍ରତିଭାଙ୍କ ଅଭାବ ନାହିଁ। କିନ୍ତୁ ଏକାଧିକ କାରଣରୁ ପ୍ରତିଭାର ଉପଯୁକ୍ତ ବିକାଶ ହୋଇପାରୁନାହିଁ। ଫୁଟବଲର ଉନ୍ନତି ପାଇଁ ଆନ୍ତରିକତାର ସହ ଉଦ୍ୟମ କରାଯାଉନାହିଁ। ତୃଣମୂଳସ୍ତରରେ ପ୍ରତିଭା ଚିହ୍ନଟ କରିବା ପାଇଁ ଠୋସ୍ କାର୍ଯ୍ୟକ୍ରମ କିଛି ହାତକୁ ନିଆଯାଇନାହିଁ। ଭାରତୀୟ ଫୁଟବଲ ମହାସଂଘ-ଏଆଇଏଫଏଫର ଅଣପେଷାଦାର କାର୍ଯ୍ୟଶୈଳୀ ଯୋଗୁଁ ଦେଶରେ ଫୁଟବଲ 'ଇକୋସିଷ୍ଟମ' ସୃଷ୍ଟି ହୋଇପାରିନାହିଁ ବୋଲି କ୍ରୀଡା ବିଶେଷଜ୍ଞମାନେ ମତ ଦେଇଛନ୍ତି। ଦେଶରେ ଫୁଟବଲ ସଂସ୍କୃତିର ପ୍ରସାର ପାଇଁ କେବଳ ଉପର ଠଉରିଆ ଉଦ୍ୟମ ହୋଇଛି ବୋଲି ଅନେକ କହନ୍ତି।

ଅନେକ ସମୟରେ ଫୁଟବଲ୍ ଅପେକ୍ଷା ଅନ୍ତଃକନ୍ଦଳ ଯୋଗୁଁ ଚର୍ଚ୍ଚାରେ ରହିଆସିଛି ଏଆଇଏଫଏଫ୍। ସଂଘର ବେପରୱା ମନୋଭାବ ଯୋଗୁଁ ବର୍ତ୍ତମାନ ଦେଶର ଅଗ୍ରଣୀ ଫୁଟବଲ ଲିଗ୍ ଇଣ୍ଡିଆନ ସୁପରଲିଗ୍ -ଆଇଏସଏଲର ଭବିଷ୍ୟତ ମଧ ଅନିଶ୍ଚିତତା ଘେରରେ। ଏଆଇଏଫଏଫର 'ହମ୍ ବଡା' ଆଭିମୁଖ୍ୟ ଯୋଗୁଁ ୨୦୨୫-୨୬ ସିଜନ ବେଶ୍ ବିଳମ୍ବରେ ଆରମ୍ଭ ହୋଇଥିଲା। ଏଆଇଏଫଏଫର ଉଚ୍ଚ ପଦପଦବୀରେ ପୂର୍ବତନ ଖେଳାଳିଙ୍କ ଅପେକ୍ଷା ରାଜନେତାଙ୍କ ପ୍ରାଧାନ୍ୟ ରହିଆସିଛି। ସେମାନଙ୍କ ଅଧୀନରେ ଭାରତୀୟ ଫୁଟବଲ ରସାତଳଗାମୀ ହୋଇଛି ବୋଲି ସମାଲୋଚନା ହୁଏ। ପ୍ରିୟରଂଜନ ଦାସମୁନସୀ ଓ ପ୍ରଫୁଲ୍ଲ ପଟେଲ ଏହାର ଗୋଟିଏ ଗୋଟିଏ ଉଦାହରଣ। ଫୁଟବଲର ଦୁର୍ଦ୍ଦଶା ପାଇଁ ଅନେକ ସମୟରେ କ୍ରିକେଟର ଲୋକପ୍ରିୟତାକୁ ଦାୟୀ କରାଯାଏ। କିନ୍ତୁ ଏହି ଚିରାଚରିତ ଯୁକ୍ତି ପଛରେ ଏଆଇଏଫଏଫର ଦୋଷଦୁର୍ବଳତା ଲୁଚି ରହିଛି।

ତୃଣମୂଳସ୍ତରରେ ଫୁଟବଲ ପ୍ରତି ପିଲାଙ୍କୁ ଆକର୍ଷଣ କରିବାକୁ ଠୋସ୍ ଯୋଜନା ନାହିଁ। ଯେଉଁମାନେ ବି ଖେଳୁଛନ୍ତି, ସେମାନେ କ୍ୟାରିୟର ପାଇଁ ନୁହେଁ, ବରଂ ସଉକ ପାଇଁ ଖେଳୁଛନ୍ତି। ଏବେ ତ ଆଇପିଏଲ ମୋହ ଯୋଗୁଁ ବାପାମାଆମାନେ ପିଲାମାନଙ୍କ ହାତରେ ଫୁଟବଲ ପରିବର୍ତ୍ତେ କ୍ରିକେଟ ବ୍ୟାଟ୍‌ବଲ୍ ଧରାଉଛନ୍ତି। କ୍ରିକେଟ କୋଚିଂ କ୍ୟାମ୍ପରେ ବହୁସଂଖ୍ୟକ ପିଲାଙ୍କୁ ଦେଖିବାକୁ ମିଳେ। କିନ୍ତୁ ଫୁଟବଲ କୋଚିଂ କ୍ୟାମ୍ପରେ ମାତ୍ର ହାତଗଣତି ପିଲା ଦେଖିବାକୁ ମିଳନ୍ତି। ଦେଶରେ ଫୁଟବଲକୁ ଚଳାଉଥିବା ବ୍ୟକ୍ତିବିଶେଷଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି।

୨୦୨୨ରେ ପ୍ରଥମ ଥର ପାଇଁ ଏଆଇଏଫଏଫର ସଭାପତି ଭାବେ ଜଣେ ପୂର୍ବତନ ଖେଳାଳି କଲ୍ୟାଣ ଚୌବେ ଦାୟିତ୍ୱ ଗ୍ରହଣ କଲେ। ଦେଶରେ ଫୁଟବଲର ପୁନରୁତଥାନ ପାଇଁ 'ଭିଜନ ୨୦୪୭' ନାମକ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରିଥିଲେ କଲ୍ୟାଣ ଚୌବେ। ଏହି ମହତ୍ତ୍ୱାକାଂକ୍ଷୀ କାର୍ଯ୍ୟକ୍ରମରେ ୩୫ ମିଲିୟନ ପିଲାଙ୍କୁ ଫୁଟବଲ ପ୍ରତି ଆକର୍ଷିତ କରିବା ଓ ପ୍ରଶିକ୍ଷଣ ଦେବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ଚୌବେ ସଭାପତି ହେବାର ଚାରିବର୍ଷ ବିତିଗଲାଣି। କିନ୍ତୁ 'ଭିଜନ ୨୦୪୭' କେବଳ କାଗଜପତ୍ରରେ ହିଁ ସୀମିତ ରହିଯାଇଛି। ଏଥିରୁ ହିଁ ଜଣାପଡୁଛି ଫୁଟବଲର ବିକାଶ ପାଇଁ ଏଆଇଏଫଏଫର ଆନ୍ତରିକତା କେତେ !

୨୦୨୩ରେ ଭାରତୀୟ ଫୁଟବଲ ଦଳ ଫିଫା ର୍‌ୟାକିଂର ଟପ୍ ୧୦୦ ମଧରେ ଥିଲା। ଏକ ଆମନ୍ତ୍ରଣୀୟ ଟୁର୍ଣ୍ଣାମେଂଟ ଓ ସାଫ୍ ଫୁଟବଲ ଚାମ୍ପିଅନସିପ୍ ଜିତି ଫିଫା ମାନ୍ୟତାରେ ଉନ୍ନତି ଆଣିଥିଲା ଭାରତୀୟ ଦଳ। ତାପରଠାରୁ ଭାରତୀୟ ଫୁଟବଲ ଦଳର ପ୍ରଦର୍ଶନରେ ଲଗାତର ଅବନ୍ନତି ହୋଇଛି। ଏବେ ଭାରତୀୟ ଫୁଟବଲ ଦଳର ଫିଫା ରାକିଂ ହେଉଛି ୧୩୬।

କିଛି ପୂର୍ବତନ ଖେଳାଳି ଓ କ୍ରୀଡା ବିଶେଷଜ୍ଞଙ୍କ ମତ ହେଲା ଯେ, ଭାରତୀୟ ଫୁଟବଲ ପାଇଁ ଏକ ଦୀର୍ଘକାଳୀନ ଯୋଜନା ପ୍ରସ୍ତୁତ କରିବାକୁ ହେବ। ପୂର୍ବତନ ଖେଳାଳି ଓ ବିଶେଷଜ୍ଞଙ୍କୁ ନେଇ ପରାମର୍ଶଦାତା କମିଟି ଗଠନ କରିବାକୁ ହେବ। ପ୍ରଥମେ ଏସୀୟ ସ୍ତରରେ ଜାତୀୟ ଦଳ କିଭଳି ଭଲ ପ୍ରଦର୍ଶନ କରିବ, ସେଥିପ୍ରତି ପ୍ରୟାସ ହେବା ଦରକାର। ଅଧିକରୁ ଅଧିକ ଆନ୍ତର୍ଜାତିକ ମ୍ୟାଚ ଖେଳିବାକୁ ହେବ। ଅନ୍ୟଦେଶରେ ଖେଳୁଥିବା ଅଗ୍ରଣୀ ଭାରତୀୟ ବଂଶୋଦ୍ଭବ ଖେଳାଳିଙ୍କୁ ଜାତୀୟ ଦଳ ପାଇଁ ଖେଳିବାକୁ ପ୍ରବର୍ତ୍ତାଇବା ଦରକାର ବୋଲି ମଧ ମତପ୍ରକାଶ ପାଇଛି। ପ୍ରଥମେ ଏସୀୟ ସ୍ତରରେ ଭାରତ ଶକ୍ତିଶାଳୀ ଦଳ ଭାବେ ମୁଣ୍ଡ ଟେକିବା ଦରକାର। ଏସିଆର ବଛା ବଛା ୧୫ରୁ ୨୦ ଦଳ ମଧରେ ସାମିଲ ହେଲା ପରେ ହିଁ ଫୁଟବଲ ବିଶ୍ୱକପ୍ କଥା ଚିନ୍ତା କରାଯାଇପାରେ ବୋଲି ମତ ପ୍ରକାଶ ପାଇଛି। କେବଳ ଏଆଇଏଫଏଫ ଶୁଣିଲେ ହେଲା।




ଉମା ନଗର, ଚତୁର୍ଥ ଲେନ୍
ଲାଞ୍ଜିପଲ୍ଲୀ, ବ୍ରହ୍ମପୁର -୮
ମୋ-୮୮୪୭୮୪୨୪୨୪

# ପୁଣି ହର୍ମୁଜ ଅଶାନ୍ତ
# ମାଳବାହୀ ଜାହାଜ ଉପରେ ଆକ୍ରମଣ
## ନାବିକଙ୍କୁ ଉଦ୍ଧାର କାର୍ଯ୍ୟ ବନ୍ଦ ରଖିଲା ଜାତିସଂଘ

- ଇରାନ୍‌ର ଡ୍ରୋନ୍ ଆକ୍ରମଣ କରିଥିବା ସନ୍ଦେହ
- ଅନିଶ୍ଚିତତାରେ ୧୧,୦୦୦ରୁ ଅଧିକ ନାବିକଙ୍କ ଭାଗ୍ୟ
- ଘଟଣାରେ ଉଭୟ ଇରାନ୍ ଓ ଆମେରିକା ଚୁପ୍




ତେହରାନ,୨୬।୬: ବିଶ୍ୱ ତୈଳ ପରିବହନ ପାଇଁ ଗୁରୁତ୍ୱପୂର୍ଣ୍ଣ ଜଳପଥ କୁହାଯାଉଥିବା ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ରେ ଗୁରୁବାର ପୁଣିଥରେ ଗୋଟିଏ ମାଲ ପରିବାହୀ ଜାହାଜ ଉପରେ ଆକ୍ରମଣ କରାଯାଇଛି। ମାଲ ପରିବହନ କରୁଥିବା ଗୋଟିଏ ଜାହାଜ ଉପରେ ଏକ ଅଜ୍ଞାତ ପ୍ରୋଜେକ୍ଟାଇଲ ମାଡ଼ କରାଯାଇଛି ବୋଲି ବ୍ରିଟେନ୍ ମାରିଟାଇମ୍ ଟ୍ରେଡ୍ ଅପରେସନ୍ ସେଣ୍ଟର ସୂଚନା ଦେଇଛି।

ବ୍ରିଟେନ୍ ମାରିଟାଇମ୍ ଟ୍ରେଡ୍ ଅପରେସନ୍ ସେଣ୍ଟରର ବିବୃତ୍ତି ଅନୁଯାୟୀ, ହର୍ମୁଜରେ ସକ୍ରିୟ ଥିବା ଗୋଟିଏ ମାଲବାହୀ ଜାହାଜ (କାର୍ଗୋ ସିପ୍)ର ଷ୍ଟାରବୋର୍ଡ ପାଖରେ ଏକ ଅଜଣା ପ୍ରୋଜେକ୍ଟାଇଲ୍ (ପ୍ରକ୍ଷେପଣ) ଦ୍ୱାରା ଆକ୍ରମଣ କରାଯାଇଛି, ଯେଉଁଥିରେ ଜାହାଜର ବ୍ରିଜ୍ କ୍ଷତିଗ୍ରସ୍ତ ହୋଇଛି। ଓମାନ ଉପସାଗରସ୍ଥିତ ଦହିତର ୭.୫ ନଟିକାଲ ମାଇଲ୍ ଦକ୍ଷିଣପୂର୍ବକୁ ଏହି ଘଟଣା ଘଟିଛି। ପ୍ରକ୍ଷେପକ ସାମଗ୍ରୀଟି ସିଧାସଳଖ ଆସି ଜାହାଜର ଷ୍ଟାରବୋର୍ଡ ପାଖରେ ମାଡ କରି ଏହାର ବ୍ରିଜକୁ ନଷ୍ଟ କରିଦେଇଥିଲା ବୋଲି ବ୍ରିଟେନ୍ ମାରିଟାଇମ୍ ଟ୍ରେଡ ଅପରେସନ ସେଣ୍ଟରର ତଥ୍ୟକୁ ଆଧାର କରି ଏଏଫପି ରିପୋର୍ଟ କରିଛି। ତେବେ ଏ ଘଟଣାରେ କୌଣସି ମୃତାହତ ହୋଇଥିବାର ସୂଚନା ମିଳିନାହିଁ କି ଏଥିରେ ପରିବେଶଗତ ପ୍ରଭାବ କିଛି ପଡ଼ିନାହିଁ। ଅଧିକାରୀମାନେ ଏ ଘଟଣାର ଅଧିକ ତଦନ୍ତ ଜାରି ରଖିଛନ୍ତି ବୋଲି ଏଏଫପି କହିଛି।

ଅପରପକ୍ଷରେ, ବ୍ରିଟେନ୍ ମାରିଟାଇମ୍ ଟ୍ରେଡ୍ ଅପରେସନ୍ ସେଣ୍ଟର ଏହି ସୂଚନା ଦେବାର ମାତ୍ର କିଛି ଘଣ୍ଟା ପରେ ଏକ ଆମେରିକୀୟ ଆଧିକାରିକ ସୂତ୍ରକୁ ଆଧାର କରି ବିଶ୍ୱର ଅନ୍ୟତମ ପ୍ରମୁଖ ଗଣମାଧ୍ୟମ ସିଏନଏନ୍ ଏହି ଆକ୍ରମଣକୁ ନିଶ୍ଚିତ କରିଛି। ଏଥିସହିତ ପଣ୍ୟବାହୀ ଜାହାଜ ଉପରେ ଇରାନ୍ ଡ୍ରୋନ୍ ମାଡ କରିଛି ବୋଲି ସିଏନଏନ ସ୍ପଷ୍ଟ କରିଛି।

ଗୁରୁବାର ଦିନର ଏହି ଘଟଣା ପରେ କିଛିଦିନ ଧରି ଶାନ୍ତ ପଡ଼ିଥିବା ହର୍ମୁଜର ବାତାବରଣ ପୁଣିଥରେ ଉଷ୍ମ ହେବା ସହିତ ଏହା ମଧ୍ୟପ୍ରାଚ୍ୟ ଶାନ୍ତିଚୁକ୍ତିକୁ ପ୍ରଭାବିତ କରିବ ବୋଲି ସମ୍ଭାବନା ସୃଷ୍ଟି ହୋଇଛି। ଇରାନ୍ ପକ୍ଷରୁ ଡ୍ରୋନ୍ ଆକ୍ରମଣ କରାଯିବା ପରେ ଜାତିସଂଘର ସ୍ୱତନ୍ତ୍ର ସଂସ୍ଥା ଅନ୍ତର୍ଜାତୀୟ ମାରିଟାଇମ୍ ସଂଗଠନ (ଆଇଏମଓ) ଷ୍ଟ୍ରେଟ୍ ଅଫ୍ ହର୍ମୁଜରେ ଜାରି ରଖିଥିବା ଉଦ୍ଧାର କାର୍ଯ୍ୟକୁ ବନ୍ଦ କରିଦେଇଛି। ଫେବ୍ରୁଆରୀ ୨୮ ତାରିଖରେ ଆମେରିକା ଓ ଇସ୍ରାଏଲ୍ ମିଳିତ ଭାବେ ଇରାନ୍ ଉପରେ ଆକ୍ରମଣ କରିବା ପରଠାରୁ ଜାତିସଂଘର ଏହି ସ୍ୱତନ୍ତ୍ର ସଂସ୍ଥା ଅନ୍ତର୍ଜାତୀୟ ମାରିଟାଇମ୍ ସଂଗଠନ ଷ୍ଟ୍ରେଟ୍ ଅଫ୍ ହର୍ମୁଜରେ ଅଟକି ରହିଥିବା ହଜାରହଜାର ନାବିକଙ୍କୁ ଉଦ୍ଧାର ଓ ସ୍ଥାନାନ୍ତରିତ କରିବା କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲା।

ଆଇଏମଓ ମହାସଚିବ ଆର୍ସେନିଓ ଡୋମିନଗେଜ୍ କହିଛନ୍ତି ଯେ, ଉଭୟ ଉଦ୍ଧାରକାର୍ଯ୍ୟରେ ନିୟୋଜିତ ଥିବା ଜାହାଜ ଓ ହର୍ମୁଜ ଅଞ୍ଚଳରେ କାର୍ଯ୍ୟ କରୁଥିବା ବାଣିଜ୍ୟିକ (ମାଲ ପରିବାହୀ) ଜାହାଜର ସୁରକ୍ଷାକୁ ନିଶ୍ଚିତ ନ କରିବା ଯାଏ ସଂସ୍ଥା ତା'ର ଉଦ୍ଧାର ଓ ସ୍ଥାନାନ୍ତର କାର୍ଯ୍ୟକୁ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛି। ଇରାନ-ଆମେରିକା ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ୬୦ଦିନର ଶାନ୍ତିଚୁକ୍ତି ପାରସ୍ୟ ଉପସାଗରରେ ଅଟକି ରହିଥିବା ୧୧,୦୦୦ରୁ ଅଧିକ ନାବିକଙ୍କ ଉଦ୍ଧାର ଓ ସ୍ଥାନାନ୍ତର ପ୍ରକ୍ରିୟା ଲାଗି ପଥ ପ୍ରସ୍ତୁତ କରିବ ବୋଲି ଆଇଏମଓ ମୁଖ୍ୟ କହିବାର ମାତ୍ର କିଛିଦିନ ପରେ ଜାତିସଂଘ ସଂସ୍ଥା ଏଭଳି ନିଷ୍ପତ୍ତି ନେଇଛି। ଆଇଏମଓ ମୁଖ୍ୟଙ୍କ ବକ୍ତବ୍ୟକୁ ଉଦ୍ଧାର କରି ଜାତିସଂଘର ଏହି ସଂସ୍ଥା ତା'ର ସୋସିଆଲ ମିଡ଼ିଆ ପ୍ଲାଟଫର୍ମ 'ଏକ୍ସ'ରେ ଲେଖିଛି ଯେ, ଆଜି (ଗୁରୁବାର) ଓମାନ ଉପସାଗରରେ ଗୋଟିଏ ଆକ୍ରମଣ କରାଯାଇଥିବା ମତେ ସୂଚନା ଦିଆଯାଇଛି। ନାବିକମାନଙ୍କର ସୁରକ୍ଷା ହେଉଛି ସବୁଠୁ ବେଶି ଗୁରୁତ୍ୱପୂର୍ଣ୍ଣ। ସମନ୍ୱିତ ଆଭିମୁଖ୍ୟ ତଥା ଜାହାଜ ଚଳାଚଳର ନିରାପତ୍ତାକୁ ନିଶ୍ଚିତ କରିବା ପାଇଁ, ଆଗକୁ ସ୍ପଷ୍ଟ ସୂଚନା ମିଳିବା ଯାଏ ଆଇଏମଓରେ ଉଦ୍ଧାର ଓ ସ୍ଥାନାନ୍ତର ଯୋଜନାକୁ ସ୍ଥଗିତ ରଖାଯିବ।

ତେବେ କୌତୂହଳର ବିଷୟ ହେଉଛି, ଗୁରୁବାରଠାରୁ ଆକ୍ରମଣ କରାଯାଇଥିଲେ ମଧ୍ୟ ଆମେରିକା ପକ୍ଷରୁ ଏହାକୁ ନେଇ ଅଧିକ ବିବରଣୀ ପ୍ରକାଶ କରାଯାଇନାହିଁ। ସେହିପରି ତେହରାନ୍ ମଧ୍ୟ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ ଘୋଷଣା କରିନାହିଁ।

## ମହେଶ ଦୀକ୍ଷିତ ଆଇବି ମୁଖ୍ୟ ନିଯୁକ୍ତ



ନୂଆଦିଲ୍ଲୀ,୨୬।୬: କେନ୍ଦ୍ର ସରକାର ଆଇପିଏସ୍ ଅଧିକାରୀ ମହେଶ ଦୀକ୍ଷିତଙ୍କୁ ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି)ର ପରବର୍ତ୍ତୀ ମୁଖ୍ୟ ଭାବରେ ନିଯୁକ୍ତ କରିଛନ୍ତି। ଦୀକ୍ଷିତ ତପନ ଡେକାଙ୍କ ସ୍ଥାନରେ ନୂଆ ନିଯୁକ୍ତି ପାଇଛନ୍ତି। ଜୁନ୍ ୩୦ ତାରିଖରେ ଡେକାଙ୍କ ବର୍ଦ୍ଧିତ କାର୍ଯ୍ୟକାଳ ଶେଷ ହେବା ପରେ ଦୀକ୍ଷିତ ଦାୟିତ୍ୱ ଗ୍ରହଣ କରିବେ। ହିମାଚଳ ପ୍ରଦେଶ କ୍ୟାଡରର ୧୯୮୮ବ୍ୟାଚ୍ ଅଧିକାରୀ ଡେକାଙ୍କୁ ୨୦୨୨ ରେ ଆଇବି ମୁଖ୍ୟ ଭାବରେ ନିଯୁକ୍ତ କରାଯାଇଥିଲା ଓ ତା'ପରେ ତାଙ୍କୁ ଦୁଇ ଥର ଗୋଟିଏ ବର୍ଷ ଲେଖାଏଁ ଏକ୍ସଟେନ୍ସନ୍ ଦିଆଯାଇଥିଲା। ୧୯୯୩ ବ୍ୟାଚ ଆନ୍ଧ୍ର ପ୍ରଦେଶ କ୍ୟାଡରର ଆଇପିଏସ୍ ଅଧିକାରୀ ଦୀକ୍ଷିତ ବର୍ତ୍ତମାନ ଆଇବିର ସ୍ୱତନ୍ତ୍ର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟର ନିଯୁକ୍ତି କମିଟି (ଏସିସି) ଦୁଇ ବର୍ଷ ପାଇଁ ଦୀକ୍ଷିତଙ୍କ ନିଯୁକ୍ତିକୁ ଅନୁମୋଦନ କରିଛି। ଦୀକ୍ଷିତ ଆଇପିଏସ୍ ହେବା ପୂର୍ବରୁ ଜଣେ ଡାକ୍ତର ଥିଲେ। ଆଭ୍ୟନ୍ତରୀଣ ସୁରକ୍ଷା ଚ୍ୟାଲେଞ୍ଜର ମୁକାବିଲା କରିବାରେ ତାଙ୍କର ବ୍ୟାପକ ପରିଚାଳନାଗତ ଓ ଗୁଇନ୍ଦା ଅଭିଜ୍ଞତା ରହିଛି। ତାଙ୍କର ଆତଙ୍କବାଦ ବିରୋଧୀ କାର୍ଯ୍ୟରେ ମଧ୍ୟ ଅଭିଜ୍ଞତା ରହିଛି। ଆଇବିରେ ସ୍ୱତନ୍ତ୍ର ନିର୍ଦ୍ଦେଶକ ଭାବରେ ନିଯୁକ୍ତ ହେବା ପୂର୍ବରୁ ସେ ସମ୍ବେଦନଶୀଳ କାଶ୍ମୀର ସବସିଡିଆରୀ ଇଣ୍ଟେଲିଜେନ୍ସ ବ୍ୟୁରୋର ନେତୃତ୍ୱ ନେଇଥିଲେ ଓ ଧାରା ୩୭୦ ଉଚ୍ଛେଦ ପରେ କେନ୍ଦ୍ର ଶାସିତ ଅଞ୍ଚଳରେ ଆଇନ ଶୃଙ୍ଖଳା ବଜାୟ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ଆଞ୍ଚଳିକ ସୁରକ୍ଷା ବିପଦକୁ ମୁକାବିଲା କରିବାରେ ଅଭିଜ୍ଞତା ମଧ୍ୟ ଅଛି, ଉତ୍ତର-ପୂର୍ବ ଏବଂ ଲଦାଖରେ ଅପରେସନଠାରୁ ଆରମ୍ଭ କରି ନକ୍ସଲ ବିରୋଧୀ ଡେସ୍କ ପର୍ଯ୍ୟନ୍ତ ବିଭିନ୍ନ ବିଭାଗ ପରିଚାଳନା କରିଛନ୍ତି।

## ମେଲୋଡ଼ି ଗାଡ଼ି ଦୁର୍ଘଟଣା, ୭ ମୃତ



ରାଞ୍ଚି,୨୬।୬: ଗୁରୁବାର ବିଳମ୍ବିତ ରାତିରେ ଝାଡ଼ଖଣ୍ଡର ରାମଗଡ଼-ବୋକାରୋ ମୁଖ୍ୟ ରାସ୍ତାରେ ଗୋଟିଏ ଟ୍ରକ୍ ଓ ପିକ୍‌ଅପ୍ ମୁହାଁମୁହିଁ ଧକ୍କା ହେବାଫଳରେ ୭ ଜଣଙ୍କ ମୃତ୍ୟୁ ଘଟିଛି। ଜଣେ ଗୁରୁତର ଆହତ ହୋଇଛନ୍ତି। ଆହତ ବ୍ୟକ୍ତିଙ୍କୁ ପ୍ରଥମେ ଚିକିତ୍ସା ପାଇଁ ରାମଗଡ଼ ସଦର ହସ୍ପିଟାଲକୁ ନିଆଯାଇଥିଲା କିନ୍ତୁ ପରେ ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ ରାଞ୍ଚିର ଆରଆଇଏମଏସକୁ ରେଫର କରାଯାଇଛି। ସମସ୍ତ ମୃତକ ଏକ ମେଲୋଡି ପାର୍ଟିର ସଦସ୍ୟ ଥିଲେ ଓ ମହରମ୍ କାର୍ଯ୍ୟକ୍ରମରେ ପ୍ରଦର୍ଶନ କରି ନିଜ ଗାଁକୁ ଫେରୁଥିଲେ। ଧକ୍କା ଏତେ ଜୋରଦାର ଥିଲା ଯେ ପିକଅପ୍ ଟ୍ରକ୍ ସମ୍ପୂର୍ଣ୍ଣ ଭାଙ୍ଗି ଚୁରମାର ହୋଇ ଯାଇଥିଲା। ପୋଲିସ୍ ଟ୍ରକ୍ ଜବତ କରି ତଦନ୍ତ ଆରମ୍ଭ କରିଛି। ଟ୍ରକ୍ ଡ୍ରାଇଭର ଫେରାର୍ ଥିବା ଜଣାପଡ଼ିଛି। ସମସ୍ତ ମୃତକଙ୍କ ବୟସ ୩୫ ରୁ ୪୦ ବର୍ଷ ମଧ୍ୟରେ। ବିପରୀତ ଦିଗରୁ ଆସୁଥିବା ଏକ ଦ୍ରୁତଗାମୀ, ନିୟନ୍ତ୍ରଣହୀନ ଟ୍ରକ୍ ସେମାନଙ୍କ ଗାଡି ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣା ପରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହାନର ଲମ୍ବା ଧାଡ଼ି ଲାଗି ରହିଥିଲା। ପରେ ଗ୍ରାମବାସୀମାନେ କ୍ଷତିପୂରଣ ଓ ଦ୍ରୁତଗାମୀ ଯାନବାହାନକୁ ରୋକିବା ପାଇଁ ପଦକ୍ଷେପ ଦାବି କରି ପ୍ରତିବାଦ କରିଥିଲେ।

## ଭଗ୍ନାବଶେଷ ଭିତରୁ ନବଜାତକ ଉଦ୍ଧାର



କାରାକାସ୍,୨୬।୬: ଭୂକମ୍ପରେ ଭୟଙ୍କର ଭାବେ କ୍ଷତିଗ୍ରସ୍ତ ହୋଇଥିବା ଲା ଗୁଆଇରାର ସବୁଠାରୁ ପ୍ରଭାବିତ ଉତ୍ତର ଅଞ୍ଚଳରେ ଦୁଇଟି ନବଜାତ ଶିଶୁ ଓ ଗୋଟିଏ ପୋଷା କୁକୁରକୁ ଭଗ୍ନାବଶେଷ ତଳୁ ସୁରକ୍ଷିତ ଭାବରେ ବାହାର କରାଯାଇଛି। ଏକ ଭୁଶୁଡ଼ି ପଡ଼ିଥିବା କୋଠାର ଭଗ୍ନାବଶେଷ ତଳେ ଏକ ଶିଶୁକୁ ଜୀବିତ ମିଳିଥିଲା; ବିପର୍ଯ୍ୟୟ ସହାୟତା ଦଳଗୁଡ଼ିକ ସତର୍କତାର ସହିତ ପିଲାଟିକୁ ବାହାର କରି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଥିଲେ। ଭଗ୍ନାବଶେଷରେ ଫସି ରହିଥିବା ସତ୍ତ୍ୱେ ପିଲାଟି ସମ୍ପୂର୍ଣ୍ଣ ଅକ୍ଷତ ଥିଲା। ସମାନ ଘଟଣାରେ, ଏକ ୧୨ ବର୍ଷର ବାଳକକୁ ଭଗ୍ନାବଶେଷରୁ ଜୀବନ୍ତ ବାହାର କରିବାରେ ସଫଳ ହୋଇଛନ୍ତି ଉଦ୍ଧାରକାରୀ ଦଳ। ଏହି ଅଞ୍ଚଳରେ ଏବେ ବି ଶହ ଶହ ଲୋକ କ୍ଷତିଗ୍ରସ୍ତ କୋଠା ତଳେ ଫସି ରହିଥିବା ଅନୁମାନ କରାଯାଉଛି। ଏହା ବ୍ୟତୀତ, ଭୂମିକମ୍ପ ଯୋଗୁ ଭୁଶୁଡ଼ି ପଡ଼ିଥିବା କୋଠାର ଭଗ୍ନାବଶେଷରୁ ମଣିଷଙ୍କ ସହିତ ପଶୁମାନଙ୍କୁ ମଧ୍ୟ ଉଦ୍ଧାର କରାଯାଉଛି। ସନ୍ଧାନ କାର୍ଯ୍ୟ ସମୟରେ, ଉଦ୍ଧାରକାରୀ ଦଳଗୁଡ଼ିକ ଭଗ୍ନାବଶେଷରେ ପୋତା ଯାଇଥିବା ଏକ ଜୀବନ୍ତ କୁକୁରକୁ ପାଇଥିଲେ ଏବଂ ସଫଳତାର ସହ ତାହାକୁ ସୁରକ୍ଷିତ ସ୍ଥାନକୁ ଆଣିଥିଲେ। ଉଦ୍ଧାରକାରୀମାନେ କୁକୁରକୁ ପାଣି ଦେଉଥିବା ଏବଂ ଉଦ୍ଧାର ପରେ ତାକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରୁଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି।

## ପଶ୍ଚିମବଙ୍ଗରେ ଲାଗୁହେବ ୟୁସିସି!



କୋଲକାତା,୨୬।୬: ପଶ୍ଚିମବଙ୍ଗରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ନେତୃତ୍ୱାଧୀନ ବିଜେପି ସରକାର ରାଜ୍ୟରେ ୟୁସିସି ଲାଗୁ କରିବା ପାଇଁ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଆସନ୍ତା ସୋମବାର ଅର୍ଥାତ୍ ଜୁନ୍ ୨୯, ୨୦୨୬ରେ ଶୁଭେନ୍ଦୁ ଅଧିକାରୀଙ୍କ ସରକାର ପଶ୍ଚିମବଙ୍ଗ ବିଧାନସଭାରେ ସମାନ ନାଗରିକ ସଂହିତା (ୟୁସିସି) ବିଲ୍ ଆଗତ କରିପାରନ୍ତି। ପିଟିଆଇ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟ କ୍ୟାବିନେଟ୍ ସହ ଜଡ଼ିତ ବରିଷ୍ଠ ଅଧିକାରୀମାନେ ଏହି ବିଷୟରେ ସ୍ପଷ୍ଟ କରିଛନ୍ତି। ପଶ୍ଚିମବଙ୍ଗରେ ବିଜେପି ସରକାର ଗଠନ ହେବାର ୬ ମାସ ମଧ୍ୟରେ ୟୁସିସି ବିଲ୍ ଆଣିବାକୁ ଦଳ ପ୍ରତିଶ୍ରୁତି ଦେଇଥିଲା। ତେବେ ବର୍ତ୍ତମାନର ସଦ୍ୟତମ ସୂଚନା ଅନୁସାରେ, ଦଳ ନିଜର ନିର୍ଦ୍ଧାରିତ ସମୟ ସୀମାଠାରୁ ବହୁ ପୂର୍ବରୁ ଏହି ବଡ଼ ପଦକ୍ଷେପ ନେବାକୁ ଯାଉଛି। ରାଜ୍ୟ କ୍ୟାବିନେଟ୍ ସୂତ୍ରରୁ ଆହୁରି ମଧ୍ୟ ଜଣାପଡ଼ିଛି ଯେ, ଗୁରୁବାର ସନ୍ଧ୍ୟାରେ ବିଧାନସଭାରେ ଅନୁଷ୍ଠିତ ବିଜନେସ୍ ଆଡଭାଇଜରୀ କମିଟି ବୈଠକରେ ଏହି ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରାଯାଇଥିଲା ଏବଂ ଏହାକୁ ଚୂଡ଼ାନ୍ତ ରୂପ ଦିଆଯାଇଛି। ପଶ୍ଚିମବଙ୍ଗର ଆଇନଗତ ଏବଂ ସାମାଜିକ ନୀତି କ୍ଷେତ୍ରରେ ଏହା ଏକ ଐତିହାସିକ ତଥା ସବୁଠାରୁ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି, କାରଣ ବିଜେପି ସମାନ ନାଗରିକ ସଂହିତାକୁ ଏକ ପ୍ରମୁଖ ସଂସ୍କାର ଭାବରେ ଉପସ୍ଥାପନ କରୁଛି।

## ଫ୍ଲାଟ୍ ଲୋଭରେ ଭଉଣୀଙ୍କୁ ଖଣ୍ଡଖଣ୍ଡ କଲା ଭାଇ



ମସ୍କୋ,୨୬।୬: ତିନି କୋଠରୀ ବିଶିଷ୍ଟ ଫ୍ଲାଟ ପାଇବା ପାଇଁ ମସ୍କୋର ଜଣେ ଭାଇ କଂସେଇ ପାଲଟିଗଲେ। ପ୍ରଥମେ ସେ ତାଙ୍କ ବିଧବା ଭଉଣୀଙ୍କ ସହ ଝଗଡ଼ା କଲେ, ତା'ପରେ ତାଙ୍କୁ ଛୁରି ଭୁସି ହତ୍ୟା କଲେ। ପରବର୍ତ୍ତୀ ସମୟରେ ମୃତଦେହକୁ ଲୁଚାଇବା ପାଇଁ ସେ କଇଁଚି ସାହାଯ୍ୟରେ ତାଙ୍କ ଶରୀରକୁ ଖଣ୍ଡ ଖଣ୍ଡ କରିବାକୁ ଲାଗିଲେ। ସେ ମୃତଦେହକୁ ଅନେକ ଛୋଟ ଖଣ୍ଡ କରି ଶୌଚାଳୟରେ ପକାଇ ଦେଲେ । ସେ ବଡ଼ ଅଙ୍ଗଗୁଡ଼ିକୁ ଏକ ପ୍ଲାଷ୍ଟିକ୍ ବ୍ୟାଗରେ ସଂଗ୍ରହ କଲେ। ତେବେ ସମ୍ପୂର୍ଣ୍ଣ ଯୋଜନାକୁ ପୁଲିସ ଭଣ୍ଡୁର କରିଦେଇଛି। ରିପୋର୍ଟ ଅନୁସାରେ, ଅଧିକାରୀମାନେ ଘରୁ ମହିଳାଙ୍କ ଅଙ୍ଗ ଥିବା ଏକ ପ୍ଲାଷ୍ଟିକ୍ ବ୍ୟାଗ ମଧ୍ୟ ଉଦ୍ଧାର କରିଛନ୍ତି।

### ଭାରତରେ ସଙ୍କଟ ଆଣିବ ହିଟୱେଭ୍
## ବେରୋଜଗାର ହେବେ କୃଷିକ୍ଷେତ୍ରର ୯୦% ଲୋକ

ନୂଆଦିଲ୍ଲୀ,୨୬।୬: ତାପମାତ୍ରା ବୃଦ୍ଧି ଭାରତରେ ୟୁରୋପର ପରିସ୍ଥିତି ସୃଷ୍ଟି କରିବ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ତାପମାତ୍ରା ବୃଦ୍ଧିର ପ୍ରଭାବରେ ୟୁରୋପରେ ଲୋକଙ୍କ ଆୟ ପୂର୍ବାପେକ୍ଷା ୩ ପ୍ରତିଶତ କମିଯାଇଥିବା ରେକର୍ଡ କରାଯାଇଛି। ଭାରତୀୟମାନେ ମଧ୍ୟ ସମାନ ପରିସ୍ଥିତିର ଶିକାର ହେବାକୁ ଯାଉଛନ୍ତି। ଏଠାକାର ଅନେକ ଲୋକ ଚାଷବାସ ଉପରେ ନିର୍ଭରଶୀଳ। ଚଳିତ ବର୍ଷ ମୌସୁମୀ ଧୋକା ଦେବାର ସମ୍ଭାବନା ଅଧିକ ରହିଛି। କାରଣ ଏଲ୍ ନିନୋ ପ୍ରଭାବରେ ମୌସୁମୀ ଦୁର୍ବଳ ହୋଇଛି। ବିଶ୍ୱବ୍ୟାଙ୍କର ରିପୋର୍ଟ ଅନୁସାରେ, ଯଦି ହାରାହାରି ତାପମାତ୍ରା ୧ ଡିଗ୍ରୀ ବୃଦ୍ଧି ପାଏ ତା'ହେଲେ ଏହା ଗୁରୁତର ଖାଦ୍ୟ ସଙ୍କଟ ସୃଷ୍ଟି କରିବ। ଅସମାନତା ବୃଦ୍ଧି ପାଇବା ସଙ୍ଗେ ଦାରିଦ୍ର୍ୟ ବଢ଼ିଯିବ। ପ୍ରଫେସର ସଞ୍ଜୟ କୁମାରଙ୍କ କହିବା ଅନୁସାରେ, ଅଧିକ ହିଟ୍‌ୱେଭ୍ କେବଳ ଜଳବାୟୁ ଉପରେ ପ୍ରଭାବ ପକାଏ ନାହିଁ, ଏହା ରୋଜଗାର, ଉତ୍ପାଦନ, ଖାଦ୍ୟ, ବିଦ୍ୟୁତ ଯୋଗାଣ, ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଏ। ଭାରତର ୯୦ ପ୍ରତିଶତ ବ୍ୟକ୍ତି ଅଣପାରମ୍ପରିକ ସେକ୍ଟର ବା ଶ୍ରମିକ, ଦୋକାନୀ, ଚାଷବାସ ଆଦିରେ କାମ କରନ୍ତି। ଏମାନଙ୍କ ମେରୁଦଣ୍ଡକୁ ତାତିବୃଦ୍ଧି ଭାଙ୍ଗିପକାଇବା ନିଶ୍ଚିତ ହୋଇଛି। ଅଧିକ ତାପମାତ୍ରା ବଢ଼ିଲେ ବିହନ ନଷ୍ଟ ହେବ। କୃଷିକ୍ଷେତ୍ରରେ କାର୍ଯ୍ୟ କରୁଥିବା ୯୦% ରୋଜଗାର ହରାଇବେ। ଉତ୍ପାଦନ କମିବ। କିନ୍ତୁ ଚାହିଦା ବଢ଼ିବ। ଫଳରେ ହିଟୱେଭ୍ ଯୋଗୁ ଦରଦାମ ମଧ୍ୟ ବୃଦ୍ଧି ପାଇବ। ୨୦୫୦ ସୁଦ୍ଧା ଜିଡିପିରେ ୨.୮ ପ୍ରତିଶତ ହ୍ରାସ ପରିଲକ୍ଷିତ ହୋଇପାରେ। ଛତିଶଗଡ, ମଧ୍ୟ ପ୍ରଦେଶ, ରାଜସ୍ଥାନ, ଉତ୍ତର ପ୍ରଦେଶ ଏବଂ ମହାରାଷ୍ଟ୍ରରେ ଅଧିକ କ୍ଷତି ହେବା ନେଇ ଅନୁମାନ କରାଯାଉଛି।



### ରାମ ମନ୍ଦିର ଦାନ ଅର୍ଥ ହେରଫେର ମାମଲା
## ଟ୍ରଷ୍ଟର ୨ ସଦସ୍ୟଙ୍କ ଇସ୍ତଫା, ୮ ଅଭିଯୁକ୍ତ ଗିରଫ



ଲକ୍ଷ୍ନୌ,୨୬।୬: ରାମମନ୍ଦିର ଦାନ ଅର୍ଥ ହେରଫେର ମାମଲାରେ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ (ଏସଆଇଟି) ୮ ଜଣଙ୍କୁ ଗିରଫ କରିଛି। ଗୁରୁବାର ସେମାନଙ୍କ ବିରୋଧରେ ମାମଲା ରୁଜୁ ହେଲା ପରେ ସମସ୍ତଙ୍କୁ ଗିରଫ କରାଯାଇଛି। ସେହିପରି, ରାମ ଜନ୍ମଭୂମି ଟ୍ରଷ୍ଟର ଦୁଇଜଣ ସଦସ୍ୟ ଇସ୍ତଫା ପ୍ରଦାନ କରିଛନ୍ତି। ଏହି ସଦସ୍ୟ ଦ୍ୱୟ ହେଉଛନ୍ତି ଚମ୍ପତ ରାୟ ଏବଂ ଅନିଲ ମିଶ୍ରା। ଏସଆଇଟିର ତଦନ୍ତ ରିପୋର୍ଟ ପରେ ଉଭୟ ଇସ୍ତଫା ଦେଇଛନ୍ତି।

ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳର ପ୍ରାଥମିକ ତଦନ୍ତ ରିପୋର୍ଟ ଆଧାରରେ ରାମ ଜନ୍ମଭୂମି ପୁଲିସ ଷ୍ଟେସନରେ ମାମଲା ରୁଜୁ କରାଯାଇଥିଲା। ଘଟଣା ସମ୍ପର୍କରେ ପ୍ରଥମେ ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ସଦସ୍ୟ ଶ୍ରୀକୃଷ୍ଣ ମୋହନ ଅଭିଯୋଗ କରିଥିଲେ। ମନ୍ଦିର ଟ୍ରଷ୍ଟ ଏଫଆଇଆରରେ ୮ ଜଣଙ୍କୁ ଅଭିଯୁକ୍ତ ବୋଲି ଦର୍ଶାଯାଇଛି। ଅନେକ ଅଜଣା ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କ ମଧ୍ୟରେ ଅବିନାଶ ଶୁକ୍ଳା, ଅନୁକଲ୍ପ ମିଶ୍ର, ମନୀଷ ଯାଦବ, ରାମଶଙ୍କର ମିଶ୍ର, ରାମଶଙ୍କର ଯାଦବ ଓରଫ ଟିନ୍ନୁ, ସୁଭାଷ ଚନ୍ଦ୍ର, କରୁଣେଶ ପାଣ୍ଡେ ଓ ଅନ୍ୟ ଜଣେ ଅଭିଯୁକ୍ତ ଅଛନ୍ତି ଯାହାଙ୍କ ନାମ ଏପର୍ଯ୍ୟନ୍ତ ପ୍ରକାଶ କରାଯାଇ ନାହିଁ। ସମସ୍ତ ୮ ଜଣ ଅଭିଯୁକ୍ତଙ୍କଠାରୁ ଟଙ୍କା ଆଦାୟ କରାଯିବା ପରେ ସେମାନଙ୍କୁ ହେପାଜତକୁ ନିଆଯାଇଛି ବୋଲି ବୋଲି ସୂତ୍ରରୁ ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, କିଛି ଦିନ ତଳେ ଉତ୍ତର ପ୍ରଦେଶ ସରକାର ରାମ ମନ୍ଦିର ଦାନ ହେରଫେର ଘଟଣାକୁ ଗୁରୁତର କହିବା ସହ ଦୋଷୀଙ୍କୁ ଛଡାଯିବ ନାହିଁ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ତଦନ୍ତ ସଙ୍କେତ ଦେଇଥିଲେ। ଅନିୟମିତତା ଧରା ପଡିଲେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଚେତାବନୀ ଦେଇଥିଲେ।

### ପୁଣେ ହତ୍ୟାକାଣ୍ଡ
## ଲଢ଼ିବେ ୨୬/୧୧ ଆକ୍ରମଣ ମାମଲାର ଓକିଲ



ମୁମ୍ବାଇ,୨୬।୬: ମହାରାଷ୍ଟ୍ରର ଲୋନାବାଲା ଅଞ୍ଚଳରେ ଘଟିଥିବା ଚାଞ୍ଚଲ୍ୟକର କେତନ ଅଗ୍ରୱାଲ ହତ୍ୟା ମାମଲାରେ ପୀଡ଼ିତ ପରିବାରକୁ ନ୍ୟାୟ ପ୍ରଦାନ ପାଇଁ ରାଜ୍ୟ ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଦେଶର ପ୍ରସିଦ୍ଧ ତଥା ହାଇପ୍ରୋଫାଇଲ୍ ମାମଲା ଲଢୁଥିବା ବରିଷ୍ଠ ଆଇନଜୀବୀ ଉଜ୍ଜ୍ୱଳ ନିକମ ଏହି ମାମଲାରେ ସ୍ୱତନ୍ତ୍ର ସରକାରୀ ଓକିଲ ଭାବରେ କୋର୍ଟରେ ପକ୍ଷ ରଖିବେ। ଉଜ୍ଜ୍ୱଳ ନିକମ ହେଉଛନ୍ତି ସେହି ସ୍ୱତନ୍ତ୍ର ଓକିଲ ଯିଏ ମୁମ୍ବାଇର ୨୬/୧୧ ଆତଙ୍କବାଦୀ ଆକ୍ରମଣର ମାମଲାରେ ଆତଙ୍କବାଦୀ ଅଜମଲ କସାବକୁ ଫାଶୀ ଖୁଣ୍ଟରେ ଝୁଲାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବିସ ପୁଣେଠାରେ ମୃତ କେତନ ଅଗ୍ରୱାଲଙ୍କ ପରିବାର ସଦସ୍ୟଙ୍କୁ ଭେଟିବା ସହ ଅପରାଧୀମାନଙ୍କୁ କଠୋର ଦଣ୍ଡ ମିଳିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ଅପରେସନ ସିନ୍ଦୂର ବଳିଦାନ
## ସାର୍ବଜନୀନ ହେଲା ୬ ଯବାନଙ୍କ ନାମ



ନୂଆଦିଲ୍ଲୀ, ୨୬।୬: ଭାରତ ସରକାର ପ୍ରଥମଥର ଅଧିକାରୀକ ଭାବେ ଭାରତୀୟ ସେନାର ସେହି ୬ ଜଣ ସୈନିକଙ୍କ ନାମ ଉଜାଗର କରିଛନ୍ତି ଯେଉଁମାନେ ଅପରେସନ ସିନ୍ଦୂର କାଳରେ ଦେଶ ପାଇଁ ସହିଦ ହୋଇଥିଲେ। ଗତବର୍ଷ ମେ ମାସରେ ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କାଶ୍ମୀରରେ ଆତଙ୍କବାଦୀଙ୍କ ଭିତ୍ତିଭୂମି ଧ୍ୱଂସ କରିବାକୁ ଏହି ସୀମାପାର ସୈନ୍ୟ ଅଭିଯାନ ହାତକୁ ନିଆଯାଇଥିଲା। ଏହି ୬ ସହିଦଙ୍କ ନାମ ଜାତୀୟ ଯୁଦ୍ଧ ସ୍ମାରକର ୱେବସାଇଟ୍ 'ରୋଲ ଅଫ ଅନର' ଭାଗରେ ପ୍ରକାଶିତ କରାଯାଇଛି।

ଏହା ଛଡା ନୂଆଦିଲ୍ଲୀସ୍ଥିତ ଜାତୀୟ ଯୁଦ୍ଧ ସ୍ମାରକରେ ମଧ୍ୟ ଅଙ୍କିତ କରାଯାଇଛି। ଏହି ଅପରେସନରେ ଭାରତୀୟ ସେନାର ହୋଇଥିବା କ୍ଷତିକୁ ଭାରତ ସରକାର ପ୍ରଥମ ଥର ସାର୍ବଜନିକ ଓ ଅଧିକାରୀକ ଭାବେ ସ୍ୱୀକାର କରିଛନ୍ତି। ନ୍ୟାସନାଲ ୱାର ମେମୋରିଆଲ ୱେବସାଇଟ୍ ଅନୁସାରେ ଶହୀଦଙ୍କ ନାମ ସ୍ମାରକର ଥ୍ରୀ-ଡି ୱାଲର ୨୦୨୫ ଭାଗରେ ଉଲ୍ଲେଖ କରାଯାଇଛି। ଦେଶ ଲାଗି ସର୍ବୋଚ୍ଚ ବଳିଦାନ ଦେଇଥିବା ସହିଦଙ୍କ ମଧ୍ୟରେ ମୁଖ୍ୟାଳୟ ୧୦ ଇନଫେଣ୍ଟ୍ରି ବ୍ରିଗେଡ୍ ସୁବେଦାର ମେଜର ପବନ କୁମାର, ୪ ଜମ୍ମୁ-କାଶ୍ମୀର ଲାଇଟ୍ ଇନଫେଣ୍ଟ୍ରି ରାଇଫଲମ୍ୟାନ୍ ସୁନୀଲ କୁମାର(ବୀରଚକ୍ର) ,୫ ଫିଲ୍ଡ ରେଜିମେଣ୍ଟର ଲାନ୍ସ ନାୟକ ଦିନେଶ କୁମାର, ୮୫୧ ଲାଇଟ୍ ରେଜିମେଣ୍ଟର ଏଭିଏସନ ଟେକ୍ନିସିୟାନ ଏମ.ମୁରଲୀ ନାୟକ, ୨୩୭ ଫିଲ୍ଡ ୱାର୍କସପ୍ କମ୍ପାନୀ ହାବିଲଦାର ସୁନୀଲ କୁମାର ସିଂହ, ସର୍ଜେଣ୍ଟ ସୁରେନ୍ଦ୍ର କୁମାର ବାୟୁସେନା ପଦକ (୩୯ ୱିଙ୍ଗ) ଆଦି ଅଛନ୍ତି।

ମେ ୨୦୨୫ରେ ଭାରତ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ୪ ଦିବସୀୟ ଯୁଦ୍ଧ କାଳରେ ସାମରିକ କ୍ଷୟକ୍ଷତିକୁ ନେଇ ବିଭିନ୍ନ ପ୍ରକାରର ଅଙ୍କକଷା ଚାଲିଥିଲା। ହେଲେ ସରକାର ଅଧିକାରୀକ ଭାବେ ଏହି ଯୁଦ୍ଧରେ ହତାହତ ହୋଇଥିବା ସୈନିକଙ୍କ ସୂଚନା ଦେଇ ନଥିଲେ। ତେବେ ଜାତୀୟ ସ୍ମାରକର 'ରୋଲ ଅଫ ଅନର'ରେ ଏହି ସହିଦଙ୍କ ନାମ ଲେଖିବା ପରେ ଏବେ ଅଧିକାରୀକ ଭାବେ ଏହା ପୁଷ୍ଟି ହୋଇଛି।

## ମୋ ଝିଅକୁ ସେହି ଦୁର୍ଗରୁ ତଳକୁ ଫିଙ୍ଗିଦିଅ



ପୁଣେ,୨୬।୬: ମହାରାଷ୍ଟ୍ର ପୁଣେର ପ୍ରସିଦ୍ଧ ବ୍ୟବସାୟୀ କେତନ ଅଗ୍ରୱାଲଙ୍କ ମୃତ୍ୟୁ ମାମଲା ସାରା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୁଖ୍ୟ ଅଭିଯୁକ୍ତ ତଥା କେତନଙ୍କ ଭାବି ପତ୍ନୀ ସିୟା ଗୋୟଲ ଏବଂ ତାଙ୍କ ପ୍ରେମିକ ଚେତନ ବର୍ତ୍ତମାନ ପୁଲିସ ହେପାଜତରେ ଅଛନ୍ତି। ସିୟା ଗୋୟଲଙ୍କ ବାପା ପ୍ରବୀଣ ଗୋୟଲଙ୍କ ଏକ ବଡ଼ ବୟାନ ସାମ୍ନାକୁ ଆସିଛି । ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପ୍ରବୀଣ ଗୋୟଲ କହିଛନ୍ତି, ଏହା ଏକ ଅତ୍ୟନ୍ତ ଦୁଃଖଦାୟକ ଘଟଣା। ଆମେ ଆଜି ବି ଏହାକୁ ବିଶ୍ୱାସ କରିପାରୁନୁ। ମୁଁ କେତନକୁ ମୋ ନିଜ ପୁଅ ଭଳି ଭଲ ପାଉଥିଲି। ତା' ପ୍ରତି ମୋର ଏତେ ସ୍ନେହ ଥିଲା ଯେ ମୁଁ ତାକୁ ନିଜର ବୋଲି ଭାବୁଥିଲି। ଆଜି ଆମେ ଏଭଳି ଜଣେ ଭଲ ପୁଅକୁ ହରାଇଥିବାରୁ ଗଭୀର ମର୍ମାହତ। ନିଜର କୋହଭରା କଣ୍ଠରେ ପ୍ରବୀଣ ଆଗକୁ କହିଛନ୍ତି, "ଏହି ଘଟଣାରେ ଯିଏ ବି ଦୋଷୀ, ତାକୁ କଠୋରରୁ କଠୋର ଦଣ୍ଡ ମିଳିବା ଦରକାର।

ଯେଉଁ ଦୁର୍ଗରୁ ପଡ଼ି ଆମ କେତନର ମୃତ୍ୟୁ ହୋଇଛି, ଏହି ହତ୍ୟାକାଣ୍ଡ ପଛରେ ଯିଏ ବି ଅଭିଯୁକ୍ତ, ସେ ମୋ ନିଜ ଝିଅ କାହିଁକି ନହେଉ, ତାକୁ ବି ସେହି ଦୁର୍ଗ ଉପରୁ ତଳକୁ ଫିଙ୍ଗି ଦିଆଯାଉ। ପ୍ରବୀଣ ଗୋୟଲ କହିଛନ୍ତି ଯେ, ଏକ ବାପା ହିସାବରେ ମୁଁ ଅନୁଭବ କରିପାରୁଛି ଯେ, ଅଗ୍ରୱାଲ ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଛି। ଉଭୟଙ୍କ ବିବାହକୁ ନେଇ ଆମର ବହୁତ ଆଶା ଥିଲା। ନିର୍ବନ୍ଧ ପରଠାରୁ ସିୟା ସେଥିପାଇଁ ବହୁତ ଖୁସି ଥିଲା ଏବଂ ସବୁବେଳେ କହୁଥିଲା ଯେ କେତନ ବହୁତ ଭଲ ପିଲା, ତାକୁ ବହୁତ ଭଲ ଶାଶୂ-ଶଶୁର ଓ ନଣନ୍ଦ ମିଳିଛନ୍ତି।

### ନର୍ଥ ପୋଲ୍ ଡୋମ୍‌ରେ ରହିଛି ମହାଜାଗତିକ ପ୍ରଭାବର ଚିହ୍ନ
# ବ୍ରହ୍ମାଣ୍ଡର ସର୍ବପ୍ରାଚୀନ ଗ୍ରହାଣୁ ଗର୍ତ୍ତ ଆବିଷ୍କାର



ନୂଆଦିଲ୍ଲୀ,୨୬।୬: ପ୍ରାୟ ୩୦୦ କୋଟି ବର୍ଷ ପୂର୍ବେ ଜୀବଜନ୍ତୁ, ଜଙ୍ଗଲ, ଏପରିକି ଜଟିଳ ଜୀବନ ଆରମ୍ଭର ବହୁ ପୂର୍ବରୁ ଏକ ବିଶାଳ ଗ୍ରହାଣୁ ପ୍ରାରମ୍ଭିକ ପୃଥିବୀରେ ମାଡ଼ ହୋଇଥିଲା। ଏହି ସମୟରେ ପୃଥିବୀ ବର୍ତ୍ତମାନଠୁ ଖୁବ୍ ଭିନ୍ନ ଦିଶୁଥିଲା। ମହାଦେଶମାନେ ସେତେବେଳେ ଆକାର ନେଉଥିଲେ। ସେହି ସୁଦୂର ଯୁଗର ଅନେକ ପ୍ରମାଣ ସମୟ ସହିତ ଲିଭିଯାଇଛି। ପ୍ରାରମ୍ଭିକ ସମୟର ପଥର ତଳେ ଦବିଯାଇଛି କିମ୍ବା କୋଟି କୋଟି ବର୍ଷର ଉତ୍ତାପ ଓ ଚାପ ଦ୍ୱାରା ପରିବର୍ତ୍ତନ ହୋଇଛି। ସେଥିପାଇଁ ପଶ୍ଚିମ ଅଷ୍ଟ୍ରେଲିଆରେ ଏକ ପଥୁରିଆ ସ୍ଥାନ ଦୀର୍ଘ ଦଶନ୍ଧି ଧରି ଭୂବୈଜ୍ଞାନିକମାନଙ୍କର ଧ୍ୟାନ ଆକର୍ଷଣ କରିଆସୁଛି। 'ନର୍ଥ ପୋଲ୍ ଡୋମ୍' ନାମରେ ପରିଚିତ ଏହି ସ୍ଥାନ ଏକ ପ୍ରାଚୀନ ମହାଜାଗତିକ ପ୍ରଭାବର ଚିହ୍ନକୁ ସାଇତି ରଖିଥିବା ଦୀର୍ଘ ସମୟ ଧରି ଅନୁମାନ କରାଯାଉଛି। କର୍ଟିନ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏହି ସଂରଚନାକୁ ବିଶ୍ୱର ସର୍ବପ୍ରାଚୀନ ଗ୍ରହାଣୁ ଗର୍ତ୍ତ ଭାବେ ସ୍ପଷ୍ଟ କରିଛନ୍ତି। ଏହି ପ୍ରଭାବ ପ୍ରାୟ ୩୦୦ କୋଟି ବର୍ଷ ତଳର, ଯାହା ଡାଇନୋସରଙ୍କ ବିଚରଣ ସମୟଠୁ ୧୦ ଗୁଣ ଅଧିକ ପ୍ରାଚୀନ। ଅଧ୍ୟୟନକର୍ତ୍ତା ପଶ୍ଚିମ ଅଷ୍ଟ୍ରେଲିଆର ପିଲବାରା ଅଞ୍ଚଳରେ ସ୍ଥିତ ନର୍ଥ ପୋଲ ଡୋମ୍‌ର ଶିଳାଗୁଡ଼ିକୁ ଅଧ୍ୟୟନ କଲେ। କର୍ଟିନ୍‌ର ସ୍କୁଲ ଅଫ୍ ଆର୍ଥ ଆଣ୍ଡ ପ୍ଲାନେଟାରୀ ସାଇନ୍ସେସ୍ ଓ ଜିଓଲୋଜିକାଲ ସର୍ଭେ ଅଫ୍ ୱେଷ୍ଟର୍ନ ଅଷ୍ଟ୍ରେଲିଆର ଗବେଷକମାନେ ଉନ୍ନତ ଖଣିଜ ଡେଟିଂ ଜରିଆରେ ଏକ ବିଶାଳ ଧକ୍କାର ପ୍ରମାଣ ପାଇଛନ୍ତି। ଅଧ୍ୟୟନର ମୁଖ୍ୟ ପ୍ରଫେସର କ୍ରିସ କିର୍କଲାଣ୍ଡ କହିଛନ୍ତି ଯେ, କୋଟି କୋଟି ବର୍ଷ ପୂର୍ବେ ଜୀବଜଗତ ଆରମ୍ଭ ପୂର୍ବରୁ ବିଶାଳକାୟ ଗ୍ରହାଣୁ ପୃଥିବୀକୁ ଆକାର ପ୍ରଦାନ କରୁଥିଲେ। ଏହି ପ୍ରାରମ୍ଭିକ ପ୍ରଭାବ ପୃଥିବୀର ମହାଦେଶଗୁଡ଼ିକର ସୃଷ୍ଟି ଓ ଏହାର ପୃଷ୍ଠ ପରିବର୍ତ୍ତନରେ ବୋଧହୁଏ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି।

କିର୍କଲାଣ୍ଡ କହିଛନ୍ତି ଯେ, ଜିରକନ୍ ନାମକ ଏକ ଛୋଟ କିନ୍ତୁ ଅସାଧାରଣ ରୂପେ ମଜଭୁତ ଖଣିଜରୁ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ସେମାନେ ପାଇଛନ୍ତି। ଏହି ଖଣିଜ କୋଟି କୋଟି ବର୍ଷ ତଳର ଭୌଗୋଳିକ ସମୟକୁ ସାଇତି ରଖିପାରେ। ନର୍ଥ ପୋଲ ଡୋମ୍‌ରେ କିଛି ଜିରକନ୍‌ରେ କଙ୍କାଳ ଆକୃତିର ଅସାଧାରଣ ଶାଖା ରହିଛି। ଧକ୍କାର ପ୍ରଭାବରେ ପୁରୁଣା ଜିରକନ୍ ସ୍ଫଟିକରେ ରୂପାନ୍ତରିତ ହୋଇଥିଲା ଏବଂ ଭୀଷଣ ଉତ୍ତାପ ସମୟରେ ଏଗୁଡ଼ିକର ପୁନଃ ବୃଦ୍ଧି ହୋଇଥିଲା। ଏହି ଜିରକନ୍ ସ୍ଫଟିକ ପ୍ରାୟ ୩୦୦ କୋଟି ବର୍ଷ ପୂର୍ବର ଏକ ଘଟଣାକୁ ରେକର୍ଡ କରିଛି ବୋଲି କିର୍କଲାଣ୍ଡ କହିଛନ୍ତି।

SANCHAR ସଂଚାର

## ଟି-୨୦ ସିରିଜ୍: ମାଟି କାମୁଡ଼ିଲା ଭାରତ

# ପ୍ରଥମ ମ୍ୟାଚ୍‌ରେ ଜିତିଲା ଆୟର୍ଲାଣ୍ଡ



**ବେଲ୍‌ଫାଷ୍ଟ,୨୬।୬:** ଆଜିଠାରୁ ଭାରତ ଓ ଆୟର୍ଲାଣ୍ଡ ମଧ୍ୟରେ ଟି-୨୦ ସିରିଜ୍ ଆରମ୍ଭ ହୋଇଥିବା ବେଳେ ପ୍ରଥମ ମ୍ୟାଚ୍‌ରେ ଭାରତ ମାଟି କାମୁଡ଼ିଛି। ପ୍ରଥମେ ବ୍ୟାଟିଂ ପାଇଁ ସୁଯୋଗ ପାଇଥିବା ଆୟର୍ଲାଣ୍ଡ ୯ ୱିକେଟ୍ ବିନିମୟରେ ୧୮୨ ରନ୍ କରିଥିବା ବେଳେ ଭାରତ ୧୮.୫ ଓଭର୍‌ରେ ୧୪୮ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଛି। ଫଳରେ ଏହି ଦୁଇ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଆୟର୍ଲାଣ୍ଡ ୩୪ ରନ୍‌ରେ ବିଜୟୀ ହୋଇ ୧-୦ରେ ଆଗୁଆ ରହିଛି।

ଆୟର୍ଲାଣ୍ଡ ବ୍ୟାଟ୍ସମ୍ୟାନ୍‌ମାନେ ଆକ୍ରମଣାତ୍ମକ ଆଭିମୁଖ୍ୟ ଆପଣେଇ ପ୍ରାରମ୍ଭରୁ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲେ। ଯଦିଓ ଦଳ ନିୟମିତ ବ୍ୟବଧାନରେ ୱିକେଟ୍ ହରାଇଥିଲା, କିନ୍ତୁ ଏହା ରନ୍ ରେଟ୍‌କୁ କାଏମ ରଖିଥିଲା। ଦଳ ପକ୍ଷରୁ ଅଧିନାୟକ ଲୋର୍କାନ ଟକ୍କର୍ ୫ଟି ଚୌକା ଓ ୨ଟି ଛକା ସହାୟତାରେ ୫୦ ରନ୍ କରିଥିବା ବେଳେ ଗାରେଥ୍ ଡେଲାନି ଆକ୍ରମଣାତ୍ମକ ବ୍ୟାଟିଂ କରି ମାତ୍ର ୩୨ ବଲ୍‌ରେ ୩ଟି ଲେଖାଏଁ ଚୌକା ଓ ଛକା ସହାୟତାରେ ୪୯ ରନ୍ କରିଥିଲେ। ଭାରତ ପକ୍ଷରୁ ହର୍ଷିତ ରାଣା ସର୍ବାଧିକ ୩ଟି, ଅର୍ଶଦୀପ ସିଂହ ଓ ଅକ୍ଷର ପଟେଲ୍ ୨ଟି ଲେଖାଏଁ ଏବଂ ଶିବମ୍ ଦୁବେ ଗୋଟିଏ ୱିକେଟ୍ ନେଇଥିଲେ। ବ୍ୟାଟିଂରେ ଭାରତ ପ୍ରଥମରୁ ଓପନର ସଞ୍ଜୁ ସାମ୍‌ସନ୍ (୫) ଓ ଈଶାନ୍ କିଶନ୍ (୧)ଙ୍କ ୱିକେଟ୍ ହରାଇଥିଲା। କିନ୍ତୁ ଅଭିଷେକ ଶର୍ମା ତାଙ୍କ ଚିରାଚରିତ ଢଙ୍ଗରେ ବିସ୍ଫୋରକ ବ୍ୟାଟିଂ କରିଥିଲେ। ସେ ମାତ୍ର ୨୦ ବଲ୍‌ରେ ୭ଟି ଚୌକା ଓ ୨ଟି ଛକା ସହ ୪୯ ରନ୍ କରି ଆଉଟ୍ ହେବା ପରେ ଦୁବେ ୨୫, ତିଲକ ବର୍ମା ୧୯ ଓ ଅକ୍ଷର ୧୫ ରନ୍ କରିଥିଲେ। ଆୟର୍ଲାଣ୍ଡ ବୋଲର୍‌ମାନେ ମାପଚୁପ ବୋଲିଂ କରିବା ଫଳରେ ଭାରତ ଲକ୍ଷ୍ୟଠାରୁ ଯଥେଷ୍ଟ ଦୂରରେ ରହିଥିଲା। ଆୟର୍ଲାଣ୍ଡ ପକ୍ଷରୁ ମାଥ୍ୟୁ ହୋଲାଣ୍ଡ ଓ ମାଥ୍ୟୁ ହମ୍ଫ୍ରିଜ୍ ୩ଟି ଲେଖାଏଁ ଏବଂ ଜାଇ ମୁଦ୍ରା ୨ଟି, ଲିଆମ୍ ମ୍ୟାକ୍‌କାର୍ଥି ଓ ଡେଲାନି ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ। ଡେବ୍ୟୁଟାଣ୍ଟ ହୋଲାଣ୍ଡ ମିତବ୍ୟୟୀ ବୋଲିଂ ପାଇଁ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିବା ବେଳେ ସିରିଜ୍‌ର ଅନ୍ତିମ ମ୍ୟାଚ୍‌ଟି ଆସନ୍ତା ୨୮ ତାରିଖରେ ଏଠାରେ ଖେଳାଯିବ।

## ଜୁଲାଇ ୫ରେ ଜିଲ୍ଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା

**ପୁରୀ,୨୬।୬ (ସଂଚାର ବ୍ୟୁରୋ):** ଆସନ୍ତା ଜୁଲାଇ ୫ ତାରିଖରେ ପୁରୀରେ ଜିଲ୍ଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଶ୍ରୀଜଗନ୍ନାଥ ଷ୍ଟାଡିୟମସ୍ଥିତ ସନ୍ତରଣାଗାରରେ ଅନୁଷ୍ଠିତ ହେବ। ଏନେଇ ଜିଲ୍ଲା ଆକ୍ୱାଟିକ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ୧୧ରୁ ୧୮ ବର୍ଷ ବୟସ ବର୍ଗର ଇଚ୍ଛୁକ ପ୍ରତିଯୋଗୀମାନେ ଆସନ୍ତା ଜୁନ୍ ୩୦ ତାରିଖ ସୁଦ୍ଧା ସର୍ବଭାରତୀୟ ସନ୍ତରଣ ପରିଚୟପତ୍ର କିମ୍ବା ଜନ୍ମ ପ୍ରମାଣପତ୍ର ସହ ଆଧାର କାର୍ଡ ଦାଖଲ କରି ନିର୍ଦ୍ଧାରିତ ଫର୍ମ ପୂରଣ କରି ପ୍ରତିଯୋଗିତାରେ ନାମ ପଞ୍ଜୀକରଣ କରିପାରିବେ।ନ ପ୍ରତିଯୋଗିତାରେ ଉଲ୍ଲେଖନୀୟ ପ୍ରଦର୍ଶନ କରୁଥିବା ସନ୍ତରଣବିତମାନଙ୍କୁ ଆସନ୍ତା ଜୁଲାଇ ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଓଡ଼ିଶା ରାଜ୍ୟସ୍ତରୀୟ ଜୁନିଅର ଓ ସବ୍-ଜୁନିଅର ସନ୍ତରଣ ପ୍ରତିଯୋଗିତା ପାଇଁ ମନୋନୀତ କରାଯିବ। ଏହି ସୂଚନା ପ୍ରତିଯୋଗିତା ଆୟୋଜକ ସମ୍ପାଦକ ଶ୍ରୀ ଅରୁଣ ରଥ ପ୍ରଦାନ କରିଛନ୍ତି।

## ଫିଲପାଇନ୍ସରେ ଭୂମିକମ୍ପ, ରିକ୍ଟର ସ୍କେଲରେ ତୀବ୍ରତା ୬.୪

**ମାନିଲା,୨୬।୬:** ୟୁନାଇଟେଡ୍ ଷ୍ଟେଟସ୍ ଜିଓ୍ୱାଲଜିକାଲ ସର୍ଭେ (ୟୁଏସଜିଏସ୍) ଅନୁସାରେ ଶୁକ୍ରବାର ଦକ୍ଷିଣ ଫିଲପାଇନ୍ସ ମିଣ୍ଡାନାଓ ଦ୍ୱୀପରେ ଭୂମିକମ୍ପ ଅନୁଭୂତ ହୋଇଛି। ଏହି କମ୍ପନର ତୀବ୍ରତା ରିକ୍ଟର ସ୍କେଲରେ ୬.୫ ଥିଲା। ଭୂମିକମ୍ପର ଉତ୍ପତ୍ତି ସ୍ଥଳ ଭୂ-ପୃଷ୍ଠରୁ ୨୯ କିଲୋମିଟର ଗଭୀରତାରେ ଥିଲା। ତେବେ ଆଶ୍ୱସ୍ତିର କଥା ହେଉଛି ଭୂମିକମ୍ପ ଯୋଗୁ ସେପରି କୌଣସି ଧନଜୀବନ ହାନୀର ସୂଚନା ମିଳି ନାହିଁ। ସେହିପରି ଭୂମିକମ୍ପ ପରେ ସୁନାମୀ ଚେତାବନୀ ମଧ୍ୟ ଜାରି ହୋଇନି। ତେବେ ସ୍ଥାନୀୟ ଅଧିକାରୀମାନେ ଭୂମିକମ୍ପର ପ୍ରଭାବ ଆକଳନ ଆରମ୍ଭ କରିଛନ୍ତି। ଏହି କମ୍ପନ ସେତେବେଳେ ଅନୁଭୂତ ହୋଇଛି ଯେତେବେଳେ କିଛି ସପ୍ତାହ ପୂର୍ବରୁ ଦକ୍ଷିଣ ଫିଲପାଇନ୍ସ ରେ ଏକ ଶକ୍ତିଶାଳୀ ଭୂମିକମ୍ପ ପ୍ରଳୟ ରଚିଥିଲା। ଏହି ଭୂମିକମ୍ପରେ ୮୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା ଓ ସେତେବେଳେ ମିଣ୍ଡାନାଓର ଅନେକ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଫିଲପାଇନ୍ସ ପ୍ରଶାନ୍ତ ମହାସାଗର ରିଂ ଅଫ ଫାୟାର ଉପରେ ଅବସ୍ଥିତ। ଏହା ପ୍ରଶାନ୍ତ ମହାସାଗରର ଏକ ଏପରି କ୍ଷେତ୍ର ଯେଉଁଠି ଭୂମିକମ୍ପ ଓ ଅଗ୍ନେୟଗିରି ବିସ୍ଫୋରଣ ସବୁଠୁ ଅଧିକ ହୋଇଥାଏ। ଏହି କାରଣରୁ ଦେଶରେ ପ୍ରାୟ ଭୂମିକମ୍ପ ଆସିଥାଏ। ଆଜିର ତାଜା ଭୂମିକମ୍ପ ଜୁନ ପ୍ରାରମ୍ଭରେ ଆସିଥିବା ୭.୮ ତୀବ୍ରତାର ପ୍ରଳୟଙ୍କରୀ ଭୂମିକମ୍ପର କିଛି ସପ୍ତାହ ପରେ ଆସିଛି।

## ବାଳିକା ସ୍କୁଲ ଆକ୍ରମଣକୁ ଟ୍ରମ୍ପଙ୍କ ଖଣ୍ଡନ

**ୱାଶିଂଟନ,୨୬।୬:** ଇରାନର ମିନାବ ବାଳିକା ସ୍କୁଲ ଉପରେ ଆମେରିକା ମିସାଇଲ୍ ଆକ୍ରମଣ କରିଥିବା ଅଭିଯୋଗକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯୁଦ୍ଧ ସମୟରେ ଚାରିପଟୁ ମିସାଇଲ ମାଡ଼ ହେଉଥିଲା। ତେଣୁ ବାଳିକା ସ୍କୁଲ ଉପରେ କିଏ ମିସାଇଲ ମାଡ଼ କରିଥିଲା ତାହା ଜାଣିବା କଷ୍ଟକର। ଗଣମାଧ୍ୟମକୁ ସୂଚନା ଦେଇ ଟ୍ରମ୍ପ କହିଛନ୍ତି,କେହି କେହି ଅଭିଯୋଗ କରୁଛନ୍ତି କିବାଳିକା ସ୍କୁଲ ଉପରେ ପଡିଥିବା ମିସାଇଲ ଆମର। କିନ୍ତୁ ହୁଏତ ଏହା ଆମ ମିସାଇଲ୍ ହୋଇ ନ ଆଇପାରେ। ସେ ଏଭଳି କୌଣସି ପ୍ରମାଣ ଦେଖିନାହାନ୍ତିଯାହା ଫଳରେ କି ତାକୁ ଆମେରିକା ମିସାଇଲ୍ ବୋଲି କୁହାଯାଇପରିବ। କିନ୍ତୁ ୧୦ ଦିନ ତଳେ ଟ୍ରମ୍ପ ସ୍କୁଲ ଉପରେ ଆକ୍ରମଣ ଘଟଣାକୁ ଭୁଲ ବୋଲି ଦର୍ଶାଇଥିଲେ। କହିଥିଲେ ସ୍କୁଲ ଉପରେ ଜଣିଶୁଣି ଆକ୍ରମଣ କରାଯାଇନାହିଁ। ଗତ ମାର୍ଚ୍ଚ ପ୍ରଥମ ସପ୍ତାହରେ ଆମେରିକା ସେନାର ଅନ୍ତରୀଣ ତଦନ୍ତ ରିପୋର୍ଟରେ କୁହାଯାଇଥିଲା ଯେ ବାଳିକା ସ୍କୁଲ ଉପରେ ମିସାଇଲ୍ ମାଡ଼ ଘଟଣାରେ ହୁଏତ ମାର୍କିନ ସେନାରହାତଆଇପାରେ। କିନ୍ତୁ ପେଣ୍ଟାଗନ୍‌ପକ୍ଷରୁ ଏହାକୁ ସ୍ୱୀକାର କରାଯାଇ ନଥିଲା।

## ଆମ୍ବ ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ, ୨ ଗୁରୁତର

**କୋଲକାତା,୨୬।୬ (ସଂଚାର ବ୍ୟୁରୋ):** ଏକ ଆମ୍ବ ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଦୁଇଜଣ ଆହତ ହୋଇଛନ୍ତି। ଶୁକ୍ରବାର ସକାଳେ ନଦିଆର ଶାନ୍ତିପୁର ଥାନା ଅନ୍ତର୍ଗତ ୧୨ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଉଦୟପୁର ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଛି। ପୁଲିସ ଅନୁଯାୟୀ, ଟ୍ରକଟି ଭୋର ପ୍ରାୟ ସାଢେ ୪ଟା ସମୟରେ ମାଲଦାର କାଲିଆଚକରୁ କୋଲକାତା ଅଭିମୁଖେ ଯାତ୍ରା କରୁଥିଲା। ଉଦୟପୁର ଅଞ୍ଚଳ ଦେଇ ଯାଉଥିବା ସମୟରେ ଡ୍ରାଇଭର ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇବାରୁ ଏହି ଦୁର୍ଘଟଣା ଘଟିଥିଲା।

## ଜୁଲାଇ ୪ ଯାଏ ରିମାଣ୍ଡରେ ଗଲେ କାଳିଚରଣ ବାନାର୍ଜୀ

**କୋଲକାତା,୨୬।୬(ସଂଚାର ବ୍ୟୁରୋ):** କୋଲକାତା ପୁଲିସ କାଳୀଚରଣ ବନ୍ଦୋପାଧ୍ୟାୟଙ୍କୁ ଜୁଲାଇ ୪ ପର୍ଯ୍ୟନ୍ତ ହେପାଜତରେ ନେଇଛି। ଅଭିଯୋଗ ହୋଇଛି ଯେ କାଳୀଚରଣ ଏକ ସହଯୋଗମୂଳକ ପ୍ରୟାସ ମାଧ୍ୟମରେ କୋଠା ଯୋଜନା ଅନୁମୋଦନ ହାସଲ କରୁଥିଲେ। ପୁଲିସ କୋର୍ଟକୁ ଜଣାଇଛି ଯେ ସେ ଅତ୍ୟନ୍ତ ପ୍ରଭାବଶାଳୀ ଏବଂ ତାଙ୍କୁ ହାଜତରେ ପଚରାଉଚରା ଆବଶ୍ୟକ।

## ତୃଣମୂଳ ନେତାଙ୍କୁ ଅଣ୍ଡାମାଡ଼

**କୋଲକାତା,୨୬।୬(ସଂଚାର ବ୍ୟୁରୋ):** ତୁଫାନଗଞ୍ଜ ସହରର ୧୦ ନମ୍ବର ୱାର୍ଡର ପୂର୍ବତନ ତୃଣମୂଳ ୱାର୍ଡ ସଭାପତି ସୁବ୍ରତ ଦାସ ଓରଫ ଲିଟନଙ୍କୁ ଅଣ୍ଡା ମାଡ଼ ହୋଇଛି। ଏହି ଘଟଣା ଶୁକ୍ରବାର ୩ ନମ୍ବର ୱାର୍ଡର ମଦନ ମୋହନପଡା ଅଞ୍ଚଳରେ ଘଟିଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ତୃଣମୂଳ ନେତାଙ୍କ ବିରୋଧରେ ରାଜନୈତିକ ହିଂସାକୁ ଉସୁକାଇବା, ଘର ଭଙ୍ଗାରୁଜା କରିବା ଏବଂ 'କଟ୍ ମନି' ଗ୍ରହଣ କରିବା ଭଳି ଅନେକ ଅଭିଯୋଗ ରହିଛି। ପ୍ରତିବାଦକାରୀମାନେ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ଏହା ଅତୀତରେ ସାଧାରଣ ଲୋକଙ୍କ ଉପରେ ହୋଇଥିବା ଅତ୍ୟାଚାର ଏବଂ ଦୁର୍ନୀତିର ପ୍ରତିଶୋଧମୂଳକ ପ୍ରତିକ୍ରିୟା ଥିଲା।

## ତୃଣମୂଳ ହାତରୁ ଗଲା ପୂର୍ବ ମେଦିନୀପୁର ଜିଲ୍ଲା ପରିଷଦ

**କୋଲକାତା,୨୬।୬(ସଂଚାର ବ୍ୟୁରୋ):** ପୂର୍ବ ମେଦିନୀପୁର ଜିଲ୍ଲା ପରିଷଦ ଉପରେ ତୃଣମୂଳ ନିୟନ୍ତ୍ରଣ ହରାଇଛି। ଜିଲ୍ଲା ପରିଷଦର ମୋଟ ୭୦ଟି ଆସନ ଅଛି। ତୃଣମୂଳ ୫୬ଟି ଏବଂ ବିଜେପି ୧୪ଟି ଆସନ ଦଖଲ କରିଥିଲା। ଦୁଇ ଜଣ ସଦସ୍ୟଙ୍କ ମୃତ୍ୟୁ ହୋଇଥିଲା। ରାଜ୍ୟରେ ସରକାର ପରିବର୍ତ୍ତନ ହେବା ପରେ ପୂର୍ବ ମେଦିନୀପୁର ଜିଲ୍ଲା ପରିଷଦର ସଭାଧିପତି (ଅଧ୍ୟକ୍ଷ) ଉତ୍ତମ ବାରିକ ଏବଂ ସହକାରୀ ସଭାଧିପତି (ଉପ-ଅଧ୍ୟକ୍ଷ) ସୁହାସିନୀ କର ଇସ୍ତଫା ଦେଇଥିଲେ। ଶୁକ୍ରବାର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ତୃଣମୂଳ ଯୋଗ ଦେଇ ନଥିଲେ। ୬୪ ସଦସ୍ୟଙ୍କ ଉପସ୍ଥିତିରେ ସଭାଧିପତି ଏବଂ ସହକାରୀ ସଭାଧିପତି ନିର୍ବାଚିତ ହୋଇଥିଲେ।

## ବିଶ୍ୱାସଘାତକଙ୍କ ପାଇଁ ସ୍ଥାନ ନାହିଁ: ମମତା

**କୋଲକାତା,୨୬।୬(ସଂଚାର ବ୍ୟୁରୋ):** ତୃଣମୂଳ ନେତ୍ରୀ ମମତା ବାନାର୍ଜୀ ବିଜେପି ସହିତ ସମ୍ପର୍କ ସ୍ଥାପନ କରିଥିବା ବା ଅନ୍ୟ ଦଳ ଗଠନ କରିଥିବା ସାଂସଦ ଏବଂ ବିଧାୟକମାନଙ୍କ ଉପରେ ବର୍ଷିଛନ୍ତି। ଗୁରୁବାର ଉତ୍ତର କୋଲକାତା ଜିଲ୍ଲା ତୃଣମୂଳ କଂଗ୍ରେସ ସଭାପତି କୁନାଲ ଘୋଷଙ୍କ ନିର୍ଦ୍ଦେଶରେ ରାମମୋହନ ହଲରେ 'ଆମେ ବେଇମାନ ନୁହଁ' ଶୀର୍ଷକ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେଠାରେ ମମତା କୁନାଲଙ୍କ ମୋବାଇଲ ଫୋନ୍‌ରେ ଏକ ବାର୍ତ୍ତା ମାଧ୍ୟମରେ ଦଳୀୟ କର୍ମୀମାନଙ୍କୁ ସମ୍ବୋଧିତ କରିଥିଲେ। ସେ ରୀତବ୍ରତ ବାନାର୍ଜୀଙ୍କ ଦ୍ୱାରା ପ୍ରଭାବିତ ହୋଇ ସାମ୍ପ୍ରତିକ ଦିନରେ ବିଦ୍ରୋହୀ ହୋଇଥିବା ତୃଣମୂଳ ବିଧାୟକମାନଙ୍କ ଉପରେ କଠୋର ଆକ୍ରମଣ କରିଥିଲେ। ସେ କହିଥିଲେ, ବିଶ୍ୱାସଘାତକଙ୍କ ପାଇଁ କୌଣସି ସ୍ଥାନ ନାହିଁ। ଦଳ ହେଉଛି ମା' ପରି। ଯେତେବେଳେ ମା' ଅସୁସ୍ଥ ଥାଆନ୍ତି, ସେମାନେ ତାଙ୍କ ପିଠିରେ ଛୁରି ଭୁସି ଦିଅନ୍ତି। କେତେକ ଦଳୀୟ କର୍ମୀଙ୍କ ରକ୍ତ ଏବଂ ପରିଶ୍ରମ ଯୋଗୁଁ କାଉନସିଲର, ବିଧାୟକ କିମ୍ବା ସାଂସଦ ହୋଇଛନ୍ତି। କିନ୍ତୁ ଆଜି ସେହି କର୍ମୀମାନଙ୍କୁ ଅଣଦେଖା କରି, ସେମାନେ ଟଙ୍କା ଲୋଭରେ ଏବଂ ନିଜର ସମ୍ପତ୍ତିକୁ ସୁରକ୍ଷିତ ରଖିବା ପାଇଁ ଅନ୍ୟ ଦଳକୁ ଯାଉଛନ୍ତି, ବିଜେପି ସହିତ ବୁଝାମଣା କରୁଛନ୍ତି। ସେମାନେ ବହୁତ ପୂର୍ବରୁ ବିଜେପିରେ ଯୋଗ ଦେଇଥିଲେ ଭଲ ହୋଇଥାନ୍ତା। କର୍ମୀମାନେ ଏବେ ଏହି ନେତାମାନଙ୍କୁ ପ୍ରଶ୍ନ କରୁଛନ୍ତି ଏବଂ ଉତ୍ତର ମାଗୁଛନ୍ତି, ତେବେ ସେମାନେ କୌଣସି ଉତ୍ତର ଦେଇପାରୁ ନାହାନ୍ତି। ମମତା ତା'ପରେ ଦଳୀୟ କର୍ମୀମାନଙ୍କୁ ଏକତା ଏବଂ ଏକତ୍ର ଛିଡ଼ା ହେବାକୁ ଆହ୍ୱାନ କରି କହିଥିଲେ, ଆମେ ପୁନର୍ବାର ଉଠିବୁ ଏବଂ ଦଳକୁ ମଜବୁତ କରିବୁ। ତୃଣମୂଳ ନେତ୍ରୀ ଆହୁରି କହିଛନ୍ତି, ଆସନ୍ତା ୨୧ ଜୁଲାଇରୁ ଦଳକୁ ମଜବୁତ କରିବାର ପ୍ରକ୍ରିୟା ଆରମ୍ଭ ହେବ। ଆମେ ସେହି ଦିନ ଧର୍ମତଲାରେ ଭିକ୍ଟୋରିଆ ହାଉସ୍ ସମ୍ମୁଖରେ ଏକ ରାଲି କରିବୁ। ସମସ୍ତେ ଯୋଗଦେବା ଉଚିତ। ମୁଁ ଆଶା କରୁଛି ପୁଲିସ ଏହି କାର୍ଯ୍ୟକ୍ରମ ପାଇଁ ଅନୁମତି ଦେବ। ଯେଉଁମାନେ ସେମାନଙ୍କର ପରବର୍ତ୍ତୀ ପଦକ୍ଷେପ ବିଷୟରେ ଏପର୍ଯ୍ୟନ୍ତ ନିଷ୍ପତ୍ତି ନେଇ ନାହାଁନ୍ତି, ମୁଁ ସେମାନଙ୍କୁ ଭଲ ବୁଦ୍ଧିକୁ ପ୍ରବାହିତ ହେବାକୁ ଏବଂ ଦଳକୁ ଫେରିବାକୁ ଅନୁରୋଧ କରୁଛି।

## ତୃଣମୂଳ କର୍ମୀଙ୍କୁ ଘରୁ ଉଠାଇନେଲା ପୁଲିସ

**କୋଲକାତା,୨୬।୬(ସଂଚାର ବ୍ୟୁରୋ):** ସୁମିତ ଘନିଷ୍ଠ ଯୁବକଙ୍କୁ ବିଳମ୍ବିତ ରାତିରେ ଘରୁ ଉଠାଇନେଲା ପୁଲିସ। ଯୁବକ ଜଣକ ହେଉଛନ୍ତି ପଳାଶ ଚକ୍ରବର୍ତ୍ତୀ, ବ୍ୟାଣ୍ଡେଲର କେଓଟାର ରାଧାରାଣୀ କଲୋନିର ବାସିନ୍ଦା। ପଳାଶ ଜଣେ ତୃଣମୂଳ କର୍ମୀ, ପୂର୍ବରୁ ଛାତ୍ର ରାଜନୀତିରେ ଜଡିତ ଥିଲେ। ସେ ଶ୍ରୀରାମପୁର କଲେଜରେ ଟିଏମ୍‌ସିପି ନେତା ଏବଂ ସାଧାରଣ ସମ୍ପାଦକ ଭାବରେ କାର୍ଯ୍ୟ କରିଥିଲେ। ପରେ ତାଙ୍କୁ ଶାନ୍ତନୁ ବାନାର୍ଜୀଙ୍କ ସହ ଯୁବ ରାଜନୀତିରେ ସକ୍ରିୟ ଦେଖାଯାଇଥିଲା। ଅଭିଷେକ ବାନାର୍ଜୀଙ୍କ ବ୍ୟକ୍ତିଗତ ସହାୟକ ସୁମିତ ରାୟଙ୍କ ସହିତ ତାଙ୍କର ଘନିଷ୍ଠ ସମ୍ପର୍କ ବଜାୟ ରହିଥିବା ଜାଣିବାକୁ ମିଳିଛି।

## ୫୭ ବର୍ଷରେ ପାଦ ଥାପିଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ

# ଶୁଭେଚ୍ଛା ଦେଲେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ,୨୬।୬:** କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ୫୭ ବର୍ଷରେ ପାଦ ଥାପିଛନ୍ତି। ୧୯୬୯ ଜୁନ ୨୬ ତାରିଖରେ ଧର୍ମେନ୍ଦ୍ର ଜନ୍ମଗ୍ରହଣ କରିଥିଲେ। ଜନ୍ମଦିନରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ସେ ସୋସିଆଲ ମିଡିଆରେ ପ୍ଲାଟଫର୍ମ 'ଏକ୍ସ'ରେ ଲେଖିଛନ୍ତି, 'ଭଗବାନ ଆପଣଙ୍କୁ ସୁସ୍ଥ ଓ ଦୀର୍ଘ ଜୀବନ ପ୍ରଦାନ କରନ୍ତୁ। ଆଗାମୀ ଅନେକ ବର୍ଷ ପର୍ଯ୍ୟନ୍ତ ସେ ଦେଶ ସେବାରେ ବ୍ରତୀ ରହିବେ'। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶ୍ରୀ ପ୍ରଧାନଙ୍କୁ ତାଙ୍କ ଜନ୍ମଦିନରେ ଦେଶରେ ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) କାର୍ଯ୍ୟକାରୀ କରିବା ଦିଗରେ ଠୋସ୍ ପଦକ୍ଷେପ ନେଇଥିବାରୁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏନ୍‌ଇପି କାର୍ଯ୍ୟକାରୀ କରାଯିବା ହେବା ଦ୍ୱାରା ଦେଶ ଜ୍ଞାନ, ଶିକ୍ଷା ଓ ଉଦ୍ଭାବନର ହବ୍ ହୋଇପାରିବ ବୋଲି ଶ୍ରୀ ମୋଦି ଆଶା କରିଛନ୍ତି।

ସେହିପରି ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ମଧ୍ୟ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଜନ୍ମଦିନରେ ଶୁଭେଚ୍ଛା ଜଣାଇଛନ୍ତି। ଭଗବାନ ତାଙ୍କୁ ସୁସ୍ଥ ଓ ଦୀର୍ଘ ଜୀବନ ପ୍ରଦାନ କରନ୍ତୁ ସେ କାମନା କରିଛନ୍ତି।

ଏହାଛଡ଼ା ଲୋକସଭା ବାଚସ୍ପତି ଓମ୍ ବିର୍ଲା ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି। ସେ ଲେଖିଛନ୍ତି ଯେ ଜନ୍ମଦିନର ଏହି ପବିତ୍ର ଅବସରରେ ଆପଣଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ଯେ ସେ ଆପଣଙ୍କୁ ସୁସ୍ୱାସ୍ଥ୍ୟ, ସୁଖ, ସମୃଦ୍ଧି ଏବଂ ଦେଶସେବା ପାଇଁ ଉତ୍ସର୍ଗୀକୃତ ଦୀର୍ଘାୟୁ ପ୍ରଦାନ କରନ୍ତୁ। ଏହି ବିଶେଷ ଅବସରରେ ଜନସେବା ପ୍ରତି ଆପଣଙ୍କର ଆନ୍ତରିକ ପ୍ରୟାସ, ଦୃଢ଼ ନିଷ୍ଠା

### ରାମନାଥ କୋବିନ୍ଦ ଓ ଓମ୍ ବିର୍ଲାଙ୍କ ଅଭିନନ୍ଦନ

ଏବଂ ଭାରତର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ଆପଣଙ୍କର ସମର୍ପିତ ନେତୃତ୍ୱ ପାଇଁ ମୁଁ ଆପଣଙ୍କୁ ସାଧୁବାଦ ଜଣାଉଛି। ଆପଣଙ୍କ ନେତୃତ୍ୱରେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଶିକ୍ଷା କ୍ଷେତ୍ରରେ ସମାବେଶୀକରଣ, ନବସୃଜନ, ଦକ୍ଷତା ବିକାଶ ଏବଂ ଯୁବପିଢ଼ିଙ୍କୁ ସେମାନଙ୍କର ସ୍ୱପ୍ନ ସାକାର କରି ଜାତୀୟ ନିର୍ମାଣରେ ଅର୍ଥପୂର୍ଣ୍ଣ ଅବଦାନ ରଖିବା ପାଇଁ ସୁଯୋଗ ବୃଦ୍ଧି କରିବାରେ ନୂତନ ଗତି ସଞ୍ଚାର କରିଛି। ଏହି ପ୍ରୟାସଗୁଡ଼ିକ ପୁନର୍ବାର ଏହି ବିଶ୍ୱାସକୁ ସୁଦୃଢ଼ କରେ ଯେ ଶିକ୍ଷା କେବଳ ଶାସନର ଏକ କ୍ଷେତ୍ର ନୁହେଁ, ବରଂ ଏକ ପ୍ରଗତିଶୀଳ, ଆତ୍ମନିର୍ଭର ଏବଂ ବିକଶିତ ଭାରତର ମୂଳଦୁଆ। ମୋର ଦୃଢ଼ ବିଶ୍ୱାସ ଯେ ଏହି ପରିବର୍ତ୍ତନମୂଳକ ପଦକ୍ଷେପଗୁଡ଼ିକ 'ବିକଶିତ ଭାରତ'ର ସ୍ୱପ୍ନ ସାକାର କରିବା ସହିତ ଜ୍ଞାନ ଓ ନବସୃଜନରେ ସଶକ୍ତ ଏକ ଭବିଷ୍ୟତମୁଖୀ ରାଷ୍ଟ୍ର ଗଠନରେ ନିରନ୍ତର ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରିବ।

## ୧୦୯ ମହଲା କୋଠାରେ ପଶିଲା ବିମାନ

**ବେଜିଂ,୨୬।୬:** ଚୀନ୍ ରାଜଧାନୀ ବେଜିଂରେ ଏକ ଆଶ୍ଚର୍ଯ୍ୟ କରିବା ଭଳି ଘଟଣା ଘଟିଛି। ଶୁକ୍ରବାର ଅପରାହ୍ଣରେ ଏକ ଛୋଟ ବେ ସାମରିକ ବିମାନ ବେଜିଂର ସବୁଠୁ ଉଚ୍ଚ ବିଲ୍ଡିଂ ସିଆଇଟିଆଇସି ଟାୱାର (ଚାଇନା ଜୁନ) ସହ ଧକ୍କା ଲାଗିଛି। ଏହି ଧକ୍କା ଏତେ ଜୋରଦାର ଥିଲା ଯେ ବିଲ୍ଡିଂର ବାହ୍ୟ ଭାଗରେ ବ୍ୟାପକ କ୍ଷତି ହୋଇଛି ଓ ବିମାନଟି ଖଣ୍ଡ ଖଣ୍ଡ ହୋଇ ବିଲ୍ଡିଂ ସମ୍ମୁଖ ସଡ଼କରେ ପଡିଛି। ଏହି ଦୁର୍ଘଟଣା ପରେ ସମଗ୍ର ଅଞ୍ଚଳରେ ଆତଙ୍କ ଖେଳି ଯାଇଛି। ଦୁର୍ଘଟଣା ସୂଚନା ମିଳିବାମାତ୍ରେ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବା ସହ ସୁରକ୍ଷା ଦୃଷ୍ଟିରୁ ବିଲ୍ଡିଂକୁ ଖାଲି କରିଦେଇଛି। ଆଖପାଖ ଅଞ୍ଚଳକୁ ସିଲ୍ କରି ଦିଆଯାଇଛି। ପୁଲିସ, ଦମକଳ ଓ ଜରୁରିକାଳୀନ ସେବା ଟିମ୍ ତୁରନ୍ତ ଘଟଣାସ୍ଥଳକୁ ପହଞ୍ଚିଥିଲେ। ତେବେ ଅଧିକାରୀମାନେ ଏପର୍ଯ୍ୟନ୍ତ ବିମାନରେ ଥିବା ଲୋକ ଅଥବା କେହି ହତାହତ ହୋଇଥିବା ନେଇ ପୁଷ୍ଟି କରି ନାହାନ୍ତି।

## ଚାକିରି ହରାଇଲେ ୭ ଲକ୍ଷ ଡେଲିଭରୀ ବୟ

**ଚୀନ,୨୬।୬:** ଚୀନର ଏକ କମ୍ପାନୀରେ ବଡ଼ ଧରଣର ଛଟେଇ । ପ୍ରାୟ ୭ ଲକ୍ଷ ଡେଲିଭରି କର୍ମଚାରୀଙ୍କୁ ସ୍ଥାନାନ୍ତର କରିବ ରୋବୋଟ୍। ଇ-କମର୍ସ କମ୍ପାନୀ ଜେଡିକମ୍ ପ୍ରତିଷ୍ଠାତା ରିଚାର୍ଡ ଲିଉ ଚାଇନା ସିଇଓ ଫୋରମରେ କହିଥିଲେ ଯେ ଭବିଷ୍ୟତରେ ଡେଲିଭରି କର୍ମଚାରୀଙ୍କ ଆଉ ଆବଶ୍ୟକତା ପଡ଼ିବ ନାହିଁ; ସମସ୍ତ ଡେଲିଭରି ରୋବୋଟ୍ ଦ୍ୱାରା କରାଯିବ। କମ୍ପାନୀର ପ୍ରାୟ ୭୦୦,୦୦୦ ଡେଲିଭରି ଏବଂ ଫ୍ରଣ୍ଟଲାଇନ୍ କର୍ମଚାରୀ ଏହି ପରିବର୍ତ୍ତନ ଦ୍ୱାରା ପ୍ରଭାବିତ ହୋଇପାରନ୍ତି ।

# ବିଡିଏ ଘର, ବିଚିତ୍ର ସର୍ତ୍ତ

**ଭୁବନେଶ୍ୱର,୨୬।୬:** ଭାରତ ଭିତରେ ଆପଣ କିମ୍ବା ଆପଣଙ୍କ ପରିବାରର କାହା ନାମରେ ପକ୍କାଘର ଟିଏ ଥିଲେ ଆପଣ ରାଜଧାନୀରେ ବିଡିଏର ଗୃହ ଯୋଜନାରେ ସାମିଲ ହୋଇପାରିବେ ନାହିଁ। ନିକଟରେ ବିଡିଏ ପକ୍ଷରୁ ପ୍ରକାଶିତ ଘର ଯୋଜନାରେ ଆବେଦନ ପାଇଁ ଏଭଳି ସର୍ତ୍ତ ରଖାଯାଇଛି। ବିଡିଏ ପକ୍ଷରୁ ରାଜଧାନୀରେ ନିର୍ମାଣ ହୋଇଥିବା ୯୦ଟି ଏମଆଇଜି ଘର ବିକ୍ରି ପାଇଁ ବିଜ୍ଞାପନ ପ୍ରକାଶ ପାଇଛି। ଏଥିରେ ଯେକଣସି ବ୍ୟକ୍ତି ଆବେଦନ କରିପାରିବେ। ତେବେ ଆବେଦନପତ୍ର ସହ ଗୋଟିଏ ସତ୍ୟପାଠ ଦାଖଲ କରିବାକୁ ପଡିବ। ଏଥିପାଇଁ ବିଡିଏ ପକ୍ଷରୁ ସତ୍ୟପାଠର ଏକ ଫର୍ମ ଜାରି ହୋଇଛି। ଏଥିରେ ରହିଥିବା ସର୍ତ୍ତ ମଧ୍ୟରେ ଆବେଦନକାରୀଙ୍କର ବିଡିଏ କିମ୍ବା ବିଏମ୍‌ସି ଇଲାକା ମଧ୍ୟରେ ବାସଗୃହ ନଥିବ କିମ୍ବା କୌଣସି ସରକାରୀ ବାସଗୃହ ଯୋଜନାରେ ସେ ସାମିଲ ହୋଇନଥିବେ। ସେହିଭଳି ଏଥିରେ ଆବେଦନକାରୀ ତାଙ୍କର ପରିବାର ସଦସ୍ୟଙ୍କ ନାମ, ବୃତ୍ତି ଓ ଆବେଦନକାରୀଙ୍କ ସହ ଥିବା ସମ୍ପର୍କକୁ ଦର୍ଶାଇବେ।

ଆବେଦନକାରୀଙ୍କର ଆୟ ୩ଲକ୍ଷରୁ ୬ଲକ୍ଷ ଟଙ୍କା ମଧ୍ୟରେ ହୋଇଥିବା ଆବଶ୍ୟକ। ତେବେ ସର୍ତ୍ତ ତାଲିକାର ପାଞ୍ଚ ନମ୍ବରରେ ଦର୍ଶାଯାଇଛି ଯେ ଆବେଦନକାରୀ କିମ୍ବା ତାଲିକାରେ ଦେଉଥିବା କୌଣସି ସଦସ୍ୟଙ୍କ ନାମରେ ଭାରତ ଭିତରେ କୌଣସି ସ୍ଥାନରେ ପକ୍କାଘରଟିଏ ନଥିବ। ଏଭଳି ସର୍ତ୍ତ ଏବେ ଅନେକ ଆଶାୟୀଙ୍କୁ ଆଶ୍ଚର୍ଯ୍ୟ କରିଛି। ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଦୀର୍ଘଦିନରୁ ଲୋକଙ୍କୁ ଛାତଘରଟିଏ ଦେବାପାଇଁ ଏକାଧିକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଯାହାର ଗାଁ ଗହଳରେ ଘର କରିବାକୁ ଜମି ନାହିଁ ତାହାକୁ ଘରଡିହ ଯୋଗାଇଦେବା ସହିତ ପକ୍କାଘର ଦେଉଛନ୍ତି। ଧାର୍ଯ୍ୟ ସମୟରେ ଘର କାର୍ଯ୍ୟ ସରିଲେ ସେଥିପାଇଁ ପୁରସ୍କାରର ବି ବ୍ୟବସ୍ଥା ରଖିଛନ୍ତି। ତେବେ ଗାଁରେ ଯଦି ସରକାରୀ ଯୋଜନାରେ କିଏ ପକ୍କାଘର ଖଣ୍ଡିଏ କରିଥିବ ଓ ବର୍ତ୍ତମାନ ପେଟ ପୋଷିବାପାଇଁ ରାଜଧାନୀରେ ରହୁଥିବ ସିଏ ବିଡିଏର ଏହି ଯୋଜନାରେ ଆବେଦନ କରିପାରିବ କି ନାହିଁ ତାହାକୁ ନେଇ ଅନେକ ଆଶଙ୍କାରେ ପଡିଛନ୍ତି।

ଉଲ୍ଲେଖନୀୟ ଯେ ବିଡିଏର ଏହି ୯୦ଟି ଘର ମଧ୍ୟରୁ ଉଷା କାର୍ଡଧାରୀଙ୍କ ପାଇଁ ୩୬ଟି ଘର ସଂରକ୍ଷିତ ରହିଥିବା ସୂଚନା ମିଳିଛି। ଅବଶିଷ୍ଟ ଘରକୁ ଅନ୍ୟମାନଙ୍କୁ ଆବଣ୍ଟନ କରାଯିବ। ଲଟେରୀ ମାଧ୍ୟମରେ ହିତାଧିକାରୀ ଚୟନ ହେବାକୁ ଥିବାବେଳେ ଘର ଦାମ୍‌ର ଏକ ପ୍ରତିଶତ ଅର୍ଥ ଜମାକରି ଆବେଦନ କରିବାକୁ ପଡୁଛି। ମିଳିଥିବା ସୂଚନା ଅନୁଯାୟୀ ଏହି ସବୁ ଘରପାଇଁ ବର୍ତ୍ତମାନ ସୁଦ୍ଧା ଅଢେଇ ହଜାରରୁ ଅଧିକ ଆବେଦନ ପଡିଥିବାବେଳେ ଶେଷ ତାରିଖ ଚଳିତମାସ ୩୦ ତାରିଖ ରହିଛି। ଶେଷ ତାରିଖ ବେଳକୁ ଆବେଦନକାରୀଙ୍କ ସଂଖ୍ୟା ୩ହଜାର ଟପିଯିବ ବୋଲି କର୍ତ୍ତୃପକ୍ଷ ଆଶା କରୁଛନ୍ତି। ତେବେ ସତ୍ୟପାଠରେ ଯେଉଁସବୁ ସର୍ତ୍ତ ରହିଛି ତାହାକୁ କେତେଜଣ ପାଳନ କରି ଲଟେରୀ ପାଇଁ ଯୋଗ୍ୟ ବିବେଚିତ ହେବେ ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି। (ତଥ୍ୟ)

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୪ ସୁପାରିସ୍...

କେଉଁ ସବୁ ସ୍ଥାନରେ ଭୁଲ ରହିଛି, ତା'ର ଏକ ସମ୍ପୂର୍ଣ୍ଣ ତାଲିକା ୭ ଦିନ ମଧ୍ୟରେ ସାର୍ବଜନୀନ କରାଯିବ। ଯେଉଁ ବହିଗୁଡ଼ିକରେ ସାଙ୍ଘାତିକ ଭୁଲ ରହିଛି, ସେଗୁଡ଼ିକୁ ପୂରା ନ ବଦଳାଇ ସେହି ନିର୍ଦ୍ଦିଷ୍ଟ ପୃଷ୍ଠାର ସଂଶୋଧିତ କପି ଛାପି ପିଲାଙ୍କୁ ଦିଆଯିବ। ସମସ୍ତ ଛାତ୍ରଛାତ୍ରୀଙ୍କୁ ଭୁଲ ଓ ତା'ର ସଠିକ୍ ଉତ୍ତର ଥିବା ଏକ ପ୍ରିଣ୍ଟେଡ୍ ସିଟ୍ ଯୋଗାଇ ଦିଆଯିବ। ବହିର ସଂଶୋଧିତ ପିଡିଏଫ୍ ସଂସ୍କରଣକୁ ହିଁ ଶିକ୍ଷାଦାନ ପାଇଁ ସରକାରୀ ଭାବେ ଗ୍ରହଣ କରାଯିବ। ଆହୁରି ବହିରେ ଥିବା ଭୁଲ ସମ୍ପର୍କରେ ଶିକ୍ଷକମାନଙ୍କୁ ତୁରନ୍ତ ଜଣାଇ ଦିଆଯିବ। ଏହାଦ୍ୱାରା ସେମାନେ ଶ୍ରେଣୀଗୃହରେ ପିଲାଙ୍କୁ ଭୁଲ ପାଠ ପଢ଼ାଇବେ ନାହିଁ। ପ୍ରତ୍ୟେକ ଭୁଲ ପାଇଁ କିଏ ଦାୟୀ, ତା'ର ଏକ ରିପୋର୍ଟ ମଧ୍ୟ ପ୍ରସ୍ତୁତ ହେବ। ଭୁଲ ପାଇଁ ସମ୍ପୃକ୍ତ ଡିଟିପି ଏଜେନ୍ସି, ପ୍ରିଣ୍ଟର ଓ ବହିକୁ ମଞ୍ଜୁରୀ ଦେଇଥିବା ଅଧିକାରୀଙ୍କୁ 'କାରଣ ଦର୍ଶାଅ' ନୋଟିସ୍ ଜାରି କରାଯିବ। ଏହାଛଡ଼ା ଏସ୍‌ସିଇଆର୍‌ଟି ଅଧୀନରେ ପାଠ୍ୟପୁସ୍ତକର ମାନ ଯାଞ୍ଚ କରିବା ପାଇଁ କ୍ୱାଲିଟି ଆସ୍ୟୁରାନ୍ସ ସେଲ୍ ଗଠନ କରାଯିବ। ସେହିପରି କେନ୍ଦ୍ରୀୟ ଢାଞ୍ଚାରେ ପ୍ରତି ବିଷୟ ପାଇଁ ବିଶେଷଜ୍ଞଙ୍କୁ ନେଇ 'କରିକୁଲାର ଏରିଆ ଗ୍ରୁପ୍' ଓ 'ଟେକ୍ସଟ୍ ବୁକ୍ ଡେଭଲପମେଣ୍ଟ କମିଟି' ଗଠନ ହେବ। ବହି ଛପାଯିବା ପୂର୍ବରୁ ୪ଟି ପର୍ଯ୍ୟାୟରେ ଏହାର ପ୍ରୁଫ୍ ରିଡିଂ କରାଯିବ ଓ ଶେଷରେ ପିଡଏଫ୍‌କୁ ଲକ୍ କରାଯିବ। ଏକ ସରକାରୀ ୱେବ୍ ପୋର୍ଟାଲ ପ୍ରସ୍ତୁତ କରାଯିବ, ଯେଉଁଠି ସାଧାରଣ ଜନତା, ଶିକ୍ଷକ କିମ୍ବା ଅଭିଭାବକମାନେ ବହିର କୌଣସି ଭୁଲ ନଜରକୁ ଆସିଲେ, ତାହା ରିପୋର୍ଟ କରିପାରିବେ। ବାରମ୍ବାର ଭୁଲ କରୁଥିବା ପ୍ରିଣ୍ଟର ଓ ଭେଣ୍ଡରଙ୍କ ଉପରେ ଜରିମାନା ସହ ସେମାନଙ୍କୁ କଳା ତାଲିକାଭୁକ୍ତ କରାଯିବ ବୋଲି ସୁପାରିସ୍ କରାଯାଇଛି। ଏହାଛଡ଼ା ଯେକୌଣସି ନୂଆ ବହି ବଜାରକୁ ଆସିବା ପୂର୍ବରୁ କିଛି ନିର୍ଦ୍ଦିଷ୍ଟ ସ୍କୁଲର ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କୁ ନେଇ ତା'ର ପରୀକ୍ଷାମୂଳକ ବ୍ୟବହାର କରାଯିବ। ଅନ୍ତିମ ସୁପାରିଶ ଅନୁଯାୟୀ, ଆଗକୁ କୌଣସି ବି ବହି ଶେଷ ଏକାଡେମିକ ଭାଷା, ତଥ୍ୟ-ଚିତ୍ର ଓ ପ୍ରଡକ୍ସନ କ୍ଲିୟରାନ୍ସ ନ ମିଳିବା ପର୍ଯ୍ୟନ୍ତ ଛାପାଖାନାକୁ ଯାଇପାରିବ ନାହିଁ।

### ଶିଳ୍ପାୟନରେ ସବୁ...

ମୁଖ୍ୟମନ୍ତ୍ରୀ ଦୃଢ଼ ବିଶ୍ୱାସ ବ୍ୟକ୍ତ କରିଛନ୍ତି। ଏହି ସ୍ୱତନ୍ତ୍ର 'ଗୋ ଇଷ୍ଟ' ନୀତି ଅଧୀନରେ ରାଜ୍ୟରେ ଏକ ଉଚ୍ଚସ୍ତରୀୟ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରାଯିବ, ଯାହା ସମସ୍ତ ନିବେଶ ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବ। ଏଥିସହ ଶିଳ୍ପ ପ୍ରୋତ୍ସାହନ ସଂସ୍ଥା 'ଇପିକଲ' ମଧ୍ୟରେ ଏକ ସମର୍ପିତ 'ଗୋ ଇଷ୍ଟ ସେଲ୍' ଗଠନ କରାଯିବ। ନିବେଶ ପ୍ରକ୍ରିୟା ଓ ମଞ୍ଜୁରୀର ସ୍ଥିତିକୁ ରିଏଲ୍ ଟାଇମ୍ (ତତ୍କାଳ) ମନିଟରିଂ ଓ ଟ୍ରାକିଂ କରିବା ପାଇଁ ଏକ ସ୍ୱତନ୍ତ୍ର 'ଗୋ ସ୍ୱିଫ୍ଟ' ମଡ୍ୟୁଲ୍ ମଧ୍ୟ ସୃଷ୍ଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ପଦକ୍ଷେପ ଫଳରେ ଓଡ଼ିଶାର ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକରେ ସର୍ବାଧିକ ପୁଞ୍ଜି ନିବେଶ ହେବା ସହ ସେଠାରେ ଅନେକ ନୂଆ ଇଣ୍ଡଷ୍ଟ୍ରିଆଲ୍ ଗ୍ରୋଥ ସେଣ୍ଟର (ଶିଳ୍ପ ବିକାଶ କେନ୍ଦ୍ର) ଗଢ଼ି ଉଠିବ, ଯାହା ସ୍ଥାନୀୟ ଅଞ୍ଚଳର ରୂପରେଖ ବଦଳାଇବ। ଏହି ସମ୍ମିଳନୀ ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଶିଳ୍ପ ନୀତି ରିଜଲ୍ୟୁସନ୍-୨୦୨୨ (ଆଇପିଆର୍-୨୦୨୨)ରେ କିଛି ଗୁରୁତ୍ୱପୂର୍ଣ୍ଣ ସଂଶୋଧନ କରାଯାଇଥିବା ସୂଚନା ଦେଇଛନ୍ତି। ଏହି ସଂଶୋଧନ ଦ୍ୱାରା ରାଜ୍ୟର ଆର୍ଥିକ ଅନଗ୍ରସର ଓ ପଛୁଆ ଅଞ୍ଚଳ ଭାବେ ପରିଚିତ ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା, କନ୍ଧମାଳ, ବୌଦ୍ଧ ଓ ଗଜପତି ଭଳି ୧୫ଟି ପ୍ରମୁଖ ଜିଲ୍ଲାରେ ଅଣଖଣିଜ ଦ୍ରବ୍ୟଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ଏକ ବ୍ୟାପକ ସୁଯୋଗ ସୃଷ୍ଟି ହେବ। ଏହି ଜିଲ୍ଲାଗୁଡ଼ିକୁ 'ଥ୍ରଷ୍ଟ୍ ସେକ୍ଟର' ବା ଅଗ୍ରାଧିକାର ଶ୍ରେଣୀରେ ସାମିଲ କରାଯିବ, ଯାହାଦ୍ୱାରା ରାଜ୍ୟରେ ସନ୍ତୁଳିତ ଆଞ୍ଚଳିକ ବିକାଶ ସମ୍ଭବ ହୋଇପାରିବ। ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ ସମସ୍ତ ଶିଳ୍ପଦ୍ୟୋଗୀଙ୍କୁ କହିଥିଲେ ଯେ ବିଗତ କିଛି ଦଶନ୍ଧି ଧରି ଭାରତର ଅର୍ଥନୈତିକ ଅଭିବୃଦ୍ଧି ମୁଖ୍ୟତଃ ପଶ୍ଚିମ ଓ ଦକ୍ଷିଣ କରିଡର ଉପରେ ନିର୍ଭର କରୁଥିଲା। ମାତ୍ର ବର୍ତ୍ତମାନ ଭାରତର ବିକାଶ କାହାଣୀର ପରବର୍ତ୍ତୀ ବଡ଼ ଅଧ୍ୟାୟ ପୂର୍ବ ଭାରତରେ ଲେଖାଯାଉଛି। ପ୍ରଚୁର ଖଣିଜ ସଂସାଧନ, ବ୍ୟାପକ କୃଷି ସମ୍ଭାବନା, ଦୀର୍ଘ ତଟରେଖା ଓ ଏକ ଯୁବ ତଥା ଆଶାବାଦୀ କାର୍ଯ୍ୟବଳ ଯୋଗୁଁ ଏହି ଅଞ୍ଚଳ ଦ୍ରୁତ ଗତିରେ ଆଗକୁ ବଢୁଛି। ଆମର ଲକ୍ଷ୍ୟ ହେଉଛି 'ସମୃଦ୍ଧ ଓଡ଼ିଶା ୨୦୩୬' ଭିଜନକୁ 'ବିକଶିତ ଭାରତ ୨୦୪୭' ସହ ଯୋଡ଼ି ରାଜ୍ୟକୁ ପୂର୍ବ ଭାରତର ସବୁଠାରୁ ନିବେଶକ-ଅନୁକୂଳ ସ୍ଥାନ ଭାବେ ଗଢ଼ିତୋଳିବା। ଏହି ରୂପାନ୍ତରଣ ଯାତ୍ରାରେ ଓଡ଼ିଶା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି ଶ୍ରୀ ମାଝୀ ପ୍ରକାଶ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ରାଜ୍ୟର ଯୁବ ଶକ୍ତି ଓ ଦକ୍ଷତା ବିକାଶ ଉପରେ ଗୁରୁତ୍ୱାରୋପ କରି କହିଥିଲେ ଯେ ଓଡ଼ିଶାରେ ଶିଳ୍ପ ଅନୁକୂଳ ନୀତି ସହ ଏକ ବଡ଼ ଏବଂ ଆଶାବାଦୀ ଯୁବ କାର୍ଯ୍ୟବଳ ରହିଛନ୍ତି। ସରକାର ଶିଳ୍ପ ଜଗତର ଆବଶ୍ୟକତା ଅନୁଯାୟୀ ଯୁବକଯୁବତୀଙ୍କୁ ଆଧୁନିକ ଜ୍ଞାନକୌଶଳରେ ଦକ୍ଷତା ସମ୍ପନ୍ନ କରୁଛନ୍ତି, ଯାହାଫଳରେ ନିବେଶକାରୀମାନଙ୍କୁ ସହଜରେ କୁଶଳୀ ଶ୍ରମିକ ମିଳିପାରିବେ। ନୂତନ 'ଗୋ ଇଷ୍ଟ' ଯୋଜନା ସୀମାବର୍ତ୍ତୀ ଓ ପଛୁଆ ଜିଲ୍ଲାଗୁଡ଼ିକରେ ଶିଳ୍ପାୟନର ଏକ ନୂଆ ଯୁଗ ଆରମ୍ଭ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ପ୍ରାରମ୍ଭରେ ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଓଡ଼ିଶା କିପରି ବିଗତ ଦିନରେ ସିଙ୍ଗଲ୍ ୱିଣ୍ଡୋ ସିଷ୍ଟମକୁ ସୁଦୃଢ଼ କରି ନିବେଶ ପ୍ରକଳ୍ପଗୁଡ଼ିକୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରିବାରେ ଦେଶରେ ରେକର୍ଡ ସୃଷ୍ଟି କରିଛି, ତା' ଦର୍ଶାଇଥିଲେ। ସମ୍ମିଳନୀରେ ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଇପିକଲର ପରିଚାଳନା ନିର୍ଦ୍ଦେଶିକା ଆବୋଲି ସୁନୀଲ ନରଭାଣେ, ସିଆଇଆଇ ପୂର୍ବ ଆଞ୍ଚଳିକ ଉପାଧ୍ୟକ୍ଷ ରୁଦ୍ର ଚାଟାର୍ଜୀ, ଓଡ଼ିଶା କାଉନସିଲ୍ ଅଧ୍ୟକ୍ଷ ଅନୀଲ ସିଂହ ଉପସ୍ଥିତ ଥିଲେ।

### ବରିଷ୍ଠ ସାମ୍ବାଦିକ...

ସୁନାମଧନ୍ୟ ଓ ଦକ୍ଷ ସାମ୍ବାଦିକ ଭାବେ ସେ ବେଶ୍ ପରିଚିତ ଥିଲେ। ଓଡ଼ିଶାର ରାଜନୈତିକ ଜଗତ ସହ ଅତି ନିବିଡ଼ ଭାବେ ସଂଶ୍ଳିଷ୍ଟ ରହି ଶ୍ରୀ ଦାଶ ଖବର ସଂଗ୍ରହରେ ସବୁବେଳେ ଆଗୁଆ ରହୁଥିଲେ ଏବଂ ଜାତୀୟ ସ୍ତରରେ ମଧ୍ୟ ପିଟିଆଇର ଜଣେ ଶ୍ରେଷ୍ଠ ସାମ୍ବାଦିକ ଭାବେ ସୁନାମ ଅର୍ଜନ କରିଥିଲେ। ସ୍ୱର୍ଗତଃ ଦାଶ କଟକ ଜିଲ୍ଲା ଟାଙ୍ଗୀ ଅନ୍ତର୍ଗତ ନିମେଇସାପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ଦୁଇ ପୁଅ ଓ ଦୁଇ ଝିଅ ଅଛନ୍ତି। କନିଷ୍ଠ ପୁତ୍ର ଅଜିତ କୁମାର ଦାଶ ଜଣେ ବରିଷ୍ଠ ସାମ୍ବାଦିକ ଭାବେ କାର୍ଯ୍ୟ କରୁଛନ୍ତି ଓ ସେ ସମ୍ପ୍ରତି ଦୈନିକ 'ସଂଚାର'ର ମୁଖ୍ୟ ସମ୍ପାଦକ ଦାୟିତ୍ୱ ତୁଲାଉଛନ୍ତି। ଶୁକ୍ରବାର ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ଉଭୟ ରାଜନୈତିକ ଓ ସାମ୍ବାଦିକ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ବହୁ ରାଜନେତା, ସାମ୍ବାଦିକ ଓ ବିଭିନ୍ନ ସଂଗଠନର କାର୍ଯ୍ୟକର୍ତ୍ତା ଭୁବନେଶ୍ୱର ନୂଆପଲ୍ଲୀସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଥିଲେ। ଶ୍ରୀ ଦାଶଙ୍କ ମୃତ୍ୟୁ ଖବର ପାଇବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସୋସିଆଲ୍ ମିଡିଆ 'ଏକ୍ସ'ରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏହାଛଡ଼ା ବରିଷ୍ଠ ନେତା ବିଜୟ ମହାପାତ୍ର, ପଞ୍ଚାନନ କାନୁନ୍‌ଗୋ, ଅମର ଶତପଥୀ ପ୍ରମୁଖ ତାଙ୍କର ଅନ୍ତିମ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ପରେ ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୁତ୍ର ଅଜିତ ମୁଖାଗ୍ନି ଦେଇଥିବା ବେଳେ ଜ୍ୟେଷ୍ଠପୁତ୍ର ଅଶୋକ କୁମାର ଦାଶ, କନ୍ୟା ଡାକ୍ତର ରୀତା ଦାଶ ଓ ରେଖା ଦାଶ, ଜ୍ୱାଇଁ ଡାକ୍ତର ନୟନ ରଞ୍ଜନ ନନ୍ଦ ଓ ଜିବିତେଶ ମିଶ୍ର ଓ ପରିବାର ସ୍ୱଜନ ଉପସ୍ଥିତ ଥିଲେ।

### ଭେନେଜୁଏଲା ଭୂକମ୍ପ...

ବୋଲି ଜାତିଘ ମୁଖପାତ୍ର କହିଛନ୍ତି। ଭାରତ ଗୋଟିଏ ୪୧ ଜଣିଆ ମେଡିକାଲ ଟିମ୍ ସହିତ ଭେନେଜୁଏଲାକୁ ୩୫ ଟନ୍ ଜରୁରୀକାଳୀନ ସାମଗ୍ରୀ ପ୍ରେରଣ କରିଛି। ପ୍ରାୟ ଏକ ଶତାବ୍ଦୀରୁ ଅଧିକ ସମୟ ପରେ ସଂଘଟିତ ଏହି ଭୂକମ୍ପ ଭେନେଜୁଏଲାର କାର୍ଯ୍ୟକାରୀ ରାଷ୍ଟ୍ରପତି ଡେଲସି ରୁଡ୍ରିଗ୍ୱେଜଙ୍କ ରାଜନୈତିକ କ୍ୟାରିଅର ପାଇଁ ଏକ ବଡ଼ ଆହ୍ୱାନ ପାଲଟି ଠିଆ ହୋଇଛି। ତେବେ ଏଭଳି ଏକ ମହାବିପର୍ଯ୍ୟୟକୁ ସଫଳତାର ସହ ସାମ୍ନା କରି ଧ୍ୱଂସ ମୁଖରେ ପଡ଼ିଥିବା ଏକ ଦେଶକୁ ପୁଣିଥରେ ଠିଆ କରେଇବା ପାଇଁ ଏହା ଅନ୍ତରୀଣ ସରକାର ଲାଗି ଏକ ସୁଯୋଗ ମଧ୍ୟ ସୃଷ୍ଟି କରିଛି।

### ୧୨ରେ ପହଞ୍ଚିଲା...

କରାଯାଇଛି। ଅଦ୍ୟାବଧି ୮ ଜଣଙ୍କର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ସେମାନଙ୍କ ପରିବାର ଲୋକେ ଶେଷକୃତ୍ୟ ସମ୍ପନ୍ନ କରିସାରିଛନ୍ତି। ତେବେ ବର୍ତ୍ତମାନ ବି ତାମିଲନାଡୁରେ ଅନେକ ଶ୍ରମିକ ଚିକିତ୍ସାଧୀନ ରହିଥିବା ବେଳେ ସେମାନଙ୍କ ଅବସ୍ଥା ଗୁରୁତର ଥିବାରୁ ପରିବାର ଲୋକେ ଚିନ୍ତାରେ ଅଛନ୍ତି।

### ଘାଟି ତଳକୁ...

ମନୋଜ ମୁଣ୍ଡାରୀ, ମନୋଜ ମୁଣ୍ଡା ଓ ବୀରସିଂ ମୁଣ୍ଡା। ସେମାନେ ଗୁରୁବାର ସନ୍ଧ୍ୟାରେ ବାଇକରେ ଘରକୁ ଫେରୁଥିବା ସମୟରେ ଭାରସାମ୍ୟ ହରାଇ ରାସ୍ତାକଡ ଖାଲରେ ପଡ଼ି ମୃତ୍ୟୁବରଣ କରିଛନ୍ତି। ଆଜି ପୁଲିସ ଖବର ପାଇଁ ଘଟଣାସ୍ଥଳରେ ପହଞ୍ଚି ୩ଟିଯାକ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ସକାଶେ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରିଛି।

### ପଞ୍ଚାୟତ ନିର୍ବାଚନ...

ଦଳର ଏହି ବରିଷ୍ଠ ନେତା ସଂଗଠନ ସଜାଡ଼ିବାରେ ବେଶ୍ ମାହିର ଥିବାରୁ ଓଡ଼ିଶା କଂଗ୍ରେସକୁ ସେ ପଞ୍ଚାୟତ ନିର୍ବାଚନ ପୂର୍ବରୁ ସଜାଡ଼ିବା ସହ ସମସ୍ତଙ୍କୁ ଏକଜୁଟ କରିପାରିବେ ବୋଲି କଂଗ୍ରେସ ଶିବିର ଆଶା କରୁଛି। ତିନି ରାଜନୈତିକ ଦଳର ଏଭଳି ପ୍ରସ୍ତୁତି ଗାଁଗହଳରେ ରାଜନୀତିକୁ ଉଷ୍ମ କରିବାରେ ଲାଗିଛି। ଏବେଠାରୁ ପଞ୍ଚାୟତରେ କିଏ କେଉଁ ଦଳରୁ ପ୍ରାର୍ଥୀ ହେବ, ସେଥିପାଇଁ ବିଧାୟକ, ମନ୍ତ୍ରୀ ଓ ସାଂସଦଙ୍କ ନିକଟରେ ଲବି ଆରମ୍ଭ କରିଦେଇଛନ୍ତି। କିଛି ଆଶାୟୀ ବି ରାଜଧାନୀକୁ ଦଉଡ଼ ଆରମ୍ଭ କରିଦେଇଛନ୍ତି। ତେବେ ପଞ୍ଚାୟତ ନିର୍ବାଚନ ପରେ ପରେ ରାଜ୍ୟରେ ପୌର ନିର୍ବାଚନ ହେବାକୁ ଥିବାରୁ ତିନି ଦଳ ଚଳାଇଥିବା ପ୍ରସ୍ତୁତି କେତେଦୂର ଫଳପ୍ରଦ ହେବ, ତାହା ଉପରେ ସବୁ ଦଳର କର୍ମୀମାନେ ନଜର ରଖିଛନ୍ତି।

# ପଞ୍ଚାୟତ ନିର୍ବାଚନୀ ବିଗୁଲ୍

# ନେତାଙ୍କ 'ଗାଁ ମୁହାଁ' ଅଭିଯାନ

କାକଟପୁର/ଅସ୍ତରଙ୍ଗ,୨୬।୬ (ସଂଚାର ବ୍ୟୁରୋ): ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ଆଉ କିଛି ମାସ ବାକି ଥିବା ବେଳେ ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ ଅଧୀନ ଅସ୍ତରଙ୍ଗ ଓ କାକଟପୁର ବ୍ଲକରେ ରାଜନୈତିକ ତାତି ବୃଦ୍ଧି ପାଇଛି। ବିଭିନ୍ନ ଦଳର ଆଶାୟୀ ପ୍ରାର୍ଥୀମାନେ ଏବେଠାରୁ ଗାଁ ଗାଁ ବୁଲି ଜନସମ୍ପର୍କ ଅଭିଯାନ ଆରମ୍ଭ କରିଦେଲେଣି।

ପ୍ରତି ଗାଁର ମନ୍ଦିର ପ୍ରାଙ୍ଗଣ, ଗାଁ ମଣ୍ଡପ, ଚା'ଦୋକାନ ଛକରେ ଚାଲିଛି ଗରମାଗରମ୍ ଆଲୋଚନା। ଅନେକ ସ୍ଥାନରେ ପାଲ ପକାଇ ବୈଠକ କରାଯାଉଛି। ସକାଳୁ ନେତାମାନେ ଗ୍ରାମ ଦେବାଦେବୀଙ୍କ ପୀଠରେ ଦର୍ଶନ ସାରି କୋଠଘର ଓ ପଞ୍ଚାୟତ କୁଜିନେତାଙ୍କ ଛାତ ଉପରେ ଗୁପ୍ତ ବୈଠକ କରୁଛନ୍ତି। ଅପରାହ୍ନରେ ଗାଁ ମଣ୍ଡପରେ ସାଧାରଣ ବୈଠକ କରି ସରକାରୀ ଯୋଜନା, ରାସ୍ତା, ପାନୀୟ ଜଳ ଓ ସ୍ୱାସ୍ଥ୍ୟ ସେବା କଥା କହି ବିକାଶର ପ୍ରତିଶ୍ରୁତି ବାଣ୍ଟୁଛନ୍ତି। ତେବେ ଏଥର ଚିତ୍ର ଭିନ୍ନ। ଗାଁ ଲୋକ ଆଉ ନୀରବ ଶ୍ରୋତା ନୁହଁନ୍ତି। ଶାସକ ଦଳର କର୍ମୀ ପଞ୍ଚାୟତ ଗସ୍ତ କଲାବେଳେ ଲୋକେ ପାଲଟା ପ୍ରଶ୍ନ କରୁଛନ୍ତି, "ନିର୍ବାଚନ ଥିଲେ ହିଁ ଗାଁ ମୁହାଁ ହେଉଛନ୍ତି କି? ୫ ବର୍ଷ କେଉଁଠି ଥିଲେ?" ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ପାଳନ ହେଉଥିବା ବେଳେ ଲୋକେ ଅଭିଯୋଗ କରୁଛନ୍ତି ଯେ ଗ୍ୟାସ, ପେଟ୍ରୋଲ-ଡିଜେଲ ଓ ଖାଉଟି ସାମଗ୍ରୀ ଦର ଆକାଶଛୁଆଁ। "ଅସ୍ତରଙ୍ଗରେ ଉନ୍ନତି କିଛି ନାହିଁ, ଯଥା ପୂର୍ବଂ ତଥା ପରଂ" ବୋଲି ଗ୍ରାମବାସୀ କହୁଛନ୍ତି।

କାକଟପୁର-ଅସ୍ତରଙ୍ଗ ବ୍ଲକର କିଛି ଗାଁରେ ଲୋକେ ସିଧା ପଚାରୁଛନ୍ତି, "ପିସି କାରବାର ବନ୍ଦ ହେବ ତ? ୬୫ବର୍ଷରୁ ଉର୍ଦ୍ଧ ହେଲାଣି ଭତ୍ତା ହୋଇପାରୁନି। ଅସ୍ତରଙ୍ଗ ବସ ଷ୍ଟାଣ୍ଡ କେବେ ହେବ? ଆୟୁଷ୍ମାନ କାର୍ଡ ଅନେକ ଙ୍କୁ କାହିଁକି ମିଳିନି?" ଗାଁ କୁ ପାଇପି ପକାଇ ପାନୀୟ ଜଳ କାର୍ଯ୍ୟ ସରିଗଲା କି ? ଅନେକ ସ୍ଥାନରେ ଆଲୋଚନା ତର୍କ-ବିତର୍କରେ ପରିଣତ ହେଉଛି।

ଗାଁରେ ଥିବା ପୁରୁଖା ରାଜନୈତିକ ବ୍ୟକ୍ତିଙ୍କ ମତରେ, ଏଥର ଲୋକେ ସଚେତନ। "କେବଳ ମଦ-ଟଙ୍କାରେ ଭୋଟ୍ ମିଳିବନି। ଲୋକେ କାମର ହିସାବ ମାଗୁଛନ୍ତି। ଯିଏ ମନ୍ଦିର-ମଣ୍ଡପରେ ପ୍ରଶ୍ନର ଉତ୍ତର ଦେଇପାରିବ, ସିଏ ହିଁ ଆଗୁଆ ରହିବ।"

ବିଭିନ୍ନ ଦଳ ଯୁବକ ଓ ମହିଳା ଏସଏଚଜି ଙ୍କୁ ନେଇ ସଦସ୍ୟତା ଅଭିଯାନ ଚଳାଉଛନ୍ତି। ତେବେ ପାନୀୟ ଜଳ ପାଇଁ ଲମ୍ବା ଧାଡି ଓ ଆୟୁଷ୍ମାନ କାର୍ଡ ନପାଇବା, ଅନେକ ଗରିବ ହିତାଧିକାରୀ ରାସନ କାର୍ଡରେ ସଂଯୋଗ ନ ହେବା ଅସନ୍ତୋଷର କାରଣ ପାଲଟିଛି।

ଲୋକଙ୍କ ସ୍ପଷ୍ଟ ମତ, "ଏଥର କଥା ନୁହେଁ, କାମ ଦେଖି ଭୋଟ୍ ଦେବୁ।" ମନ୍ଦିର-ମଣ୍ଡପର ଏହି ଗରମାଗରମ୍ ଚର୍ଚ୍ଚା ହିଁ ନିର୍ଣ୍ଣୟ କରିବ ନୂଆ ପଞ୍ଚାୟତ ପ୍ରତିନିଧି କିଏ ହେବ।

## ଆନ୍ତଃଜିଲ୍ଲା ବାଇକ୍ ଚୋର ଗିରଫ, ଚୋରି ଗାଡ଼ି ଜବତ



ସତ୍ୟବାଦୀ,୨୬।୬ (ସଂଚାର ବ୍ୟୁରୋ): ସତ୍ୟବାଦୀ ପୁଲିସ ଏକ ମୋଟରସାଇକେଲ୍ ଚୋରି ମାମଲାର ପର୍ଦ୍ଦାଫାଶ କରି ଜଣେ ଆନ୍ତଃଜିଲ୍ଲା ବାଇକ୍ ଚୋରକୁ ଗିରଫ କରିବା ସହ ଚୋରି ହୋଇଥିବା ଏକ ବାଇକ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ପୁରୀ ଜିଲ୍ଲା ଡେଲାଙ୍ଗ ଥାନା ଅନ୍ତର୍ଗତ ଜେନାପୁର ଗ୍ରାମର ନୀଳକଣ୍ଠ ଜେନା ଓରଫ ବାଟୁଆ ଓରଫ ବଳିଆ। ପୁଲିସ ସୂଚନା ଅନୁଯାୟୀ, ଗତ ୨୧ ଜୁନ୍ ରାତିରେ ସାକ୍ଷୀଗୋପାଳ ଷ୍ଟେସନ ରୋଡ୍‌ର ବାସିନ୍ଦା ଦେବାଶିଷ ମହାପାତ୍ର ଏକ ହୋଟେଲ ସମ୍ମୁଖରେ ନିଜର ଏଚ୍‌ଏଫ୍ ଡିଲକ୍ସ (ଓଡ଼ି-୧୩-ଏଲ୍-୦୫୦୪) ମୋଟରସାଇକେଲ୍ ରଖି ଭୋଜନ କରିବାକୁ ଯାଇଥିଲେ। ଫେରିବା ବେଳେ ଗାଡ଼ିଟି ଚୋରି ହୋଇଯାଇଥିବା ଦେଖି ସେ ସତ୍ୟବାଦୀ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଆଧାର କରି ପୁଲିସ କେସ୍ ନଂ-୨୭୪/୨୦୨୬ ଏବଂ ବିଏନଏସର ଧାରା ୩୦୩(୨)ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ପୁଲିସ ଅଭିଯୁକ୍ତ ନୀଳକଣ୍ଠ ଜେନାକୁ ଗିରଫ କରିବା ସହ ତା' ନିକଟରୁ ଚୋରି ହୋଇଥିବା ମୋଟରସାଇକେଲ୍‌ଟିକୁ ଜବତ କରିଛି। ପୁଲିସ କହିଛି ଯେ ଅଭିଯୁକ୍ତ ଜଣେ ଅଭ୍ୟାସଗତ ଅପରାଧୀ ଏବଂ ତା' ନାମରେ ବିଭିନ୍ନ ଥାନାରେ ପୂର୍ବରୁ ଏକାଧିକ ସଂଗୀନ ମାମଲା ରହିଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଟ୍ରକକୁ ପଛପଟୁ ଧକ୍କା ଦେଲା ଟାଟା ଏସି, ଡ୍ରାଇଭର ଓ ହେଲ୍ପରର ମୃତ୍ୟୁ



ଗଞ୍ଜାମ,୨୬।୬ (ସଂଚାର ବ୍ୟୁରୋ): ଗଞ୍ଜାମ ଥାନା ଅନ୍ତର୍ଗତ ଅଗସ୍ତି ନୂଆଗାଁ ନିକଟରେ ଶୁକ୍ରବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଦୁଇ ଜଣଙ୍କ ଜୀବନ ଚାଲିଯାଇଛି। ଓଡ଼ି-୦୨ଡିବି-୪୦୨୧ ନମ୍ବର ବିଶିଷ୍ଟ ଟାଟା ଏସି ଗାଡ଼ିଟି ବ୍ରହ୍ମପୁର ଅଭିମୁଖେ ଯାଉଥିବା ସମୟରେ ଏପି-୦୨-ଟିଡି-୨୨୭୬ ନମ୍ବର ବିଶିଷ୍ଟ ଇଚର ଟ୍ରକକୁ ପଛପଟୁ ଧକ୍କା ଦେବାରୁ ଗାଡ଼ିର କ୍ୟାବିନ୍ ସମ୍ପୂର୍ଣ୍ଣ ଚାପି ହୋଇଯାଇଥିଲା।

ଖବର ପାଇ ଗଞ୍ଜାମ ଥାନା ପୁଲିସ ଓ ଛତ୍ରପୁର ଅଗ୍ନିଶମ ବାହିନୀର ଏକ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି କ୍ୟାବିନ୍‌ରେ ଚାପି ହୋଇ ରହିଥିବା ଡ୍ରାଇଭର ଓ ହେଲ୍ପରଙ୍କୁ କଟର ମେସିନ୍ ସହାୟତାରେ ଗାଡ଼ି କାଟି ବାହାର କରାଯାଇଥିଲା। ପରେ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପ୍ରାଥମିକ ତଦନ୍ତରୁ ମୃତ ଡ୍ରାଇଭର ଜଣଙ୍କ ଭଦ୍ରକର ହଳଦିଆ ଅଞ୍ଚଳର ଶେଖର ଚନ୍ଦ୍ର ସାମଲ (୩୨) ଏବଂ ହେଲ୍ପର ମାନସ ସେଠୀ (୨୩) ବୋଲି ଜଣାପଡ଼ିଛି। ଉଭୟେ ଦେବଗଡ଼ ଜିଲ୍ଲାର ଖୋଲାବଣୀ ଗ୍ରାମର ବାସିନ୍ଦା ବୋଲି ସୂଚନା ମିଳିଛି। ପରିବାର ସଦସ୍ୟମାନେ ଏପର୍ଯ୍ୟନ୍ତ ପହଞ୍ଚି ନଥିବାରୁ ଉଭୟଙ୍କ ମୃତଦେହକୁ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟର ଶବ ବ୍ୟବଚ୍ଛେଦ ଗୃହରେ ରଖାଯାଇଛି। ସୂଚନା ଅନୁଯାୟୀ, ଇଚର ଟ୍ରକଟି ପୂର୍ବରୁ ଏକ ଦୁର୍ଘଟଣା ଘଟାଇ ରାସ୍ତା ଉପରେ ଠିଆ ହୋଇଥିବା ବେଳେ ପଛପଟୁ ଆସୁଥିବା ଟାଟା ଏସି ଧକ୍କା ଦେବାରୁ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଥିଲା।

## ମୃତ୍ୟୁ ବି ଏମିତି ଆସେ: ଭୋଜି ଖାଇ ଫେରୁଥିବା ବେଳେ ରାସ୍ତାରେ ଟଳିପଡିଲେ ଯୁବକ



ନୀଳଗିରି,୨୬।୬ (ସଂଚାର ବ୍ୟୁରୋ): ଜୈନିକ ଯୁବକ ନିମନ୍ତ୍ରଣ ରକ୍ଷାକରି ଜନ୍ମଦିନ ଭୋଜି ଖାଇବାକୁ ଯାଇଥିଲେ। ସେ ଖାଇସାରି ଆଉ ଘରକୁ ଫେରି ପାରିଲେନି, ରାସ୍ତା ଉପରେ ଟଳିପଡିଲେ। ଏଭଳି ହୃଦୟ ବିଦାରକ ଘଟଣା ନୀଳଗିରି ସହରରେ ଦେଖିବାକୁ ମିଳିଛି। ସୂଚନା ଯୋଗ୍ୟ ନୀଳଗିରି ଏନଏସି ୬ନମ୍ବର ୱାର୍ଡ଼ ମଙ୍ଗଳା ସାହି ଗ୍ରାମର ଅମୁଲ୍ୟ ବର୍ଦ୍ଧନଙ୍କ ପୁଅ ମୁନା ଓରଫ ହରିଶ୍ଚନ୍ଦ୍ର ବର୍ଦ୍ଧନ (୪୯) ସାହିର ଜଣଙ୍କ ଘରକୁ ଆଜି କୋଜି ଖାଇବାକୁ ଯାଇଥିଲେ। ଭୋଜି ଖାଇସାରି ପ୍ରାୟ ୨.୩୦ମିନିଟ ସମୟରେ ଗାଡି ପାଖକୁ ଯିବାବେଳେ ରାସ୍ତା ଉପରେ ଟଳି ପଡ଼ିଥିଲେ। ତେବେ ତୁରନ୍ତ ତାଙ୍କୁ ନୀଳଗିରି ମେଡିକାଲକୁ ଅଣାଯାଇଥିଲା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହୃଦଘାତରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଏନେଇ ନୀଳଗିରି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ରାତ୍ରିରେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

## ବସ-ବାଇକ୍ ମୁହାଁମୁହିଁ, ଯୁବକ ମୃତ

ବାରିପଦା,୨୬।୬ (ସଂଚାର ବ୍ୟୁରୋ): ମୟୁରଭଞ୍ଜ ଜିଲ୍ଲା ତିରିଂ ଥାନା ଅନ୍ତର୍ଗତ ଯଶିପୁର ପଞ୍ଚାୟତ କୁଦରସାହି ଗ୍ରାମ୍ୟ ରାସ୍ତାରେ ଆଜି ପୂର୍ବାହ୍ନ ସମୟରେ ଏକ ଘରୋଇ ବସ ସହ ବାଇକ୍‌ର ଆମନା ସାମନାରେ ବାଇକ୍ ଚାଳକର ମୃତ୍ୟୁ ହୋଇଅଛି । ସୂଚନାଯୋଗ୍ୟ ତିରିଂ ଥାନା ଅଞ୍ଚଳର ବଡସାଦମ ଗ୍ରାମର ସାରଗାମ ପୁରୁଙ୍କ ଏକମାତ୍ର ପୁତ୍ର ଆସନ୍ତୁ ଟୁଡୁ(୨୫) କୌଣସି କାମରେ ବାଇକ୍ (ଜେଏଚ୍‌ଓପିଟି ୯୩୪) ଯୋଗେ ଝରାଡିହି ଅଞ୍ଚଳକୁ ଯାଉଥିବାବେଳେ ସାମନା ପଟୁ ଗୋରୁମହିଷାଣି ଥାନା ଅନ୍ତର୍ଗତ ଗୁହାଳଡାଙ୍ଗିରୁ ଟାଟା ନଗର ଯାଉଥିବା ଘରୋଇ ବସ୍ ରାଜୁରାଜା ବସ୍ (ଜେଏଚ୍‌ଓ୫ସିପି୧୯୫୦) ସହିତ ମୁହାଁମୁହିଁ ହେବା ଫଳରେ ବାଇକ ଚାଳକ ରାସ୍ତାରେ ଛିଟିକି ପଡ଼ି ରହିଥିଲେ । ରକ୍ତଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଝରାଡିହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣା ଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ଶ୍ରୀ ବିହାର ସାଇବାବାଙ୍କ ମନ୍ଦିରର ବାର୍ଷିକ ଉତ୍ସବରେ ଯୋଗଦେବାକୁ କୋରେଇ ବିଧାୟକଙ୍କୁ ନିମନ୍ତ୍ରଣ



ଯାଜପୁର ରୋଡ଼,୨୬।୬ (ସଂଚାର ବ୍ୟୁରୋ): ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ୱାର୍ଡ ନଂ-୧୬ ସ୍ଥିତ ଉମାପଦା ଶ୍ରୀ ବିହାର ଛକରେ ହୋଇଥିବା ଓଁ ଶ୍ରୀ ଶ୍ରୀ ସାଇନାଥ ମହାରାଜଙ୍କ ମନ୍ଦିରର ସାଇବାବାଙ୍କ ୯ତମ ବାର୍ଷିକ ଉତ୍ସବ ଆସନ୍ତା ଜୁଲାଇ ମାସର ୫ ଓ ୬ ତାରିଖ ପର୍ଯ୍ୟନ୍ତ ବଡ଼ ଧୁମଧାମରେ ପାଳନ ହେବାକୁ ଯାଉଅଛି। ଜୁଲାଇ ୫ତାରିଖରେ ସାଇବାବାଙ୍କ ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ରହିଥିବା ବେଳେ ୬ତାରିଖରେ ସାଇବାବାଙ୍କ ପାଲିଙ୍କି ଶୋଭାଯାତ୍ରା ବ୍ୟାସନଗର ପୌର ସହରକୁ ପରିକ୍ରମା କରାଯିବାର କାର୍ଯ୍ୟକ୍ରମ ରହିଛି।

ଏହି ଅବସରରେ ସାଇ ପରିବାର ବର୍ଗଙ୍କ ପକ୍ଷରୁ ସମସ୍ତ ସାଇ ସଦସ୍ୟମାନେ କୋରେଇର ଲୋକପ୍ରିୟ ବିଧାୟକ ଆକାଶ ଦାସନାୟକଙ୍କୁ ଉକ୍ତ ପବିତ୍ର କାର୍ଯ୍ୟକ୍ରମରେ ଯୋଗ ଦେବାପାଇଁ ତାଙ୍କ ବାସଭବନରେ ପହଂଚି ତାଙ୍କୁ ସାଦର ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ।

## ଦେଭୋଗ ପଞ୍ଚାୟତରେ 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ



ବାଲିଆପାଳ,୨୬।୬ (ସଂଚାର ବ୍ୟୁରୋ): ଓଡ଼ିଶା ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ଶୁକ୍ରବାର ବାଲିଆପାଳ ବ୍ଲକ ଅନ୍ତର୍ଗତ ଦେଭୋଗ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ସବିତା ନାୟକଙ୍କ ସଭାପତିତ୍ୱରେ 'ବିକାଶର ଧାରା ଓଡ଼ିଶା ସାରା'ର ଦିତୀୟ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ବସ୍ତା ବିଧାୟିକା ସୁବାସିନୀ ଜେନା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଦେଇ ଯୋଗ୍ୟ ହିତାଧୀକାରୀ ମାନଙ୍କୁ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା ବଣ୍ଟନ କରିଥିଲେ।

ମୁଖ୍ୟ ବକ୍ତା ଭାବରେ ଯୋଗାଣ ଅଧିକାରୀ ବିଷ୍ଣୁପ୍ରସାଦ ମହାରଣା, ସମ୍ମାନିତ ଅତିଥି ଭାବରେ ସମିତି ସଦସ୍ୟା କଲ୍ୟାଣୀ ନାୟକ, ସାମାଜିକ କର୍ମୀ ମୃତ୍ୟୁଞ୍ଜୟ ନାୟକ ପ୍ରମୁଖ ଯୋଗ ଦେଇ ସ୍ୱୟଂ ସହାୟିକା ରେ ଲକ୍ଷପତି ଦିଦି, ଶୁଭଦ୍ରା ଶକ୍ତି ଏବଂ ଜନ କଲ୍ୟାଣ ଯୋଜନାରେ ବିଷୟରେ ବକ୍ତବ୍ୟ ପ୍ରଦାନ କରିବା ସହିତ ହିତାଧିକାରୀ ମାନଙ୍କୁ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ, ନୂଆ ରେସନ କାର୍ଡ ସହିତ ଆର୍ଥିକ ରାଶି, ଅନ୍ତ୍ୟୋଦୟ ଗୃହ ଯୋଜନାରେ ୱର୍କଅଡର ଆଦି ବିଭିନ୍ନ ଯୋଜନା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ଧନଞ୍ଜୟ ଗିରି ସଞ୍ଚାଳନ କରିଥିବା ବେଳେ ଏଡିଓ ସବିତା ପୁଷ୍ଟି ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଙ୍ଗନବାଡ଼ି କେନ୍ଦ୍ରରେ ନାହିଁ ପାଚେରୀ

### ଶିଶୁଙ୍କ ସୁରକ୍ଷା ପ୍ରତି ବିପଦ



ରାଇଘର,୨୬।୬ (ସଂଚାର ବ୍ୟୁରୋ): ରାଜ୍ୟ ଓ କେନ୍ଦ୍ର ସରକାର ଶିଶୁମାନଙ୍କ ବିକାଶ ପାଇଁ ଅନେକ ଯୋଜନା ପ୍ରଣୟନ କରି କୋଟି କୋଟି ଟଙ୍କା ବ୍ୟୟ କରି ପ୍ରତି ଗ୍ରାମରେ ଅଙ୍ଗନବାଡି କେନ୍ଦ୍ର ପ୍ରତିଷ୍ଠା କରି ଶିଶୁମାନଙ୍କୁ ପ୍ରାଥମିକ ଶିକ୍ଷା ସହ ସୁଷମ ଖାଦ୍ୟ ପ୍ରଦାନର ବ୍ୟବସ୍ଥା କରାଯିବାଯାଇଥିବା ବେଳେ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର ୨୬ ଗୋଟି ପଞ୍ଚାୟତରେ ୧୫ ଟି ସେକ୍ଟର ଥିବା ବେଳେ ୩୧୩ଟି ଅଙ୍ଗନବାଡି କେନ୍ଦ୍ର ରହିଛି। ସେଥିମଧ୍ୟରୁ ହଳଦୀ ପଞ୍ଚାୟତ ଫୁଟାନଦ୍ଧା ମଞ୍ଜୁଷାପାରାର ଅଙ୍ଗନବାଡି ଓ ରାଇଘର ସଦର୍ ମହକୁମା ଶିବ ମନ୍ଦିର ସାହିରେ ଅଙ୍ଗନବାଡି ଚର୍ତୁପାଶ୍ୱରେ ପାଚେରୀ ନାହିଁ କି ଗେଟ ମଧ୍ୟ ନାହିଁ। ଖୋଲମେଲାରେ ଏଠାକୁ ପ୍ରାକ୍ ଶିକ୍ଷା ପାଇଁ ଆସୁ ଥିବା କୁନିକୁନି ଶିଶୁମାନେ ଅସୁରକ୍ଷିତ ଭାବେ କେନ୍ଦ୍ରରେ ବସୁଛନ୍ତି।

ଅନେକ ସମୟରେ କେନ୍ଦ୍ର ଭିତରକୁ ବିଷାକ୍ତ ସରୀସୃପ, ବୁଲା କୁକୁର ଏବଂ ଗୋରୁ ଗାଈ ପଶି ଆସୁଛନ୍ତି। କେତେକ ଅଙ୍ଗନବାଡି କେନ୍ଦ୍ର ନିଜସ୍ୱ ଗୃହ ନଥିବାରୁ ଭଡ଼ା ଘର କିମ୍ବା ଅନ୍ୟାନ୍ୟ କେନ୍ଦ୍ରରେ ଚାଲିଛି। ପାଚେରୀ ନଥିବାରୁ ଛୋଟ ପିଲାମାନେ ଖେଳୁଖେଳୁ ରାସ୍ତାକୁ ଚାଲିଯିବା କିମ୍ବା ପଡ଼ିଯିବା ଭଳି ଦୁର୍ଘଟଣା ଘଟିପାରେ। ତୁରନ୍ତ ପାଚେରୀ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

ସେହିପରି ୨୬ ଗୋଟି ପଞ୍ଚାୟତର କେତେକ ସ୍ଥାନରେ ନିଜସ୍ୱ ଗୃହ, ରୋଷେଇ ଗୃହ, ନଳକୂପ ଓ ବିଦ୍ୟୁତ ନାହିଁ। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଜନସାଧାରଣ ଦାବି କରିଛନ୍ତି।

## ଅନ୍ତର୍ଜାତୀୟ ନିଶା ନିବାରଣ ଦିବସ ପାଳିତ




ହିଞ୍ଜିଳିକାଟୁ,୨୬।୬ (ସଂଚାର ବ୍ୟୁରୋ): ଦିନକୁ ଦିନ ନିଶା କାରବାର ତଥା ସେବନ ବଢ଼ିଚାଲିଛି। ବିଶେଷ ଭାବେ କିଶୋର ତଥା କମ୍ ବୟସର ପିଲାମାନେ ଏହାର କବଳିତ ହେଉଛନ୍ତି, ଯାହା ଏକ ସାମାଜିକ ବ୍ୟାଧିର ରୂପ ନେଲାଣି। ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ୨୬ ଜୁନକୁ ବିଶ୍ୱ ନିଶା ନିବାରଣ ଦିବସ ରୂପେ ପାଳନ କରାଯାଏ। ସେଇଭଳି ହିଞ୍ଜିଳିକାଟୁ ପୌରାଞ୍ଚଳ ସ୍ଥିତ ଗାୟତ୍ରୀ ଶିକ୍ଷାନିଷ୍ଠାନରେ ତାଲୁକା ଆଇନ ସେବା କମିଟି ଅଧ୍ୟକ୍ଷା ତଥା ସବଜଜ୍ ସୁଶ୍ରୀ ସଂଗୀତା ମଲ୍ଲିକଙ୍କ ତତ୍ତ୍ୱାବଧାନରେ ବିଶ୍ୱ ନିଶା ନିବାରଣ ଦିବସ ପାଳିତ ହୋଇଯାଇଛି। ଅତିଥି ଭାବେ ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ଡାକ୍ତର ଶ୍ରୀକାନ୍ତ ସାହୁ, ହିଞ୍ଜିଳି ଥାନାର ଏସଆଇ ଧରିତ୍ରୀ ବିଶ୍ୱାଳ, ବରିଷ୍ଠ ଆଇନଜୀବି ଦ୍ୱିତୀକୃଷ୍ଣ ସାବତ, ଗାୟତ୍ରୀ ଶିକ୍ଷାନୁଷ୍ଠାନର ପରିଚାଳକ ସସ୍ମିତା ପଟ୍ଟନାୟକ ମଂଚାସୀନ ରହିଥିଲେ | ନିଶା ସେବନ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ, ସଜାଗ ଓ ସଚେତନତା ଦ୍ୱାରା ହିଁ ମାନବ ସମାଜକୁ ନିଶା ସେବନରୁ ମୁକ୍ତ କରିହେବ । ଲୋକଙ୍କୁ ସଚେତନତା ଓ ନିଶା ସେବନରୁ ମୁକ୍ତ କରିବା କ୍ଷେତ୍ରରେ କାର୍ଯ୍ୟ କରୁଥିବା ପ୍ରତେକ ସଂସ୍ଥାର ଗୁରୁତ୍ୱ ପୂର୍ଣ୍ଣ ଭୂମିକା ରହିଛି ନେଇ ଅତିଥି ମାନେ ଅଭିଭାଷଣ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଗାୟତ୍ରୀ ଶିକ୍ଷାନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ।

## ସବୁଜ ସଂକଳ୍ପରେ ପାଳିତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନ

### ରତଙ୍ଗ ଶିବ ମନ୍ଦିର ପରିସରରେ ବୃକ୍ଷରୋପଣ, ପରିବେଶ ସୁରକ୍ଷାର ବାର୍ତ୍ତା




ଫୁଲବାଣୀ,୨୬।୬ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ରତଙ୍ଗ ଶିବ ମନ୍ଦିର ପରିସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନ ଅବସରରେ ସବୁଜ ପରିବେଶର ସୁରକ୍ଷା ଓ ସାମାଜିକ ଦାୟିତ୍ୱବୋଧକୁ ଆଗରେ ରଖି ଏକ ଭବ୍ୟ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ବିଜେପି କାର୍ଯ୍ୟକର୍ତ୍ତା ଓ ସ୍ଥାନୀୟ ଜନସାଧାରଣ ସାମିଲ ହୋଇ ସବୁଜ ଭବିଷ୍ୟତ ଗଠନର ସଂକଳ୍ପ ନେଇଥିଲେ।

ଏହି ଅବସରରେ ବକ୍ତାମାନେ କହିଥିଲେ ଯେ, "ବୃକ୍ଷ ହିଁ ଜୀବନ, ବୃକ୍ଷ ହିଁ ଭବିଷ୍ୟତ।" ପରିବେଶର ସନ୍ତୁଳନ ରକ୍ଷା, ମାନବ ସମାଜର ସୁସ୍ଥ ଜୀବନ, ପ୍ରାଣୀ ସମ୍ପଦର ସୁରକ୍ଷା ଏବଂ ସମଗ୍ର ଧରାପୃଷ୍ଠର ମଙ୍ଗଳ ପାଇଁ ବୃକ୍ଷରୋପଣର ବିକଳ୍ପ ନାହିଁ। ପ୍ରତ୍ୟେକ ନାଗରିକ ଗୋଟିଏ ଲେଖାଏଁ ବୃକ୍ଷ ରୋପଣ କରି ତାହାର ଯତ୍ନ ନେବାକୁ ସେମାନେ ଆହ୍ୱାନ ଜଣାଇଥିଲେ। କାର୍ଯ୍ୟକ୍ରମ ଶେଷରେ ମନ୍ଦିର ପରିସରରେ ବିଭିନ୍ନ ପ୍ରଜାତିର ଚାରା ରୋପଣ କରାଯାଇଥିଲା। ଉପସ୍ଥିତ କାର୍ଯ୍ୟକର୍ତ୍ତାମାନେ "ଗୋଟିଏ କାର୍ଯ୍ୟକର୍ତ୍ତା- ଗୋଟିଏ ବୃକ୍ଷ" ସଂକଳ୍ପ ନେଇ ସବୁଜ, ସ୍ୱଚ୍ଛ ଓ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସମସ୍ତଙ୍କୁ ଆଗେଇ ଆସିବାକୁ ଆହ୍ୱାନ ଜଣାଇଥିଲେ। ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ କେବଳ ଜନ୍ମଦିନ ପାଳନରେ ସୀମିତ ନ ରହି ପରିବେଶ ସୁରକ୍ଷା ପ୍ରତି ସାମାଜିକ ସଚେତନତାର ଏକ ପ୍ରେରଣାଦାୟକ ବାର୍ତ୍ତା ପ୍ରଦାନ କରିଥିଲା।

## ସୁଦର୍ଶନ ଦାରୁ ପୀଠରେ ରଥ ନିର୍ମାଣ କାରିଗରଙ୍କୁ କାଞ୍ଚନ ଫାଉଣ୍ଡେସନ ପକ୍ଷରୁ ସମ୍ବର୍ଦ୍ଧନା



ବାଲିଅନ୍ତା,୨୬।୬ (ସଂଚାର ବ୍ୟୁରୋ): ଭୁବନେଶ୍ୱର ଉପକଣ୍ଠରେ ଅବସ୍ଥିତ ପବିତ୍ର ସୁଦର୍ଶନ ଦାରୁ ପୀଠରେ ନିର୍ମାଣାଧୀନ ରଥରେ ଦିନରାତି ପରିଶ୍ରମ କରୁଥିବା ବିଶ୍ୱକର୍ମା କାରିଗରମାନଙ୍କୁ ଆଜି ଅଗ୍ରଣୀ ସାମାଜିକ ଅନୁଷ୍ଠାନ କାଞ୍ଚନ ଫାଉଣ୍ଡେସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନବଦିନାତ୍ମକ ରଥଯାତ୍ରା ପାଇଁ ପ୍ରସ୍ତୁତ ହେଉଥିବା ଏହି ଦିବ୍ୟ ରଥର ନିର୍ମାଣରେ ନିୟୋଜିତ ମହାରଣା ସେବାୟତମାନଙ୍କ ନିଷ୍ଠା ଓ କଳାକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

କାଞ୍ଚନ ଫାଉଣ୍ଡେସନ ସଭାପତି ଶ୍ରୀ ରଞ୍ଜନ କୁମାର ମହାପାତ୍ରଙ୍କ ନେତୃତ୍ୱରେ ସମସ୍ତ ରଥ କାରିଗରଙ୍କୁ ଉତ୍ତରୀୟ, ଥଣ୍ଡାପାନୀୟ ଓ ସ୍ନାକ୍ସ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଶ୍ରୀ ଶ୍ରୀ ପରଂବ୍ରହ୍ମ ଜଗନ୍ନାଥ ମନ୍ଦିର ଟ୍ରଷ୍ଟର ଆଜୀବନ ଟ୍ରଷ୍ଟି ଅଶୋକ କୁମାର ସାହୁ, କୋଷାଧ୍ୟକ୍ଷ ଚକ୍ରଧର ନାୟକ, ଯୁବ ସମାଜସେବୀ ପ୍ରଦୀପ୍ତ କୁମାର ମହାନ୍ତି, ସହଦେବ ସାହୁ, ମାର୍ଶାଲ ଆର୍ଟ ପ୍ରଶିକ୍ଷକ ଉମାକାନ୍ତ ବେହେରା, ବ୍ରଜବନ୍ଧୁ ଠାକୁର ଓ ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ବଜ୍ରାଘାତରେ ୩ ବଳଦ ମୃତ, ଚିନ୍ତାରେ ଚାଷୀ



ସୁନ୍ଦରଗଡ଼,୨୬।୬ (ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ଜିଲ୍ଲା ବାଲିଶଙ୍କରା ବ୍ଲକରୁ ଆସିଛି ଏକ ଦୁଃଖଦ ଖବର। ଏହି ବ୍ଲକ ଅନ୍ତର୍ଗତ ବାଲିଶଙ୍କରା ପଞ୍ଚାୟତର ମହୁଲଗାଁ (ହେଣ୍ଡୁଆସୁଖା) ଗ୍ରାମରେ ଶୁକ୍ରବାର ପ୍ରବଳ ଘଡ଼ଘଡ଼ି ସହ ବର୍ଷା ସମୟରେ ଗଛ ତଳେ ଥିବା ଦୁଆରୁ କିଷାନଙ୍କ ୩ଟି ବଳଦ ଉପରେ ବଜ୍ରାଘାତ ହୋଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତିନୋଟି ବଳଦର ମୃତ୍ୟୁ ଘଟିଥିଲା।

ମୃତ ବଳଦଗୁଡ଼ିକ ଚାଷ କାମ ପାଇଁ ଚାଷୀଙ୍କର ମୁଖ୍ୟ ସମ୍ବଳ ଥିଲା। ଚାଷ ଋତୁ ଆରମ୍ଭ ହୋଇଥିବା ବେଳେ ଏଭଳି ଅଘଟଣ ଘଟିବାରୁ ଦୁଆରୁ କିଷାନ ଗଭୀର ଆର୍ଥିକ ସଙ୍କଟରେ ପଡ଼ିଛନ୍ତି। ବଳଦ ନଥିବାରୁ ଚାଷ କାମ କିପରି କରିବେ, ସେନେଇ ସେ ଚିନ୍ତାରେ ଅଛନ୍ତି।

ପୀଡ଼ିତ ଚାଷୀ ସରକାରଙ୍କୁ ଉପଯୁକ୍ତ କ୍ଷତିପୂରଣ ଓ ଆର୍ଥିକ ସହାୟତା ପ୍ରଦାନ କରିବାକୁ ନିବେଦନ କରିଛନ୍ତି। ସେପଟେ ସ୍ଥାନୀୟ ଅଞ୍ଚଳବାସୀ ମଧ୍ୟ ପ୍ରଶାସନ ତୁରନ୍ତ ଘଟଣାର ତଦନ୍ତ କରି ପୀଡ଼ିତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

## ଚଳିତ ବର୍ଷ ଦେବୀ ସୁଭଦ୍ରାଙ୍କ ପହଣ୍ଡିରେ ସାମିଲ ହେବେ ନାହିଁ ମହିଳା

### ରଥଯାତ୍ରା ପ୍ରସ୍ତୁତି ବୈଠକ




କୋରାପୁଟ,୨୬।୬ (ସଂଚାର ବ୍ୟୁରୋ): କୋରାପୁଟ ସଦଭାବନା ସଭାଗୃହରେ ଜିଲ୍ଲାପାଳ ତଥା ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସଭାପତି ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ରଥଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରଥଯାତ୍ରାକୁ ସୁରକ୍ଷିତ, ଶୃଙ୍ଖଳିତ ଓ ଭକ୍ତିମୟ ପରିବେଶରେ ସମ୍ପନ୍ନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି।

ଆସନ୍ତା ୨୯ ଜୁନରେ ଦେବସ୍ନାନ ପୂର୍ଣ୍ଣିମା, ଜୁଲାଇ ୧୪ରେ ନେତ୍ରୋତ୍ସବ, ୧୬ରେ ଶ୍ରୀଗୁଣ୍ଡିଚା ଯାତ୍ରା ଏବଂ ୨୪ରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେବ। ବୈଠକରେ ରଥଯାତ୍ରାର ସୁରକ୍ଷା, ଭିଡ଼ ନିୟନ୍ତ୍ରଣ, ସ୍ୱଚ୍ଛତା, ପାନୀୟ ଜଳ, ବିଦ୍ୟୁତ, ଅସ୍ଥାୟୀ ପୁଲିସ ଫାଣ୍ଡି ଏବଂ ଓଡ୍ରାଫ ମୁତୟନ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ସିସିଟିଭି ଓ ଡ୍ରୋନ ମାଧ୍ୟମରେ ରଥଟଣା ଉପରେ ନଜର ରଖାଯିବା ସହ ଆଇନ ଶୃଙ୍ଖଳା ପାଇଁ ଅତିରିକ୍ତ ପୁଲିସ ମୁତୟନ କରାଯିବ। ରଥଯାତ୍ରା ପୂର୍ବରୁ ମଦ ଦୋକାନ ବନ୍ଦ ରଖିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। ଏଥିସହ ଶାବର ପରମ୍ପରାକୁ ସମ୍ମାନ ଜଣାଇ ଜିଲ୍ଲାର ତିନୋଟି ଅଞ୍ଚଳରୁ ତିନିଜଣ ଆଦିବାସୀ ସେବକଙ୍କୁ ତିନୋଟି ରଥରେ ଛେରାପହଁରା ଦାୟିତ୍ୱ ଦେବାକୁ ନିଷ୍ପତ୍ତି ହୋଇଛି।

ତେବେ ବୈଠକରେ ସବୁଠୁ ଅଧିକ ଚର୍ଚ୍ଚାର ବିଷୟ ଥିଲା ଦେବୀ ସୁଭଦ୍ରାଙ୍କ ପହଣ୍ଡି। ସଦସ୍ୟମାନଙ୍କ ମତାମତକୁ ଗ୍ରହଣ କରି ଚଳିତ ବର୍ଷ ଦେବୀ ସୁଭଦ୍ରାଙ୍କ ପହଣ୍ଡିରେ ମହିଳାମାନେ ଅଂଶଗ୍ରହଣ କରିବେ ନାହିଁ ବୋଲି ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ସ୍ପଷ୍ଟ କରିଛନ୍ତି। ଏହାବ୍ୟତୀତ ବଡ଼ଦାଣ୍ଡରୁ ମାଉସୀମା ମନ୍ଦିର ପର୍ଯ୍ୟନ୍ତ ଅଧିକ ଆଲୋକୀକରଣ, ଡ୍ରେନ ଉପରେ କଭର ବ୍ୟବସ୍ଥା ଓ ସହରର ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସମ୍ପୃକ୍ତ ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପରମ୍ପରା, ସୁରକ୍ଷା ଓ ସୁବ୍ୟବସ୍ଥାକୁ ପ୍ରାଥମିକତା ଦେଇ କୋରାପୁଟରେ ଚଳିତ ବର୍ଷର ରଥଯାତ୍ରା ଆୟୋଜନ ପାଇଁ ପ୍ରଶାସନ ସମସ୍ତ ପ୍ରସ୍ତୁତି ଆରମ୍ଭ କରିଛି।

ତେବେ ଦେବୀ ସୁଭଦ୍ରାଙ୍କ ପହଣ୍ଡିରେ ମହିଳାଙ୍କ ଅଂଶଗ୍ରହଣ ବନ୍ଦ କରିବା ନିଷ୍ପତ୍ତିକୁ ନେଇ ଏବେ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି।

## ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ପେନସନ ଓ ଅନ୍ୟାନ୍ୟ ବକେୟା ପ୍ରାପ୍ୟ ନେଇ ଅଭିଯୋଗ ଶୁଣାଣି

ବେତନଟୀ,୨୬।୬ (ସଂଚାର ବ୍ୟୁରୋ): ଭାରତୀୟ ସ୍ଥଳ ଓ ଆକାଶ ବାହିନୀ ରୁ ଅବସର ଗ୍ରହଣ କରିଥିବା ସେନା ବାହିନୀର ଯେ କୌଣସି ସେନା କର୍ମଚାରୀ କିମ୍ବା ତାଙ୍କର ପରିବାର - ଉତ୍ତରାଧିକାରୀଙ୍କର ଯଦି ପେନସନ ସମ୍ବନ୍ଧୀୟ କିଛି ଅଭିଯୋଗ ସମାଧାନ ନ ହୋଇ ପ୍ରାପ୍ୟରୁ ବଞ୍ଚିତ ହୋଇଥାନ୍ତି ତେବେ ମୟୂରଭଞ୍ଜ ଜିଲ୍ଲା ସେନା କର୍ମଚାରୀ ଉନ୍ନୟନ ଭବନ ଠାରେ ଆସନ୍ତା ୩/୭/୨୬ ରିଖ ଦିନ ପହଞ୍ଚି ଆବେଦନ କରିବା ପାଇଁ ମୟୂରଭଞ୍ଜ ଜିଲ୍ଲା ଅବସର ପ୍ରାପ୍ତ ସେନା କର୍ମଚାରୀ ସଂଘର ସଭାପତି ଜନାର୍ଦ୍ଦନ ମହାନ୍ତ ଗଣମାଧ୍ୟମକୁ ଜଣାଇଛନ୍ତି ।

ଏହା ସହିତ ଆବେଦନକାରୀ ଚାକିରୀରୁ ଅବସର ନେବା ସମୟର ଡିସଚାର୍ଯ ସାର୍ଟିଫିକେଟ, ଆଧାର କାର୍ଡ, ପ୍ୟାନ କାର୍ଡ, ଇସିଏଚଏସ୍ ପିପିଓ ନମ୍ବର ଏବଂ ଯଦି ପୂର୍ବରୁ ଆବେଦନ କରିଥିବେ ଯୋଗାଯୋଗ ସମ୍ବନ୍ଧୀୟ କପିର ନକଲ ଆଦି ସାଥିରେ ଆଣିବାକୁ କୁହାଯାଇଛି। ଏଥି ପାଇଁ ସୈନିକ ସଂଘ ପକ୍ଷରୁ ଏକ କମିଟି ଯାଞ୍ଚ କରି ଆବେଦନକାରୀଙ୍କ ରେକର୍ଡ ଯାଞ୍ଚ କରି ବିଭାଗୀୟ ଦପ୍ତର ସହିତ ଯୋଗାଯୋଗ କରି ସମାଧାନର ପଦକ୍ଷେପ ନେବ । ଏଣୁ ମୟୂରଭଞ୍ଜ ଜିଲ୍ଲା ସମେତ ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର ଅବସର ପ୍ରାପ୍ତ ସେନା କର୍ମଚାରୀ ଓ ତାଙ୍କ ପରିବାର ତଥା ଉତ୍ତରାଧିକାରୀ ମାନେ ଏଠାରେ ଆବେଦନ କରିବା ପାଇଁ ସଂଘ ପକ୍ଷରୁ ନିବେଦନ କରାଯାଇଛି ।

ଦେଶ ମାତୃଭୂମି ସେବା କରିବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରି ସେବା ନିବୃତ୍ତ ହୋଇଥିବାରୁ ଏବଂ ଚାକିରୀ ସମ୍ବନ୍ଧୀୟ ଦେୟ ପାଇବାରୁ ବଞ୍ଚିତ ହୋଇଥିଲେ ସଂଘ ପକ୍ଷରୁ ଆୟୋଜନ କରାଯାଇଥିବା ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରି ସୁବିଧା ହାସଲ କରିବା ପାଇଁ ନିବେଦନ କରାଯାଇଛି।

# ୧୪ ବର୍ଷ ପରେ ମହଙ୍ଗା ହେଲା ପାସ୍‌ପୋର୍ଟ ଫି




ନୂଆଦିଲ୍ଲୀ,୨୬।୬: ଦୀର୍ଘ ୧୪ ବର୍ଷ ପରେ ପ୍ରଥମ ଥର ପାସ୍‌ପୋର୍ଟ ଫି ବଢ଼ାଇଲେ କେନ୍ଦ୍ର ସରକାର। ସାଧାରଣ ସ୍କିମ୍‌ରେ ଫି ୨୫୦୦ ଟଙ୍କା ବୃଦ୍ଧି କରାଯାଇଥିବା ବେଳେ ତତ୍କାଳ ସ୍କିମ ପାଇଁ ୫ ୦୦୦ ଟଙ୍କା ବୃଦ୍ଧି କରାଯାଇଛି। ଜୁଲାଇ ୧ ତାରିଖ ଠାରୁ ବର୍ଦ୍ଧିତ ଦର ଲାଗୁ ହେବ। ପାସ୍‌ପୋର୍ଟ ଏକ ଭ୍ରମଣ ପାଇଁ ଡକ୍ୟୁମେଣ୍ଟ ଏହା ଭାରତୀୟ ନାଗରିକତାର ପରିଚୟ ନୁହେଁ ବୋଲି ଗତକାଲି ସରକାର ଘୋଷଣା କରିଥିଲେ। ଆଉ ଏହି ପାସ୍‌ପୋର୍ଟ ଫି ମହଙ୍ଗା କରିଛନ୍ତି। ନୂଆ ରେଟ ଅନୁଯାୟୀ, ନରମାଲ ସ୍କିମରେ ୧୮ ବର୍ଷରୁ ତଦୁର୍ଦ୍ଧ୍ୱ ଆବେଦନକାରୀଙ୍କ ପାଇଁ ଏକ ନୂଆ ୩୬ ପୃଷ୍ଠା ସମ୍ବଳିତ ପାସପୋର୍ଟ କିମ୍ବା ପୁନଃ ଆବେଦନ ପାସପୋର୍ଟକୁ ୨୫୦୦ ଟଙ୍କାକୁ ବଢ଼ାଇ ଦିଆଯାଇଛି। ଯାହା ପୂର୍ବରୁ ମାତ୍ର ୧୫୦୦ ଟଙ୍କା ଥିଲା। ଅର୍ଥାତ୍ ଏଥିରେ ଏକାଥରକେ ୧୦୦୦ ଟଙ୍କା ବୃଦ୍ଧି ହୋଇଛି।

ସେହିପରି ତତ୍କାଳ ଫି ପୂର୍ବରୁ ୩୫୦୦ ଟଙ୍କା ଥିଲା, ହେଲେ ନୂଆ ଦର ଅନୁସାରେ ଏହାକୁ ୫୦୦୦ ଟଙ୍କାକୁ ବୃଦ୍ଧି ହୋଇଛି। ମାନେ ଏଥିରେ ୧୫୦୦ ଟଙ୍କା ବୃଦ୍ଧି କରାଯାଇଛି। ସେହିପରି, ୬୦ ପୃଷ୍ଠାର ପାସପୋର୍ଟ ପାଇଁ ସାଧାରଣ ବର୍ଗରେ ୨,୦୦୦ ଟଙ୍କାରୁ ୩୫୦୦ ଟଙ୍କା ଏବଂ ତତ୍କାଳ ପାଇଁ ୪ ହଜାର ଟଙ୍କାରୁ ୬ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି।

ପାସପୋର୍ଟ (ସଂଶୋଧନ) ନିୟମ ୨୦୨୬ ଅଧୀନରେ ବୈଦେଶିକ ମନ୍ତ୍ରଣାଳୟ (ଏମ୍‌ଇଏ) ଦ୍ୱାରା ସଂଶୋଧିତ ଫି ବିଷୟରେ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏହା ୨୦୧୨ ପରେ ପ୍ରଥମ ବଡ଼ ସଂଶୋଧନ। ୨୦୧୨ରେ ପାସପୋର୍ଟ ଶୁଳ୍କ ଶେଷ ଥର ପାଇଁ ବୃଦ୍ଧି କରାଯାଇଥିଲା।

**● ବିଭିନ୍ନ ବର୍ଗରେ ନୂଆ ପାସପୋର୍ଟ ଫି**

ହଜି ଯାଇଥିବା କିମ୍ବା ଚିରିଯାଇଥିବା ପାସପୋର୍ଟକୁ ବଦଳାଇବାକୁ ଚାହୁଁଥିବା ଆବେଦନକାରୀମାନଙ୍କୁ ମଧ ଅଧିକ ଦେୟ ଦେବାକୁ ପଡିବ। ସାଧାରଣ ବର୍ଗରେ ୩୬ ପୃଷ୍ଠାର ପାସପୋର୍ଟ ପାଇଁ ଏବେ ୫ ହଜାର ଟଙ୍କା ଏବଂ ତତ୍କାଳୀନ ଅଧୀନରେ ୭,୫୦୦ ଟଙ୍କା ଦେବାକୁ ପଡିବ। ୬୦ ପୃଷ୍ଠାର ବଦଳ ପାସପୋର୍ଟ ପାଇଁ ଯଥାକ୍ରମେ ୬ ହଜାର ଟଙ୍କା ଓ ୮,୫୦୦ ଟଙ୍କା ଦେବାକୁ ପଡିବ।

୧୮ ବର୍ଷରୁ କମ୍ ବୟସର ଆବେଦନକାରୀଙ୍କ ପାଇଁ, ସାଧାରଣ ଯୋଜନା ଅନୁଯାୟୀ ଏକ ନୂଆ କିମ୍ବା ପୁନଃଆବେଦନ କରାଯାଇଥିବା ୩୬ ପୃଷ୍ଠାର ପାସପୋର୍ଟର ମୂଲ୍ୟ ୧୭୫୦ ଟଙ୍କା ଏବଂ ତତ୍କାଳ ଅଧୀନରେ ୪୨୫୦ ଟଙ୍କା ହେବ। ନାବାଳକଙ୍କ ପାଇଁ ହଜିଯାଇଥିବା କିମ୍ବା କ୍ଷତିଗ୍ରସ୍ତ ପାସପୋର୍ଟ ବଦଳାଇବା ପାଇଁ ସାଧାରଣ ବର୍ଗରେ ୪୨୫୦ ଟଙ୍କା ଏବଂ ତତ୍କାଳ ଅଧୀନରେ ୬୭୫୦ ଟଙ୍କା ଧାର୍ଯ୍ୟ କରାଯାଇଛି।

ବୈଦେଶ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ପାସପୋର୍ଟ ଶୁଳ୍କର ଏହି ସଂଶୋଧିତ ବ୍ୟବସ୍ଥା ଜୁଲାଇ ୧ ତାରିଖ କିମ୍ବା ତା'ପରେ ଦାଖଲ ହେଉଥିବା ସମସ୍ତ ପାସପୋର୍ଟ ଆବେଦନ ପାଇଁ ଲାଗୁ ହେବ। ଜୁନ୍ ୨୦ ତାରିଖରେ ପାସପୋର୍ଟ ଆକ୍ଟ, ୧୯୬୭ ର ଧାରା ୨୪ ଅନୁଯାୟୀ ଜାରି ହୋଇଥିବା ଏହି ବିଜ୍ଞପ୍ତିରେ ବିଭିନ୍ନ ଯାତ୍ରା ସମ୍ବନ୍ଧୀୟ ଦଲିଲ ଏବଂ ପାସପୋର୍ଟ ସହ ଜଡିତ ସେବାଗୁଡିକର ଶୁଳ୍କ ମଧ ସଂଶୋଧନ କରାଯାଇଛି।

ଜରୁରୀକାଳୀନ ପ୍ରମାଣପତ୍ର ଭାରତ ଭିତରେ ଏହି ପ୍ରମାଣପତ୍ର ମାଗଣାରେ ପ୍ରଦାନ କରାଯିବ, କିନ୍ତୁ ବିଦେଶରେ ଥିବା ଆବେଦନକାରୀଙ୍କୁ ଏଥିପାଇଁ ୧୫ ଆମେରିକୀୟ ଡଲାର (ୟୁଏସ୍‌ଡି) ଦେବାକୁ ପଡିବ।

ପରିଚୟ ପତ୍ର ଏଥିପାଇଁ ଭାରତରେ ୧,୦୦୦ ଟଙ୍କା ଏବଂ ବିଦେଶରେ ୫୦ ଆମେରିକୀୟ ଡଲାର (ୟୁଏସ୍‌ଡି) ଶୁଳ୍କ ଧାର୍ଯ୍ୟ କରାଯାଇଛି।

ଅନ୍ୟାନ୍ୟ ସେବାଃ ପୋଲିସ କ୍ଲିୟରାନ୍ସ ସାର୍ଟିଫିକେଟ୍ (ପିସିସି), ସରେଣ୍ଡର ସାର୍ଟିଫିକେଟ୍, ଗ୍ଲୋବାଲ ଏଣ୍ଟ୍ରି ପ୍ରୋଗ୍ରାମ୍ ଭେରିଫିକେସନ୍ ଏବଂ ପାସପୋର୍ଟ ସମ୍ବନ୍ଧୀୟ ଅନ୍ୟାନ୍ୟ ପ୍ରମାଣପତ୍ର ପାଇଁ ଭାରତରେ ୭୫୦ ଟଙ୍କା ଏବଂ ବିଦେଶରେ ୪୦ ଆମେରିକୀୟ ଡଲାର (ୟୁଏସ୍‌ଡି) ଶୁଳ୍କ ସ୍ଥିର କରାଯାଇଛି।

ପାସପୋର୍ଟ ଶୁଳ୍କରେ ଶେଷଥର ପାଇଁ ୨୦୧୨ ମସିହାରେ ସଂଶୋଧନ କରାଯାଇଥିଲା। ସେତେବେଳେ ସରକାର ସାଧାରଣ ୩୬-ପୃଷ୍ଠାର ପାସପୋର୍ଟ ପାଇଁ ଶୁଳ୍କକୁ ୧,୦୦୦ ଟଙ୍କାରୁ ବୃଦ୍ଧି କରି ୧,୫୦୦ ଟଙ୍କା ଏବଂ ତତ୍କାଳ ଶୁଳ୍କକୁ ୨,୫୦୦ ଟଙ୍କାରୁ ବୃଦ୍ଧି କରି ୩,୫୦୦ ଟଙ୍କା କରିଥିଲେ।

# ଜୁନ୍ ୨୮ ଯାଏଁ ବନ୍ଦ ରହିବ ଇପିଏଫଓ ପୋର୍ଟାଲ

## ଉଠାଇପାରିବେନି ପିଏଫ ଟଙ୍କା




ନୂଆଦିଲ୍ଲୀ,୨୬।୬: କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫଓ)ର ଗ୍ରାହକ କିମ୍ବା ପିଏଫ୍ ଖାତାଧାରୀଙ୍କ ପାଇଁ ଏକ ଜରୁରୀ ଖବର। ଆସନ୍ତା ଜୁନ୍ ୨୮ ତାରିଖ ପର୍ଯ୍ୟନ୍ତ ଇପିଏଫଓରେ ଅନ୍‌ଲାଇନ୍ କ୍ଲେମ୍ ପ୍ରୋସେସିଂ ପୋର୍ଟାଲ ସମ୍ପୂର୍ଣ୍ଣ ବନ୍ଦ ରହିବ । ଏହି ସମୟ ମଧ୍ୟରେ ଗ୍ରାହକମାନେ କୌଣସି ପ୍ରକାରର ଅନଲାଇନ୍ ସେବାର ଲାଭ ଉଠାଇ ପାରିବେ ନାହିଁ । ଏହାର କାରଣ ହେଉଛି ସିଷ୍ଟମ ମାଇଗ୍ରେସନ ଏବଂ ସଫ୍ଟୱେର ଅପ୍‌ଗ୍ରେଡେସନ୍ । ଏ ଅବସରରେ ପିଏଫ୍ ଉଠାଣ, ଇ-ପାସ୍‌ବୁକ ସେବା ଏବଂ ଅନ୍ୟ ଡିଜିଟାଲ ସେବା ବନ୍ଦ ରହିବ । ଇପିଏଫ୍‌ଓ ଏହାର ଡାଟାବେସ୍‌କୁ ମଜଭୁତ କରିବା ପାଇଁ ଏକ ବଡ଼ 'ଡାଟାବେସ୍ କନ୍‌ସୋଲିଡେସନ' ଏବଂ ସଫ୍ଟୱେର ଆପ୍ଲିକେଶନକୁ ଅପ୍‌ଗ୍ରେଡ୍ କରୁଛି । ଉଦ୍ଦେଶ୍ୟ ହେଉଛି ଗ୍ରାହକଙ୍କୁ ଦ୍ରୁତ, ସୁରକ୍ଷିତ ଏବଂ ଅଧିକ ଭରସାଯୋଗ୍ୟ ସେବା ପ୍ରଦାନ କରିବା । ସଂଗଠନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ସିଷ୍ଟମ ମାଇଗ୍ରେସନ ଏବଂ ସଫ୍ଟୱେର ଅପ୍‌ଗ୍ରେଡେସନ୍ କାର୍ଯ୍ୟ ପାଇଁ ଏହି ସେବାକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି । ପୋର୍ଟାଲ୍ ବନ୍ଦ ରହିବା କାରଣରୁ ଗ୍ରାହକମାନେ କିଛି ଡିଜିଟାଲ୍ ସେବା ପାଇବାରୁ ବଞ୍ଚିତ ହେବେ। ଜୁନ୍ ୨୮ ଯାଏଁ ଟଙ୍କା ଉଠାଣ ପାଇଁ କୌଣସି ଅନ୍‌ଲାଇନ୍ ଆବେଦନ କରାଯାଇପାରିବ ନାହିଁ । ଗ୍ରାହକମାନେ ସେମାନଙ୍କ ଖାତାରେ ଥିବା ଜମା ରାଶି ବା ବାଲାନ୍ସ ଯାଞ୍ଚ କରିପାରିବେ ନାହିଁ । କ୍ଲେମ୍ ଷ୍ଟାଟସ୍ ଦେଖିବା କିମ୍ବା ପ୍ରୋଫାଇଲ୍ ଅପଡେଟ୍ ଭଳି ଅନ୍ୟ ସମସ୍ତ ଅନ୍‌ଲାଇନ୍ କାର୍ଯ୍ୟ ବାଧାପ୍ରାପ୍ତ ହେବ। କାହିଁକି ନିଆଗଲା ଏହି ପଦକ୍ଷେପ ? ଇପିଏଫ୍‌ଓ ନିଜର ଡାଟାବେସ୍‌କୁ ଅଧିକ ସୁରକ୍ଷିତ ଓ ମଜଭୁତ କରିବା ପାଇଁ ଏକ ବଡ଼ 'ଡାଟାବେସ୍ କନ୍‌ସୋଲିଡେସନ' ପ୍ରକ୍ରିୟା ଆରମ୍ଭ କରିଛି। ଏହା ସହିତ ସଫ୍ଟୱେର ଆପ୍ଲିକେଶନକୁ ମଧ ଅପ୍‌ଗ୍ରେଡ୍ କରାଯାଉଛି । ଏହି ସିଷ୍ଟମ ଅପଗ୍ରେଡ୍ ହେବା ପରେ, ଗ୍ରାହକମାନଙ୍କୁ ଆଗାମୀ ଦିନରେ ଅଧିକ ଦ୍ରୁତ, ସୁରକ୍ଷିତ ଏବଂ ଭରସାଯୋଗ୍ୟ ଡିଜିଟାଲ୍ ସେବା ପ୍ରଦାନ କରାଯାଇପାରିବ।

# ଇଥାନଲ ମିଶା ପେଟ୍ରୋଲ ସୁରକ୍ଷିତ: କେନ୍ଦ୍ର



ନୂଆଦିଲ୍ଲୀ,୨୬।୬: ଇଥାନଲ ମିଶ୍ରଣ କରାଯାଇଥିବା ପେଟ୍ରୋଲ ସମ୍ପୂର୍ଣ୍ଣ ସୁରକ୍ଷିତ। ଆମେରିକା, ବ୍ରାଜିଲ ଓ ଜାପାନ ଭଳି ବିଶ୍ୱର ବିଭିନ୍ନ ଦେଶରେ ତାହା ସଫଳତାର ସହ ବ୍ୟବହାର ହେଉଛି ବୋଲି ତୈଳ ମନ୍ତ୍ରଣାଳୟ ପକ୍ଷରୁ ସଫେଇ ଦିଆଯାଇଥିଲା। ଇ୨୦ ପେଟ୍ରୋଲର ଅପକାରିତାକୁ ନେଇ ପ୍ରଚାର କରାଯାଉଥିବା ଗୁଜବକୁ ମନ୍ତ୍ରଣାଳୟ ଦୃଢ଼ ଭାବେ ଖଣ୍ଡନ କରିଛି। ଇ୨୦ ତେଲ ପକାଇଲେ ଗାଡ଼ି ବୀମାର ବୈଧତା ଶେଷ ହୋଇଯିବ ବୋଲି ଯେଉଁ ପ୍ରଚାର କରାଯାଉଛି ସେଥିରେ କୌଣସି ସତ୍ୟତା ନାହିଁ। ବୀମା କମ୍ପାନିଗୁଡ଼ିକ ସହ ବିଷୟରେ ଆଲୋଚନା କରି ଏହା ସ୍ପଷ୍ଟ କରାଯାଉଛି ବୋଲି ମନ୍ତ୍ରଣାଳୟ ଜଣାଇଛି। ବ୍ରାଜିଲରେ ଇ୨୭ ପେଟ୍ରୋଲ ବିକ୍ରି ହେଉଛି। ଭାରତର ଇ୨୦ ତୁଳନାରେ ସେଥିରେ ସାତ ପ୍ରତିଶତ ଅଧିକ ଇଥାନଲ ମିଶାଯାଇଛି। ତାହା ସେଠାରେ ସାଧାରଣ ତେଲ ଭାବେ ବ୍ୟବହାର କରାଯାଉଛି। ଇଥାନଲ ମିଶ୍ରଣ କାର୍ଯ୍ୟକ୍ରମ ସରକାରଙ୍କୁ ୧.୪ ଲକ୍ଷ କୋଟି ଟଙ୍କା ସଞ୍ଚୟ କରିବାରେ ସାହାଯ୍ୟ କରିଛି। ଏହି କାର୍ଯ୍ୟକ୍ରମ ଦ୍ୱାରା ଚାଷୀ ସମାଜ ଉପକୃତ ହେବ, ଦେଶର ଉର୍ଜା ସୁରକ୍ଷା ଦୃଢ଼ ହେବ ଓ ଅଙ୍ଗାରକାମ୍ଳ ଗ୍ୟାସ ନିର୍ଗମନ ହ୍ରାସ ପାଇବ ବୋଲି ମନ୍ତ୍ରଣାଳୟ ଜଣାଇଛି।

# ବିନା ବ୍ୟାଙ୍କ ଆକାଉଣ୍ଟରେ ୟୁପିଆଇ ପେମେଣ୍ଟ କରିପାରିବେ ପିଲା




ନୂଆଦିଲ୍ଲୀ,୨୬।୬: ଦେଶରେ ଡିଜିଟାଲ ପେମେଣ୍ଟର ସୁବିଧା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ପିଲାମାନେ ବଡ଼ ହେବା ସହିତ ସେମାନଙ୍କର ଖର୍ଚ୍ଚ ମଧ ବଢ଼ିଥାଏ ଏବଂ ସେମାନଙ୍କୁ ପକେଟ ମନିର ଆବଶ୍ୟକତା ପଡ଼ିଥାଏ। କିନ୍ତୁ ପିଲାମାନଙ୍କ ପାଖରେ ଆର୍ଥିକ ଜ୍ଞାନର ଅଭାବ ଥିବାରୁ ମାତାପିତା ସେମାନଙ୍କୁ ଟଙ୍କା ଦେବାକୁ ବା ବ୍ୟାଙ୍କ ଆକାଉଣ୍ଟ ଖୋଲିବାକୁ ସଙ୍କୋଚ ବୋଧ କରନ୍ତି। ଏବେ ଏହି ସମସ୍ୟାର ସମାଧାନ ମିଳିପାରିବ। ପେମେଣ୍ଟ ଆପ 'ପେଟିଏମ' 'ପକେଟ ମନି' ନାମରେ ଏକ ନୂଆ ସୁବିଧା ଆରମ୍ଭ କରିଛି। ସମ୍ପୂର୍ଣ୍ଣ ମାସର ସମୁଦାୟ ଖର୍ଚ୍ଚ ସୀମା ୧୫,୦୦୦ ଟଙ୍କା ସ୍ଥିର କରାଯାଇଛି। ଏହାର ସାହାଯ୍ୟରେ ଏବେ ନାବାଳକ ପିଲାମାନେ ବିନା ବ୍ୟାଙ୍କ ଆକାଉଣ୍ଟରେ ମଧ ୟୁପିଆଇ ବ୍ୟବହାର କରିପାରିବେ। ଏଥିରେ ମୁଖ୍ୟ ୟୁପିଆଇ ବ୍ୟବହାରକାରୀ ଯେପରିକି ମାତାପିତା ବା ପରିବାରର କୌଣସି ସଦସ୍ୟ, ପିଲାକୁ ନିଜ ବ୍ୟାଙ୍କ ଆକାଉଣ୍ଟରୁ ଏକ ନିର୍ଦ୍ଧାରିତ ସୀମା ପର୍ଯ୍ୟନ୍ତ ପେମେଣ୍ଟ କରିବାକୁ ଅନୁମତି ଦେଇପାରିବେ। ଏହାଦ୍ୱାରା ପିଲାମାନେ ଖର୍ଚ୍ଚ କରିପାରିବେ ଏବଂ ଏହାର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ୟୁପିଆଇ ବ୍ୟବହାରକାରୀଙ୍କ (ମାତାପିତାଙ୍କ) ପାଖରେ ରହିବ।

## ଭାରତରେ ମ୍ୟାକବୁକ୍ ଓ ଆଇପ୍ୟାଡ୍ ହେବ ମହଙ୍ଗା

# ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟ ବୃଦ୍ଧି କଲା କମ୍ପାନୀ

ନୂଆଦିଲ୍ଲୀ,୨୬।୬: ଆପଲ୍ ଭାରତରେ ଏହାର ମ୍ୟାକବୁକ୍ ଏବଂ ଆଇପ୍ୟାଡ୍ ସିରିଜର ମୂଲ୍ୟ ବୃଦ୍ଧି କରିଛି। କିଛି ମଡେଲରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟ ବୃଦ୍ଧି କରାଯାଇଛି। ଏହା ପୂର୍ବରୁ ଆପଲ୍ ସିଇଓ ଟିମ୍ କୁକ୍ ଦର ବୃଦ୍ଧି ନେଇ ସୂଚନା ଦେଇଥିଲେ। ମୋମୋରି ଚିପର ଅଭାବ ଓ ଅହେତୁକ ମୂଲ୍ୟ ବୃଦ୍ଧି ଯୋଗୁ ସାମ୍ପ୍ରତିକ ପରିସ୍ଥିତିରେ ମୂଲ୍ୟ ବୃଦ୍ଧି ଅପରିହାର୍ଯ୍ୟ ହୋଇପଡିଛି ବୋଲି କୁକ କହିଥିଲେ। ଗୁରୁବାର ମୂଲ୍ୟ ବୃଦ୍ଧି ପରେ ସଂଶୋଧନ ମୂଲ୍ୟ ଆପଲ୍ ଇଣ୍ଡିଆ ୱେବସାଇଟରେ ଦେଖିବାକୁ ମିଳିଛି। ଅନେକ ମ୍ୟାକବୁକ୍ ମଡେଲର ମୂଲ୍ୟ ପୂର୍ବ ଅପେକ୍ଷା ବହୁତ ଅଧିକ ବଢ଼ି ଯାଇଛି। ଏହି ପରିବର୍ତ୍ତନ ମ୍ୟାକବୁକ୍ ଏୟାର, ମ୍ୟାକବୁକ୍ ପ୍ରୋ ଏବଂ କମ୍ପାନୀର ନୂଆ ଭାବେ ଆସିଥିବା ବଜେଟ୍ ଲାପଟପ୍ ସେଗମେଣ୍ଟକୁ ପ୍ରଭାବିତ କରିଛି। ମ୍ୟାକବୁକ୍ ଏୟାର (ଏମ୍୫ ଚିପ୍), ଯାହା ଭାରତରେ ୧,୧୯,୯୦୦ ଟଙ୍କାରେ ଲଞ୍ଚ୍ ହୋଇଥିଲା, ଏବେ ୧,୪୯,୯୦୦ ଟଙ୍କାରେ




ମିଳିବ। ଏଥିରେ ୩୦,୦୦୦ ଟଙ୍କା ବୃଦ୍ଧି ହୋଇଛି। ସେହିପରି, ୧୫-ଇଞ୍ଚ ମ୍ୟାକବୁକ୍ ଏୟାର ମଡେଲ୍, ଯାହାର ପୂର୍ବ ମୂଲ୍ୟ ୧,୪୪,୯୦୦ ଟଙ୍କା ଥିଲା, ଏବେ ଏହା ବଢ଼ି ୧,୭୯,୯୦୦ ଟଙ୍କା ହୋଇଛି ହୋଇଯାଇଛି। ଏଥିରେ ୩୫,୦୦୦ ଟଙ୍କା ବୃଦ୍ଧି ଦେଖିବାକୁ ମିଳିଛି। ମ୍ୟାକବୁକ୍ ପ୍ରୋ ଲାଇନଅପରେ ମୂଲ୍ୟ ବୃଦ୍ଧି ଆହୁରି ଅଧିକ। ଏମ୍୫ ଚିପ୍ ଏବଂ ୧୬ଜିବି ରାମ୍ ବିଶିଷ୍ଟ ବେସ୍ ୧୪- ଇଞ୍ଚ ମ୍ୟାକବୁକ୍ ପ୍ରୋ ୧,୬୯,୯୦୦ ଟଙ୍କାରେ ଲଞ୍ଚ୍ ହୋଇଥିଲା। ମୂଲ୍ୟ ବୃଦ୍ଧି ପରେ ଏହା ୨,୩୯,୯୦୦ ଟଙ୍କା ହୋଇଯାଇଛି। ଏଥିରେ ୭୦,୦୦୦ ଟଙ୍କାର ଏକ ବଡ଼ ବୃଦ୍ଧି ଦେଖିବାକୁ ମିଳିଛି। ଏହାଛଡ଼ା ମ୍ୟାକବୁକ୍ ପ୍ରୋ (୧୪-ଇଞ୍ଚ)ର ଏମ୍୫ ମେକ୍ସ ଭାରିଏଣ୍ଟର ମୂଲ୍ୟ ୧ ଲକ୍ଷ ଟଙ୍କା ବୃଦ୍ଧି କରାଯାଇଛି। ଆପଲର ଅଧିକ ସୁଲଭ ମଡେଲ୍ 'ମ୍ୟାକବୁକ୍ ନିଓ' ମଧ ବାଦ୍ ପଡିନାହିଁ। ଏହାର ମୂଲ୍ୟରେ ୧୦,୦୦୦ ଟଙ୍କା ବୃଦ୍ଧି କରାଯାଇଛି। ଆଇପ୍ୟାଡ୍ ସେଗମେଣ୍ଟରେ, ଏମ୍୪ ପ୍ରୋସେସର୍ ବିଶିଷ୍ଟ ୧୧-ଇଞ୍ଚ ଆଇପ୍ୟାଡ୍ ଏୟାର ବର୍ତ୍ତମାନ ୮୯,୯୦୦ ଟଙ୍କାରେ ମିଳୁଛି, ଯାହା ପୂର୍ବରୁ ୬୪,୯୦୦ ଟଙ୍କାରେ ଲଞ୍ଚ୍ ହୋଇଥିଲା। ଏଥିରେ ୨୫,୦୦୦ ଟଙ୍କା ବୃଦ୍ଧି ହୋଇଛି। ସେହିପରି, ଏମ୍୫ ଚିପ୍ ଏବଂ ୨୫୬ଜିବି ଷ୍ଟୋରେଜ୍ ବିଶିଷ୍ଟ ଆଇପ୍ୟାଡ୍ ପ୍ରୋ ବର୍ତ୍ତମାନ ୧,୩୯,୯୦୦ ଟଙ୍କାରେ ମିଳିବ। ଯାହା ଗତ ବର୍ଷ ୯୯,୯୯୦ ଟଙ୍କାରେ ଲଞ୍ଚ ହୋଇଥିଲା।

# ଲକ୍ଷେ କର୍ମଚାରୀ ଛଟେଇ କରିବ ଫକ୍ସୱାଗନ



## ଖର୍ଚ୍ଚ କାଟ ପାଇଁ କର୍ମଚାରୀଙ୍କୁ ଛଟେଇ

ନୂଆଦିଲ୍ଲୀ,୨୬।୬: ଜର୍ମାନୀର କାର୍ ନିର୍ମାତା ଫକ୍ସୱାଗନ ଏକ ଲକ୍ଷ କର୍ମଚାରୀ ଛଟେଇ କରିବା ବିଷୟରେ ଯୋଜନା କରୁଛି। ବିଶ୍ୱବ୍ୟାପୀ ଏହି ଛଟେଇ ହେବ। କମ୍ପାନି ଜର୍ମାନୀରେ ଥିବା ଚାରିଟି କାରଖାନାରେ ଉତ୍ପାଦନ ମଧ ବନ୍ଦ କରିବ। ଆସନ୍ତା ପାଞ୍ଚ ବର୍ଷ ପାଇଁ କମ୍ପାନିର ନିବେଶରେ ମଧ ୧୫ ପ୍ରତିଶତ ହ୍ରାସ କରିବାକୁ ସିଇଓ ଓଲିଭର ବ୍ଲୁମ୍ ଲକ୍ଷ୍ୟ ରଖିଛନ୍ତି। ଖର୍ଚ୍ଚ କାଟ ପାଇଁ କର୍ମଚାରୀଙ୍କୁ ଛଟେଇ ଫକ୍ସୱାଗନରେ ବ୍ୟାପକ ପରିବର୍ତ୍ତନ ହେବ। ଏହାର ଭିଡବ୍ଲ୍ୟୁ ବ୍ରାଣ୍ଡ୍ ଓ ପାର୍ଟସ୍ କମ୍ପାନି ଅଲଗା ହୋଇ ସ୍ୱତନ୍ତ୍ର ସଂସ୍ଥା ଭାବେ ପରିଚାଳିତ ହେବେ। ଖର୍ଚ୍ଚ କାଟ କରିବାକୁ ୫୦ ହଜାର କର୍ମଚାରୀଙ୍କୁ ଛଟେଇ କରିବାକୁ କମ୍ପାନିର ସିଇଓ ବ୍ଲୁମ ଲକ୍ଷ୍ୟ ରଖିଥିଲେ। ଚଳିତ ଦଶନ୍ଧିରେ କୌଣସି କାରଖାନା ବନ୍ଦ କରାଯିବ ନାହିଁ ବୋଲି ଶ୍ରମିକ ସଂଘ ସହ ଚୁକ୍ତି କରିବା ସତ୍ତ୍ୱେ କମ୍ପାନି ଚାରିଟି କାରଖାନା ବନ୍ଦ କରିବ। ଏହି କାରଖାନାଗୁଡ଼ିକରେ ତିଆରି ହେଉଥିବା ଗାଡ଼ି ବଜାରରୁ ହଟିଯିବା ପରେ ଉତ୍ପାଦନ ବନ୍ଦ କରିଦିଆଯିବ। ୟୁରୋପୀୟ କାର୍ ନିର୍ମାତାମାନଙ୍କ ଭଳି ଫକ୍ସୱାଗନ ମଧ ଶୁଳ୍କ ଓ ଚୀନ ନିର୍ମାତାଙ୍କଠାରୁ ପ୍ରତିଯୋଗିତା ଭଳି ଆହ୍ୱାନ ସାମନା କରୁଥିବା ବେଳେ ଇଲେକ୍ଟ୍ରିକ ଯାନ (ଇଭି)କୁ ରୂପାନ୍ତରୀତ ହେବା ଆବଶ୍ୟକ ହେଉଥିବା ପାଣ୍ଠି ଯୋଗାଡ଼ କରିବାକୁ ସଂଘର୍ଷ କରୁଛନ୍ତି। ସେଥିପାଇଁ ଖର୍ଚ୍ଚ କାଟ ଜରିଆରେ ସ୍ଥିତିର ମୁକାବିଲା କରିବାକୁ ବିଭିନ୍ନ କମ୍ପାନି ରଣନୀତି ପ୍ରସ୍ତୁତ କରୁଛନ୍ତି।



# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୧,୬୦୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୨୯,୮୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୧,୬୦୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୨୯,୮୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୧,୬୦୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୨୯,୮୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୧,୭୫୦ ଟଙ୍କା ଓ ୨୨ କ୍ୟାରଟେ ୧,୨୯,୯୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୩,୩୪୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୨,୨୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୧,୬୦୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୨୯,୮୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୦,୦୦୦ ଟଙ୍କା ହୋଇଛି ।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୬ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୬୫ ପଇସା ରହିଛି ।

## ମାର୍ଶାଲ ଆର୍ଟ ପ୍ରଶିକ୍ଷକ ଉମାକାନ୍ତଙ୍କୁ ଜନ୍ମ ମାଟିରେ ସ୍ୱାଗତ



ବାଲକାଟି,୨୬।୬ (ସଂଚାର ବ୍ୟୁରୋ)ଃ ବାଲିଅନ୍ତା ବ୍ଲକ ଅଧୀନ ବାଲକାଟି ଅଞ୍ଚଳର ମାର୍ଶାଲ ଆର୍ଟ ପ୍ରଶିକ୍ଷକ ଉମାକାନ୍ତ ବେହେରାଙ୍କୁ ଓଡ଼ିଶାର ଅଗ୍ରଣୀ ପରିବେଶ ପାଇଁ କାର୍ଯ୍ୟରତ ସାମାଜିକ ଅନୁଷ୍ଠାନ ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ବାଲକାଟି ବଜାର ସ୍ଥିତ ସ୍ୱର୍ଗର ବାଳକୃଷ୍ଣ ଦାଶଙ୍କ ପ୍ରତିମୂର୍ତ୍ତି ନିକଟରେ ସ୍ୱାଗତ ସମ୍ବର୍ଧନା ପ୍ରଦାନ କରାଯାଇଛି । ଜୟଦେବ ମାଟିର ବାଲକାଟି ଅଞ୍ଚଳର ଗର୍ବ ଗୌରବ ମାର୍ଶଲ ଆର୍ଟ ପ୍ରଶିକ୍ଷକ ଉମାକାନ୍ତ ବେହେରା ମାର୍ଶାଲ ଆର୍ଟ ପ୍ରଶିକ୍ଷକ ଭାବରେ ଅଞ୍ଚଳରେ ତାଙ୍କର ସୁଖ୍ୟାତି ରହିଛି। କେବଳ ଛାତ୍ର ଛାତ୍ରୀମାନଙ୍କ ଭିତରେ ନୁହେଁ ଉତ୍ତମ ବ୍ୟବହାର ପାଇଁ ଅଭିଭାବକ ତଥା ସାଧାରଣ ଜନତାଙ୍କ ହୃଦୟରେ ସ୍ଥାନିତ । ସେ ମାର୍ଶାଲ ଆର୍ଟର ପ୍ରଚାର ଓ ପ୍ରସାର ପାଇଁ ନିଜକୁ ଜୀବନ ବ୍ୟାପି ଉତ୍ସର୍ଗିକୃତ କରିଛନ୍ତି । ବର୍ତ୍ତମାନ ତାଙ୍କ ନିକଟରୁ ବହୁ ଛାତ୍ରଛାତ୍ରୀ ପ୍ରଶିକ୍ଷଣ ଗ୍ରହଣ କରି ବିଭିନ୍ନ ସରକାରୀ ସାମରିକ ବିଭାଗରେ କାର୍ଯ୍ୟରତ ।

ସଦ୍ୟ ପଞ୍ଜାବରାଜ୍ୟର ଜଳନ୍ଧର ଠାରେ ଅନୁଷ୍ଠିତ କୁମ୍ଫୁ ବ୍ଲାକ ବେଲ୍ଟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୁମ୍ଫୁରେ ବ୍ଲାକ ବେଲ୍ଟ କୃତିତ୍ୱ ଅର୍ଜନ କରିଛନ୍ତି । ପୂର୍ବରୁ ସେ କରାଟେରେ ୨ଗୋଟି ବ୍ଲାକ ବେଲ୍ଟ ପାଇଥିଲେ ।

"ଗ୍ରାଣ୍ଡ ମାଷ୍ଟର ସିଫୁ ଶାନ୍ତି କୁମାର ସିଂହ ଏବଂ ଗ୍ରାଣ୍ଡ ମାଷ୍ଟର ତରୁଣ କୁମାର ନାଜରୀ (ଅଷ୍ଟମ ଡିଗ୍ରୀ ବ୍ଲାକ ବେଲ୍ଟ)ଙ୍କ ଠାରୁ ପ୍ରଥମ ଡିଗ୍ରୀ ବ୍ଲାକ ବେଲ୍ଟ ଉମା ସାରଙ୍କୁ ମିଳିଛି । ତାଙ୍କର ଏହି କୃତିତ୍ୱ ପାଇଁ ଜନ୍ମ ମାଟିରେ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରୁଛି। ଏହି କାର୍ଯ୍ୟକ୍ରମରେ ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟର ଅଧକ୍ଷଙ୍କ ତତ୍ତ୍ୱାବଧାନରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ପ୍ରସିଦ୍ଧ ସଂଳାପ ଲେଖକ ଡ ରଜନୀ ରଞ୍ଜନ ଦାଶ, ସମାଜସେବୀ ବେଣୁଧର ଭୋଇ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ କାହ୍ନୁ ଚରଣ ଦାସ, କ୍ରୀଡ଼ାବିତ୍ ଆଜାଦ ଓ ପ୍ରଶିକ୍ଷକ ଗ୍ରହଣ କରୁଥିବା ଛାତ୍ର ଓ ଉପସ୍ଥିତି ରହି ଫୁଲତୋଡ଼ା, ଗଛ, ଫଟୋଚିତ୍ର ଓ ଉତ୍ତରି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ।

### ମାଲକାନଗିରି ଜିଲ୍ଲାକୁ ବଡ଼ ସଫଳତା
## ପରିଗଣନା ଫର୍ମ ଡିଜିଟାଇଜେସନରେ ଓଡ଼ିଶା ପ୍ରଥମ




ମାଲକାନଗିରି, ୨୬।୬ (ସଂଚାର ବ୍ୟୁରୋ)ଃ ପରିଗଣନା ଫର୍ମ ଡିଜିଟାଇଜେସନ କାର୍ଯ୍ୟକୁ ସଫଳତାର ସହ ଶେଷ କରି ଓଡ଼ିଶା ରାଜ୍ୟରେ ପ୍ରଥମ ସ୍ଥାନ ହାସଲ କରିଛି ମାଲକାନଗିରି ଜିଲ୍ଲା। ଏହି ଅଭୂତପୂର୍ବ ସଫଳତା ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଙ୍କ କରକମଳରେ ସମସ୍ତ କର୍ମକର୍ତ୍ତାଙ୍କୁ ସମ୍ମାନିତ କରାଯାଇଛି। ଏହି ଅବସରରେ ଏକ ସଭାର ଆୟୋଜନ କରାଯାଇ ନିଜର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଅଧିକାରୀ ଓ କର୍ମଚାରୀମାନଙ୍କୁ ପୁରସ୍କୃତ କରାଯାଇଛି।

ଏହି କାର୍ଯ୍ୟକ୍ରମରେ ଶ୍ରେଷ୍ଠ ଇଆରଓ ଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ ଏବଂ ଶ୍ରେଷ୍ଠ ସ୍ୱିପ୍ ନୋଡାଲ ଅଧିକାରୀ ଭାବେ ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇଙ୍କୁ ପୁରସ୍କୃତ କରାଯାଇଛି। ସେହିପରି ଖଇରପୁଟ ବିଡିଓ ଅର୍ପିତା ମହାନ୍ତି ଓ ପୋଡ଼ିଆ ବିଡିଓ ଆଶ୍ୱିନ କୁମାର ମହାପାତ୍ରଙ୍କୁ ଶ୍ରେଷ୍ଠ ଏଇଆରଓ ସମ୍ମାନ ମିଳିଛି। ପୋଡ଼ିଆ ବ୍ଲକର ଅଶୋକ କୁମାର ମହାନ୍ତି ଏବଂ ଖଇରପୁଟ ବ୍ଲକର ଜ୍ୟୋତି ରଞ୍ଜନ ସେଠୀଙ୍କୁ ଶ୍ରେଷ୍ଠ ଜିପିଡିଓ ଭାବେ ସମ୍ମାନିତ କରାଯାଇଛି।ମିନିଷ୍ଟ୍ରିଆଲ ଷ୍ଟାଫ୍ ବର୍ଗରେ ଜ୍ଞାନ ରଞ୍ଜନ ସ୍ୱାଇଁ ଓ ରବି ଶଙ୍କର ମାଣ୍ଡିଙ୍କୁ ପୁରସ୍କାର ମିଳିଥିବା ବେଳେ, ୧୪୬-ମାଲକାନଗିରିରୁ ମୁକା ମାଡକାମୀ ଏବଂ ୧୪୬-ଚିତ୍ରକୋଣ୍ଡାରୁ ଲକ୍ଷ୍ମଣ ଖରା ଶ୍ରେଷ୍ଠ ବିଏଲଓ ଭାବେ ପୁରସ୍କୃତ ହୋଇଛନ୍ତି। ଏହା ସହିତ ସମଗ୍ର ପ୍ରକ୍ରିୟାକୁ ସୂଚାରୁରୂପେ ପରିଚାଳନା କରିଥିବାରୁ ସହାୟକ ଜିଲ୍ଲାପାଳ ନିର୍ବାଚନ ଅଶୋକ ଚକ୍ରବର୍ତ୍ତୀଙ୍କୁ ବିଶେଷ ଭାବେ ସମ୍ବର୍ଦ୍ଧିତ କରାଯାଇଛି। ଏହି ସଭାରେ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥୀ ସରାବୁ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ସମସ୍ତଙ୍କ ଦଳଗତ ପ୍ରୟାସକୁ ପ୍ରଶଂସା କରିଥିଲେ।

## ଭଡ଼ା ସାର୍ଟିଫିକେଟରେ ଚାଲୁଥିବା ଔଷଧ ଦୋକାନ ଉପରେ ଡ୍ରଗ୍ସ ସ୍କ୍ୱାଡର ଚଢ଼ାଉ



କାକଟପୁର /ଅସ୍ତରଙ୍ଗ,୨୬।୬ (ସଂଚାର ବ୍ୟୁରୋ)ଃ ଦୈନିକ ଖବର କାଗଜ 'ସଂଚାର'ରେ ଜୁନ ୨୨ ତାରିଖ "ଜୀବନ ସହ ଖେଳ"ଭଡା ସାର୍ଟିଫିକେଟ ରେ ଚାଲିଛି ଔଷଧ ବ୍ୟବସାୟ ଖବର ପ୍ରକାଶିତ ପରେ ୭୨ ଘଣ୍ଟା ଭିତରେ ପ୍ରଶାସନର କୁମ୍ଭକର୍ଣ୍ଣ ନିଦ ଭାଙ୍ଗିଲା। ଭଡା ସାର୍ଟିଫିକେଟ ରାକେଟ୍ ଚଳାଉଥିବା ଔଷଧ ବ୍ୟବସାୟୀ ଙ୍କ ଉପରେ ଗୁରୁବାର ଭେଷଜ ନିୟନ୍ତ୍ରଣ ବିଭାଗ ଅଚାନକ ବେଗରେ ଚଢାଉ କରିଛି। ଭୁବନେଶ୍ୱର ଅତିରିକ୍ତ ଭେଷଜ ନିୟନ୍ତ୍ରକ ଡା. ସୁଦର୍ଶନ ବିଶ୍ୱାଳ ଓ ପୁରୀ ଜିଲ୍ଲା ଭେଷଜ ନିରୀକ୍ଷକ ହିତେଶ କୁମାର ବେହେରା ଙ୍କ କମାଣ୍ଡୋ ଷ୍ଟାଇଲ୍ ଟିମ୍ ପୁରୀ ଜିଲ୍ଲାର ଅସ୍ତରଙ୍ଗ ବଜାର ସମେତ ବିଭିନ୍ନ ଗ୍ରାମାଞ୍ଚଳ,କାକଟପୁର ବ୍ଲକର ଅଧୀନ ଅନେକ ଦୋକାନକୁ ଘେରିଯାଇଥିଲେ। ରେଡ୍ ଖବର ବିଜୁଳି ଭଳି ଖେଳିଯିବା ମାତ୍ରେ ଅସ୍ତରଙ୍ଗ ବ୍ଲକର ଗ୍ରାମାଞ୍ଚଳରେ ଅଧାରୁ ଅଧିକ ଦୋକାନୀ ସଟର ପକାଇ ଛୁ' ମାରିଲେ।

ପୂର୍ବରୁ ବି ଅନେକ ଥର ଚଢାଉ-ନମୁନା-ସିଲ୍ ଡ୍ରାମା ହୋଇଛି। ୭ ଦିନ ପରେ ସବୁ "ଯଥା ପୂର୍ବଂ ତଥା ପରଂ"। ଲୋକେ ପଚାରୁଛନ୍ତି – "ପୁରୁଣା ଫାଇଲ୍ କୁଆଡେ ଗଲା ? କେତେ ବିନା ଫାର୍ମାସିଷ୍ଟ ଲାଇସେନ୍ସ ବାତିଲ ହେଲା ?"

ସ୍ଥାନୀୟ ଲୋକଙ୍କ ଦାବୀ – ଖବରକାଗଜ ପାଇଁ ରେଡ୍ ନୁହେଁ, ପ୍ରତି ମାସରେ ସରପ୍ରାଇଜ୍ ଭିଜିଟ୍ ହେଉ। ଭଡା ସାର୍ଟିଫିକେଟ ଦେଉଥିବା ଫାର୍ମାସିଷ୍ଟ ଓ ନେଉଥିବା ଦୋକାନୀଙ୍କ ନାଁ ସାର୍ବଜନୀନ କରି ଲାଇସେନ୍ସ ପୋଡିଦିଆଯାଉ।

## 'ସ୍ୱଚ୍ଛ ଭାରତ' ବିଫଳ
# ଅସ୍ତରଙ୍ଗରେ ନାହିଁ ଶୌଚାଳୟ

କାକଟପୁର/ଅସ୍ତରଙ୍ଗ,୨୬।୬ (ସଂଚାର ବ୍ୟୁରୋ)ଃ 'ବିକଶିତ ଓଡିଶା'ର ନାରା ଭିତରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ବଜାର ଆଜି ବି ଅସଭ୍ୟତାର ପ୍ରତୀକ ପାଲଟିଛି। ଅସ୍ତରଙ୍ଗ ବ୍ଲକ, ତହସିଲ, କୋର୍ଟ, ଥାନା, କୃଷି କାର୍ଯ୍ୟାଳୟ ପାଇଁ ଦୈନିକ ହଜାର ହଜାର ଲୋକ ଏଠାକୁ ଆସୁଛନ୍ତି। ପୀରଜାହାନିଆକୁ ଯାଉଥିବା ଶହ ପର୍ଯ୍ୟଟକ, ଭୁବନେଶ୍ୱର-କଟକରୁ ଫେରୁଥିବା ବସ୍ ଯାତ୍ରୀ ଏଠାରେ ଅଟକୁଛନ୍ତି। ହେଲେ ଏତେ ଗୁରୁତ୍ୱପୂର୍ଣ୍ଣ ବଜାରରେ ଗୋଟିଏ ବି ଚାଲୁ ସର୍ବସାଧାରଣ ଶୌଚାଳୟ ନାହିଁ।




**ଅସୁବିଧାର ସମ୍ମୁଖୀନ ହେଉଛନ୍ତି ମହିଳା ଯାତ୍ରୀ**

**ଦୋକାନ କଡରେ ପରିସ୍ରା କରୁଛନ୍ତି ପୁରୁଷ**

**ବଜାର ସାରା ଦୁର୍ଗନ୍ଧ ଓ ଅସ୍ୱାସ୍ଥ୍ୟକର ପରିବେଶ**

ଶୌଚାଳୟ ଅଭାବର ସବୁଠୁ ବଡ ଶିକାର ମହିଳା। କୋର୍ଟ-ତହସିଲରେ ତାରିଖ ପାଇଁ ଆସିଥିବା ମା'-ଭଉଣୀମାନେ ୪-୫ ଘଣ୍ଟା ଅଟକି ରହୁଛନ୍ତି। ବସରୁ ଓହ୍ଲାଇଥିବା ମହିଳା ଯାତ୍ରୀ ଶୌଚାଳୟ ନଥିବାରୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନେକ ସମୟରେ ଲଜ୍ଜାରେ ମୁହଁ ଲୁଚାଇ ଫେରିଯାଉଛନ୍ତି। ସେପଟେ ପୁରୁଷମାନେ ବାଧ୍ୟ ହୋଇ ଦୋକାନ ପଛପଟ, ଗଳି କଡ କିମ୍ବା କାନ୍ଥ ପାର୍ଶ୍ୱରେ ପରିସ୍ରା କରୁଛନ୍ତି। ବଜାର ସାରା ଦୁର୍ଗନ୍ଧ ଓ ଅସ୍ୱାସ୍ଥ୍ୟକର ପରିବେଶ।

ପ୍ରାୟ ୮ ବର୍ଷରୁ ଉର୍ଦ୍ଧ ହେବ ବଜାରଠାରୁ କିଛି ମିଟର ଦୂରରେ ପ୍ରାୟ ୫ ଲକ୍ଷ ଟଙ୍କା ଉର୍ଦ୍ଧ ବ୍ୟୟରେ ଏକ ଶୌଚାଳୟ ନିର୍ମାଣ ହୋଇଥିଲା। ଆଜି ସେଥିରେ ନା ପାଣି ଅଛି, ନା ବିଜୁଳି। ଟ୍ୟାପ୍, ବେସିନ, କବାଟ, ପାଇପ୍ ସବୁ ଚୋରି ହୋଇଗଲାଣି। ରକ୍ଷଣାବେକ୍ଷଣ ଦାୟିତ୍ୱ କାହାର – ପଞ୍ଚାୟତ ନା ବ୍ଲକ? କେହି ଜାଣନ୍ତିନି। ଫଳରେ ବର୍ଷର ୩୦୦ ଦିନ ତାଲା ଝୁଲୁଛି।

ଏନେଇ ବିଡ଼ିଓଙ୍କୁ ପଚାରିବାରୁ ଯୋଗାଯୋଗ କଲେ ମଧ୍ୟ ଫୋନ ରିସିଭ କରୁନାହାନ୍ତି।

ଅସ୍ଥାୟୀ ବସ୍ ଷ୍ଟାଣ୍ଡ ପାଖରେ ୧୫ ଦିନ ଭିତରେ ବାୟୋ-ଟଏଲେଟ୍ ବସାଯାଉ। ପୁରୁଣା ଶୌଚାଳୟର ପୁନରୁଦ୍ଧାର କରି ୨୪ ଘଣ୍ଟିଆ କର୍ମଚାରୀ ନିଯୁକ୍ତି ହେଉ। ମହିଳାଙ୍କ ପାଇଁ ସ୍ୱତନ୍ତ୍ର, ସୁରକ୍ଷିତ ବ୍ୟବସ୍ଥା ହେଉ। 'ସ୍ୱଚ୍ଛ ଭାରତ' ଟଙ୍କା କେଉଁଠି ଖର୍ଚ୍ଚ ହେଲା ତାର ଶ୍ୱେତପତ୍ର ପ୍ରକାଶ ପାଉ।

ବ୍ଲକ ମୁଖ୍ୟାଳୟରେ ଯଦି ଶୌଚାଳୟ ନାହିଁ, ତେବେ 'ବିକାଶ' କାହା ପାଇଁ? ପ୍ରଶାସନ ଉତ୍ତର ଦେବ କି?

### ୫ଜି ଯୁଗରେ ବି ୪ଜି ଭରସା
## ଅସ୍ତରଙ୍ଗରେ ଅଙ୍ଗନବାଡି କର୍ମୀଙ୍କୁ ପୁରୁଣା ଟେକ୍ନୋଲୋଜି

କାକଟପୁର/ଅସ୍ତରଙ୍ଗ, ୨୬।୬ (ସଂଚାର ବ୍ୟୁରୋ)ଃ ଡିଜିଟାଲ ଇଣ୍ଡିଆର ଡିଣ୍ଡିମ ପିଟୁଥିବା ସରକାର ୫ଜି ଯୁଗରେ ବି ଅଙ୍ଗନବାଡି କର୍ମୀଙ୍କୁ ୪ଜି ସ୍ମାର୍ଟଫୋନ୍ ଧରାଇଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର କଥା କହିବା – ଏଠାରେ ପ୍ରାୟ ସବୁ ପଞ୍ଚାୟତରେ ପ୍ରାୟତଃ ୫ଜି ନେଟୱାର୍କ ଉପଲବ୍ଧ। ଶିଶୁଅ, କୋରଣା, ମାଣ୍ଡୁକି ଗାଁ ସମେତ ବିଭିନ୍ନ ଗାଁରେ ଯୁବକମାନେ ୫ଜି ରେ ରିଲ୍ କରୁଛନ୍ତି, ଅନଲାଇନ୍ କ୍ଲାସ କରୁଛନ୍ତି। ଅର୍ଥାତ୍ ଭିତ୍ତିଭୂମି ପ୍ରସ୍ତୁତ। କିନ୍ତୁ ଶିଶୁ-ମାତୃ ସେବାର ମୂଳଦୁଆ ଅଙ୍ଗନବାଡି କର୍ମୀଙ୍କ ହାତରେ ସରକାର ଦେଲେ ପୁରୁଣା ଟେକ୍ନୋଲୋଜିର ୪ଜି ଫୋନ୍।

କେନ୍ଦ୍ର ସରକାର 'ପୋଷଣ ଟ୍ରାକର' ଆପ୍ ପାଇଁ କିଛି ଦିନ ତଳେ ଫୋନ୍ ବଣ୍ଟନ କଲେ। ବଜାରରେ ୫ଜି ଫୋନ୍ ସୁଲଭ ମୂଲ୍ୟରେ ଉପଲବ୍ଧ ଥିଲା। ଅସ୍ତରଙ୍ଗ ବ୍ଲକର ୧୭୮ଜଣ କର୍ମୀଙ୍କୁ ସ୍ମାର୍ଟ ଫୋନ ମିଳିଛି। ତେବେ ସରକାର କାହିଁକି ୪ଜି କିଣିଲେ? କର୍ମୀମାନେ ପ୍ରଶ୍ନ କରୁଛନ୍ତି – "ଆମେ କଣ ୫ଜି ଯୁଗରେ ପଛୁଆ ହୋଇ ରହିବୁ?"

'ପୋଷଣ ଟ୍ରାକର'ରେ ଏବେ 'ଫେସ୍ ରିକଗ୍ନିସନ୍', ଲାଇଭ୍ ଫଟୋ, ଭିଡିଓ ଅପଲୋଡ୍, ଜିଓ-ଟ୍ୟାଗିଂ ବାଧ୍ୟତାମୂଳକ। ଏସବୁ ପାଇଁ ହାଇସ୍ପିଡ୍ ନେଟ୍ ଓ ଭଲ ପ୍ରୋସେସର ଦରକାର। ୪ଜି ଫୋନ୍ ବାରମ୍ବାର ହ୍ୟାଙ୍ଗ ହେବା। ୧୦ ମିନିଟର କାମ ପାଇଁ ୧ ଘଣ୍ଟା ଲାଗିବ। ଅସ୍ତରଙ୍ଗରେ ୫ଜି ସ୍ପିଡ୍ ୨୦ ଏମବିପିଏସ ଥିଲେ ବି ଫୋନ୍ ସେହି ସ୍ପିଡ୍ ଧରିପାରୁନି। କର୍ମୀ ନାମ ଗୋପନ ରଖି କହିଛନ୍ତି – "ଟାୱାର ଅଛି, ସ୍ପିଡ୍ ଅଛି, ହେଲେ ଆମ ଫୋନ୍ ଗାଡି ଚାଲୁନି। ବଡ ଟ୍ରକ୍ ରାସ୍ତାରେ ସାଇକେଲ ଚଲାଇବା ପରି ଲାଗୁଛି।"ଫୋନ୍ ୪ଜି ହେଲେ ବି ୬୪ଜିବି ଷ୍ଟୋରେଜ୍ ଅଛି, ହେଲେ ଧୀମା ପ୍ରୋସେସର ଓ କମ୍ ରାମ୍ ଯୋଗୁଁ 'ପୋଷଣ ଟ୍ରାକର' ସହ ୩ଟା ଆପ୍ ଚଲାଇଲେ ମେମୋରି ଫୁଲ୍ ହୋଇ ହ୍ୟାଙ୍ଗ ମାରୁଛି।

ଅସ୍ତରଙ୍ଗ କିଛି ଅଙ୍ଗନବାଡି କର୍ମୀ କହିଛନ୍ତି ତୁରନ୍ତ ସମସ୍ତ କର୍ମୀଙ୍କୁ ୫ଜି ଫୋନ୍ ଦିଆଯାଉ, ପୁରୁଣା ଫୋନ୍ ଫେରସ୍ତ ନେଇ ନୂଆ ଦିଆଯାଉ। ମାସିକ ଡାଟା ଖର୍ଚ୍ଚ ୫୦୦ ଟଙ୍କା କରାଯାଉ। ବ୍ଲକରେ 'ଟେକ୍ନିକାଲ୍ ହେଲ୍ପ ଡେସ୍କ' ଖୋଲାଯାଉ। ପ୍ରଧାନମନ୍ତ୍ରୀ ୫ଜି ଲଞ୍ଚ ବେଳେ କହିଥିଲେ – "ଗାଁ ବି ୫ଜି ରୁ ବଞ୍ଚିତ ହେବନି"। କିନ୍ତୁ ଗାଁର ଶିଶୁ-ମାତୃ ସେବା ଦାୟିତ୍ୱରେ ଥିବା କର୍ମୀ ଯଦି ୪ଜି ରେ ଅଟକିବେ, ତେବେ 'ଡିଜିଟାଲ୍ ଓଡିଶା' କେମିତି ଗଢିବ? ପ୍ରଶାସନ ଉତ୍ତର ରଖୁ।

## ନୀଳଗାଈ ମୃତ୍ୟୁ ଘଟଣାଃ ବନ ବିଭାଗର କାର୍ଯ୍ୟକଳାପକୁ ନେଇ ଉଠିଲା ପ୍ରଶ୍ନ, ତଦନ୍ତ ଦାବି



ନବରଙ୍ଗପୁର/ରାଇଘର,୨୬।୬ (ସଂଚାର ବ୍ୟୁରୋ)ଃ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ତରେଇଢ଼ିହି ଗ୍ରାମରେ ଏକ ନୀଳଗାଈର ମୃତ୍ୟୁ ଘଟଣା ସାମ୍ନାକୁ ଆସିବା ପରେ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ପ୍ରଶ୍ନ ଉଠିଛି। ଗ୍ରାମବାସୀଙ୍କ ସୂଚନା ପାଇବା ସତ୍ତ୍ୱେ ବନ ବିଭାଗ ପକ୍ଷରୁ ସମୟୋଚିତ ଓ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରାଯାଇଥିଲା କି ନାହିଁ, ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି।

ସୂଚନା ଅନୁସାରେ, ସକାଳ ପ୍ରାୟ ୧୦ଟା ବେଳେ ଗ୍ରାମବାସୀମାନେ ନୀଳଗାଈଟିକୁ ଗ୍ରାମ ନିକଟରେ ବୁଲୁଥିବା ଦେଖି ବନ ବିଭାଗକୁ ଅବଗତ କରାଇଥିଲେ। କିନ୍ତୁ ଏହା ପରେ ମଧ୍ୟ ବନ୍ୟଜନ୍ତୁଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରିବାରେ ବିଭାଗ କେତେ ତତ୍ପରତା ଦେଖାଇଥିଲା, ସେନେଇ ସନ୍ଦେହ ସୃଷ୍ଟି ହୋଇଛି। ଦୀର୍ଘ ସମୟ ପରେ ସନ୍ଧ୍ୟା ପ୍ରାୟ ୬ଟା ବେଳେ ହାତୀଗାଁ ସଂରକ୍ଷିତ ଜଙ୍ଗଲ ନିକଟରେ ଏକ ନାଳ ମଧ୍ୟରୁ ନୀଳଗାଈଟିର ମୃତଦେହ ଉଦ୍ଧାର ହୋଇଥିଲା। ସ୍ଥାନୀୟ ଲୋକଙ୍କ ମତ ଅନୁସାରେ, ଯଦି ବନ ବିଭାଗ ଖବର ପାଇବା ପରେ ଅଧିକ ସକ୍ରିୟ ଓ ଦ୍ରୁତ ପଦକ୍ଷେପ ନେଇଥାନ୍ତା, ତେବେ ସମ୍ଭବତଃ ନୀଳଗାଈଟିର ଜୀବନ ବଞ୍ଚାଯାଇପାରୁଥାନ୍ତା। ଏହି ଘଟଣା ବନ୍ୟପ୍ରାଣୀ ସୁରକ୍ଷା ବ୍ୟବସ୍ଥାର କାର୍ଯ୍ୟକ୍ଷମତା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି।ଯଦିଓ ବନ ବିଭାଗ ପକ୍ଷରୁ ନୀଳଗାଈର ପୋଷ୍ଟମର୍ଟମ କରାଯାଇ ଧାର୍ମିକ ରୀତିନୀତି ଅନୁଯାୟୀ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି, ତଥାପି ପ୍ରକୃତ ମୃତ୍ୟୁ କାରଣ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ପୋଷ୍ଟମର୍ଟମ ରିପୋର୍ଟ ଆସିବା ପୂର୍ବରୁ ଘଟଣାକୁ ସାଧାରଣ ଦୁର୍ଘଟଣା ବୋଲି କହିଦେବା ଉଚିତ ହେବ ନାହିଁ ବୋଲି ବୁଦ୍ଧିଜୀବୀ ମହଲ ମତ ପ୍ରକାଶ କରିଛନ୍ତି।ତେବେ ଏଠାରେ ପ୍ରଶ୍ନ ଉଠୁଛି ନୀଳଗାଈଟି କିପରି ସଂରକ୍ଷିତ ଜଙ୍ଗଲ ଅଞ୍ଚଳରୁ ଗ୍ରାମାଞ୍ଚଳକୁ ଆସିଲା? ସେ କୌଣସି ରୋଗରେ ପୀଡ଼ିତ ଥିଲା କି? ନା କି ମଣିଷର ହସ୍ତକ୍ଷେପ କିମ୍ବା ଅବହେଳା ଏହି ମୃତ୍ୟୁ ପଛରେ ରହିଛି? ଏହି ସମସ୍ତ ପ୍ରଶ୍ନର ଉତ୍ତର ପୋଷ୍ଟମର୍ଟମ ରିପୋର୍ଟ ଏବଂ ନିରପେକ୍ଷ ତଦନ୍ତ ପରେ ହିଁ ସାମ୍ନାକୁ ଆସିପାରିବ।

## ରତ୍ନ ସିଂହାସନରେ ସ୍ଥାପିତ ହେଲେ ଶ୍ରୀଦେବୀ ଓ ଭୂଦେବୀ



କୋରେଇ,୨୬।୬ (ସଂଚାର ବ୍ୟୁରୋ)ଃ କୋରେଇ ବ୍ଲକ ଅନ୍ତର୍ଗତ ଜହ୍ନା ଗ୍ରାମରେ ଅବସ୍ଥିତ ଶ୍ରୀ ବଳଦେବଜୀଉ ମନ୍ଦିରରେ ଆଜି ପବିତ୍ର ଏକାଦଶୀ ତିଥିରେ ମନ୍ଦିରର ରତ୍ନ ସିଂହାସନରେ ମା' ଶ୍ରୀଦେବୀ ଓ ଭୂଦେବୀଙ୍କ ମୂର୍ତ୍ତି ସ୍ଥାପନା କରାଯାଇଛି । ରତ୍ନ ସିଂହାସନରେ ସପ୍ତଧା ବିଗ୍ରହଙ୍କ ପୂଜାର୍ଚ୍ଚନାର ବିଧି ରହିଛି, ପୂର୍ବରୁ ପ୍ରଭୁ ଜଗନ୍ନାଥ, ମାତା ସୁଭଦ୍ରା, ବଡ଼ଭାଇ ବଳଭଦ୍ର, ଚକ୍ରରାଜ ସୁଦର୍ଶନ ଓ ମାଧବ ପୂଜା ପାଉଥିଲେ କିନ୍ତୁ ଶ୍ରୀଦେବୀ ଓ ଭୂଦେବୀ ନ ଥିବାରୁ ରତ୍ନସିଂହାସନ ଅପୂର୍ଣ୍ଣ ଥିଲା। ପୂର୍ବଦିନ ଧାନ୍ୟାଧିବାସ ହେବା ପରେ ପରଦିନ ସକାଳୁ ପଂଚକର୍ମ, ସୂର୍ଯ୍ୟପୂଜା, ଗୋପୂଜା, ଶ୍ରୀଦେବୀ ଓ ଭୂଦେବୀଙ୍କ ସ୍ନାନ, ଶୟନ, ଜୀବନ୍ୟାସ ଓ ଏହାପରେ ଆଧ୍ୟାତ୍ମିକ ଓ ଭକ୍ତିମୟ ପରିବେଶରେ ଭଜନ,କୀର୍ତ୍ତନ, ଘଂଟ, ଘଂଟା ଓ ବାଡ଼ି ଖେଳ ସହ ଗ୍ରାମ ପରିକ୍ରମା କରି ଶେଷରେ ରତ୍ନସିଂହାସନରେ ବିଜେ କରିଥିଲେ । ଗାଁର ଲୋକମାନେ ଯିବା ରାସ୍ତାରେ ଝୋଟି, ଚିତା ପକାଇ ଶାଢ଼ୀ ବିଛାଇ କଳସ ବସାଇ ସ୍ୱାଗତ କରିଥିଲେ । ମନ୍ଦିରର ପୂଜକ ଗୋପବନ୍ଧୁ ପାଢ଼ୀ ପୂଜା କାର୍ଯ୍ୟ ଓ ଜୁଲୁ ପାଢ଼ୀ, ମୃତ୍ୟୁଞ୍ଜୟ ପାଢ଼ୀ ଯଜ୍ଞ କାର୍ଯ୍ୟ ସମାପନ କରିଥିଲେ ।

ପ୍ରଧାନଟ୍ରଷ୍ଟି ଶ୍ରୀ ଅଭିଳାଷ ବୋଇତାଇ ଯଜ୍ଞର କର୍ତ୍ତା ଭାବେ ବସିଥିଲେ ଏଥିସହ ଆଜି ମନ୍ଦିର ପରିସରରେ ଭକ୍ତଙ୍କ ଉଦ୍ଦେଶ୍ୟରେ ଆନନ୍ଦ ବଜାର ମନ୍ଦିରର ଉଦ୍ୟକ୍ତା ପ୍ରଫୁଲ୍ଲ ବୋଇତାଇଙ୍କ ଧର୍ମପତ୍ନୀ ସମାଜସେବୀକା ଅନିତା ବୋଇତାଇଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା। ଆଜିର କାର୍ଯ୍ୟକ୍ରମରେ ଟ୍ରଷ୍ଟ ବୋର୍ଡର ସଦସ୍ୟ ଡ଼ଃ ଚିନ୍ତାମଣି ପାଢ଼ୀ, ସଦାନନ୍ଦ ବେହେରା, କାମଦେବ ଦାସ, ବିକ୍ରମ ବିଶ୍ୱାଳ, ରାଜୀବ ଲୋଚନ ରାଉତ, ନିରଞ୍ଜନ ନାୟକ, ବିଦ୍ୟାଧର ସାହୁ, ସଞ୍ଜୟ ସାହୁ, ସନ୍ତୋଷ ନାୟକ, ବଳଦେବଜୀଉ ସେବା ସଂଘର ସମସ୍ତ ସଦସ୍ୟଙ୍କ ସମେତ ଗ୍ରାମବାସୀ ଓ ମା ' ମାନେ ଉପସ୍ଥିତ ଥିଲେ ।

## ନିଶାଦ୍ରବ୍ୟ ଦୁରୁପଯୋଗ ଓ ଅବୈଧ ଚୋରା ଚାଲାଣ ବିରୋଧୀ ସଚେତନତା କାର୍ଯ୍ୟକ୍ରମ



ଫୁଲବାଣୀ,୨୬।୬ (ସଂଚାର ବ୍ୟୁରୋ)ଃ ଫୁଲବାଣୀ ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୁଲ୍ୟରେ ଫୁଲବାଣୀ ପବ୍ଲିକ ସ୍କୁଲ ଠାରେ ଆଜି ଆନ୍ତର୍ଜାତୀୟ ନିଶା ନିବାରଣ ଦିବସ ଉପଲକ୍ଷେ ନିଶାଦ୍ରବ୍ୟ ଦୁରୁପଯୋଗ ଓ ଅବୈଧ ଚୋରାଚାଲାଣ ବିରୋଧୀ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

ଉକ୍ତ କାର୍ଯ୍ୟକ୍ରମରେ ନିଶାଦ୍ରବ୍ୟ ସେବନ କେବଳ ଶାରୀରିକ ସ୍ୱାସ୍ଥ୍ୟକୁ ନଷ୍ଟ କରେ ନାହିଁ ବରଂ ମାନସିକ ସନ୍ତୁଳନ, ଚରିତ୍ର ଗଠନ, ଶିକ୍ଷାଗତ ସଫଳତା ଓ ଭବିଷ୍ୟତ ଜୀବନକୁ ମଧ୍ୟ ଗଭୀର ଭାବେ ପ୍ରଭାବିତ କରେ। ନିଶାର କବଳରେ ପଡ଼ିଥିବା ଯୁବପିଢ଼ି ପରିବାର, ସମାଜ ଏବଂ ଦେଶ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଥାଏ । ବିଶେଷକରି ଛାତ୍ରଜୀବନରେ ଖରାପ ସଙ୍ଗ, ସାମୟିକ ପ୍ରଲୋଭନ କିମ୍ବା କୌତୁହଳବଶତଃ ନିଆଯାଇଥିବା ଏକ ଭୁଲ ପଦକ୍ଷେପ ସେମାନଙ୍କ ସମ୍ପୂର୍ଣ୍ଣ ଜୀବନକୁ ବିପଥଗାମୀ କରିପାରେ। ତେଣୁ ନିଜ ଲକ୍ଷ୍ୟ ପ୍ରତି ଏକାଗ୍ର ରହିବା, ସୁସ୍ଥ ଜୀବନଶୈଳୀ ଅବଲମ୍ବନ କରିବା ଏବଂ ସମସ୍ତ ପ୍ରକାରର ନିଶାଦ୍ରବ୍ୟଠାରୁ ଦୂରେଇ ରହିବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ନିଶାମୁକ୍ତ ସମାଜ ଗଠନ, ଆଇନଗତ ସଚେତନତା ଏବଂ ଯୁବପିଢ଼ିର ଦାୟିତ୍ୱ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ଉପସ୍ଥିତ ଛାତ୍ରଛାତ୍ରୀମାନେ ନିଶାଦ୍ରବ୍ୟଠାରୁ ସର୍ବଦା ଦୂରେଇ ରହିବା ସହ ଅନ୍ୟମାନଙ୍କୁ ମଧ୍ୟ ସଚେତନ କରିବାକୁ ଶପଥ ଗ୍ରହଣ କରିଥିଲେ ।

## ଏସଆଇଆର୍-୨୦୨୬ ଅନ୍ତର୍ଗତ ବିଏଲ୍ଓ-ବିଏଲ୍ଏ ବୈଠକ




ବାରିପଦା,୨୬।୬ (ସଂଚାର ବ୍ୟୁରୋ)ଃ ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁସାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ କାର୍ଯ୍ୟକ୍ରମ ଅନ୍ତର୍ଗତ ଆଜି ୩୨-ବଡସାହି(ଏସସି) ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନସ୍ଥ ୫୬ ନଂ ମତଦାନ କେନ୍ଦ୍ରରେ ଅତିରିକ୍ତ ଜିଲ୍ଲାପାଳ ମୟୂରଭଞ୍ଜ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ବଡ଼ସାହି) ଦୁଃଖବନ୍ଧୁ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍ଓ) ଓ ବୁଥ୍ ସ୍ତରୀୟ ଏଜେଣ୍ଟ (ବିଏଲ୍ଏ) ବୈଠକ ଅନୁଷ୍ଠିତ ହୋଇଛି ।

ବୈଠକରେ ବୁଥ୍ ସ୍ତରରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍ଓ) ଓ ବୁଥ୍ ସ୍ତରୀୟ ଏଜେଣ୍ଟ (ବିଏଲ୍ଏ)ମାନଙ୍କ ମଧ୍ୟରେ ପାରସ୍ପରିକ ସମନ୍ୱୟକୁ ଆହୁରି ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । କ୍ଷେତ୍ରସ୍ତରରେ ଘରକୁ ଘର ଯାଇ ମତଦାତାଙ୍କ ତଥ୍ୟ ସଂଗ୍ରହ, ଯାଞ୍ଚ ଏବଂ ନାମାବଳୀରେ ଆବଶ୍ୟକ ସଂଶୋଧନ ସମ୍ବନ୍ଧୀୟ କାର୍ଯ୍ୟର ଅଗ୍ରଗତି ନେଇ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା ।

ବିଶେଷକରି, କୌଣସି ଯୋଗ୍ୟ ମତଦାତାଙ୍କ ନାମ ନିର୍ବାଚନୀ ନାମାବଳୀରୁ ବାଦ୍ ପଡ଼ିବାକୁ ନ ଦେବା, ନୂତନ ଯୋଗ୍ୟ ମତଦାତାଙ୍କୁ ଅନ୍ତର୍ଭୁକ୍ତ କରିବା, ମୃତ, ସ୍ଥାନାନ୍ତରିତ କିମ୍ବା ଦ୍ୱିତୀୟ ନାମଗୁଡ଼ିକର ଯଥାର୍ଥ ଯାଞ୍ଚ କରିବା ଏବଂ ନାମାବଳୀକୁ ସଠିକ୍ ଓ ଅପଡେଟ୍ ରଖିବା ଦିଗରେ ବିଏଲ୍ଓ ଏବଂ ବିଏଲ୍ଏମାନଙ୍କ ସମ୍ମିଳିତ ପ୍ରୟାସର ଆବଶ୍ୟକତା ନିତାନ୍ତ ଆବଶ୍ୟକ ବୋଲି ଶ୍ରୀ ନାୟକ ମତପ୍ରକାଶ କରିଛନ୍ତି ।

ଏହାସହ ବିଏଲ୍ଓ ଓ ବିଏଲ୍ଏମାନଙ୍କୁ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ପାଳନ କରି ନିରପେକ୍ଷତା, ସ୍ୱଚ୍ଛତା ଓ ଦାୟିତ୍ୱବୋଧର ସହିତ କାର୍ଯ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ । ସମସ୍ତଙ୍କ ସକ୍ରିୟ ସହଯୋଗ ମାଧ୍ୟମରେ ଏକ ନିର୍ଭୁଲ, ସର୍ବସମାବେଶୀ ଏବଂ ଅଦ୍ୟତନ ନିର୍ବାଚନୀ ନାମାବଳୀ ପ୍ରସ୍ତୁତ କରିବା ହିଁ ଏସ୍ଆଇଆର-୨୦୨୬ର ମୂଳ ଉଦ୍ଦେଶ୍ୟ ବୋଲି ବୋଲି ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଶ୍ରୀ ନାୟକ କହିଛନ୍ତି । ଆଜିର ଏହି ବୈଠକରେ ସଂପୃକ୍ତ ବୁଥର ବିଏଲ୍ଓ ମୃତ୍ୟୁଞ୍ଜୟ ଦାସ, ବିଏଲ୍ଓ ସୁପରଭାଇଜର୍ ସନ୍ତୋଷ କୁମାର ବେହେରା ସମେତ ବିଭିନ୍ନ ରାଜନୈତିକ ଦଳର ବିଏଲ୍ଏମାନେ ଉପସ୍ଥିତ ଥିଲେ ।

# ସ୍ୱରୋଜଗାରରେ ଉଦାହରଣ ସୃଷ୍ଟିକଲେ ଆଦିବାସୀ

**୧୬.୯ ଟନ୍ ଶାଳ ମଞ୍ଜି ବିକ୍ରି କରି ସ୍ଥାପନ କଲେ ନୂଆ ଦୃଷ୍ଟାନ୍ତ**



ମାଲକାନଗିରି,୨୬।୬ (ସଂଚାର ବ୍ୟୁରୋ)ଃ ଆଦିବାସୀ ମହିଳାଙ୍କ ଆର୍ଥିକ ସଶକ୍ତୀକରଣ ଏବଂ ଜଙ୍ଗଲଭିତ୍ତିକ ଜୀବିକାର ବିକାଶ କ୍ଷେତ୍ରରେ ମାଲକାନଗିରି ଜିଲ୍ଲାର "ବନ୍ଧ କାୟାନୀ ଗ୍ରୀନ୍ ଶକ୍ତି ପ୍ରଡ୍ୟୁସର କମ୍ପାନୀ" ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଚଳିତ ଋତୁରେ କମ୍ପାନୀ ୧୬,୯୦୦ କିଲୋଗ୍ରାମ (୧୬.୯ ଟନ୍) ଶାଳ ମଞ୍ଜି ସଂଗ୍ରହ ଓ ବିକ୍ରି କରି ଜିଲ୍ଲାରେ ଏକ ନୂଆ ଦୃଷ୍ଟାନ୍ତ ସ୍ଥାପନ କରିଛି।

ଅଗଷ୍ଟ ୨୦୨୫ରେ ଗଠିତ ଏହି ମହିଳା ପରିଚାଳିତ ପ୍ରଡ୍ୟୁସର କମ୍ପାନୀରେ ବର୍ତ୍ତମାନ ୫୦୦ରୁ ଅଧିକ ଆଦିବାସୀ ମହିଳା ଅଂଶୀଦାର ଭାବେ ସାମିଲ ହୋଇଛନ୍ତି। ମିଶନ ଶକ୍ତି ବିଭାଗ ଏବଂ ଇଣ୍ଡିଆନ୍ ସ୍କୁଲ୍ ଅଫ୍ ବିଜନେସ୍ ର ସହଯୋଗରେ ଏହି କମ୍ପାନୀ ଜଙ୍ଗଲଜାତ ଦ୍ରବ୍ୟର ସଂଗ୍ରହ, ସଂରକ୍ଷଣ ଓ ବଜାରୀକରଣ କାର୍ଯ୍ୟକୁ ସଫଳତାର ସହ ଆଗେଇ ନେଉଛି।

ଗତ ଏକ ବର୍ଷ ମଧ୍ୟରେ କମ୍ପାନୀ ହରିଡ଼ା, ବାହାଡ଼ା ଓ ଶାଳ ମଞ୍ଜି ଭଳି ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟର ବ୍ୟବସାୟ କରି ନିଜର କାର୍ଯ୍ୟପରିସର ବୃଦ୍ଧି କରିଛି। ବିଶେଷ କରି ଶାଳ ମଞ୍ଜିର ଆନ୍ତର୍ଜାତୀୟ ବଜାରରେ ବଢୁଥିବା ଚାହିଦା ଏହି ବ୍ୟବସାୟକୁ ଅଧିକ ଲାଭଦାୟକ କରିଛି। ଶାଳ ମଞ୍ଜିରୁ ପ୍ରସ୍ତୁତ ହେଉଥିବା ଶାଳ ବଟର ଚକୋଲେଟ, ପ୍ରସାଧନ ସାମଗ୍ରୀ ଏବଂ ଔଷଧ ଶିଳ୍ପରେ ବ୍ୟାପକ ଭାବେ ବ୍ୟବହୃତ ହେଉଥିବାରୁ ଏହାର ମୂଲ୍ୟ ବର୍ଷକୁ ବର୍ଷ ବୃଦ୍ଧି ପାଉଛି।

ଗ୍ରାମସଭାଙ୍କ ସହଯୋଗରେ କମ୍ପାନୀ ମଧ୍ୟସ୍ଥି ବା ଦଲାଲମାନଙ୍କୁ ଦୂରେଇ ସିଧାସଳଖ ବଜାର ସଂଯୋଗ ସ୍ଥାପନ କରିପାରିଛି। ଫଳରେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରୁଥିବା ଆଦିବାସୀ ମହିଳାମାନେ ନିଜ ଉତ୍ପାଦର ଉଚିତ ମୂଲ୍ୟ ପାଉଛନ୍ତି ଏବଂ ସେମାନଙ୍କ ପରିବାରର ଆୟ ବୃଦ୍ଧି ପାଉଛି।

କମ୍ପାନୀର ସଭାନେତ୍ରୀ ଗୌରୀ ନାୟକ କହିଛନ୍ତି ଯେ, ଏହି ସଫଳତା ଆଦିବାସୀ ମହିଳାଙ୍କ ଏକତା, ପରିଶ୍ରମ ଓ ଦୃଢ଼ ଇଚ୍ଛାଶକ୍ତିର ପ୍ରତିଫଳନ। ଆଗାମୀ ଦିନରେ ଅଧିକ ଗ୍ରାମକୁ ଏହି ଉଦ୍ୟମ ସହ ଯୋଡ଼ିବା ସହିତ ଜଙ୍ଗଲଜାତ ଦ୍ରବ୍ୟର ବ୍ୟବସାୟକୁ ଆହୁରି ବିସ୍ତାର କରିବାକୁ ଯୋଜନା ରହିଛି। ଆସନ୍ତା ବର୍ଷ ୧୦୦ ମେଟ୍ରିକ ଟନ୍ ଶାଳ ମଞ୍ଜି ବିକ୍ରି କରିବାକୁ କମ୍ପାନୀ ଲକ୍ଷ୍ୟ ରଖିଛି।

ମହିଳାଙ୍କ ନେତୃତ୍ୱରେ ଚାଲିଥିବା ଏହି ପ୍ରୟାସ ମାଲକାନଗିରିରେ ଜଙ୍ଗଲଭିତ୍ତିକ ଅର୍ଥନୀତିକୁ ସୁଦୃଢ଼ କରିବା ସହ ଆଦିବାସୀ ପରିବାରମାନଙ୍କ ପାଇଁ ନୂତନ ରୋଜଗାରର ସୁଯୋଗ ସୃଷ୍ଟି କରିଛି। ଜଙ୍ଗଲ ସମ୍ପଦର ସୁରକ୍ଷା, ମହିଳା ସଶକ୍ତୀକରଣ ଏବଂ ଗ୍ରାମୀଣ ଅର୍ଥନୀତିର ବିକାଶ ପାଇଁ ଏହି ମଡେଲ୍ ଆଗାମୀ ଦିନରେ ଅନ୍ୟ ଅଞ୍ଚଳ ପାଇଁ ମଧ୍ୟ ଏକ ପ୍ରେରଣାଦାୟୀ ଉଦାହରଣ ହୋଇପାରେ।

### ଅଷ୍ଟମ ବାଟାଲିଅନର ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ଣ୍ଣାମେଣ୍ଟ
## ଗଞ୍ଜାମ ପୁଲିସ ଇଲେଭେନ ଚାମ୍ପିଅନ




ଛତ୍ରପୁର,୨୬।୬ (ସଂଚାର ବ୍ୟୁରୋ)ଃଖେଳ ମାଧ୍ୟମରେ ବନ୍ଧୁତ୍ୱ, ସମନ୍ୱୟ ଓ ସୌହାର୍ଦ୍ଦପୂର୍ଣ୍ଣ ସମ୍ପର୍କକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଅଷ୍ଟମ ବାଟାଲିଅନ ପକ୍ଷରୁ ଶୁକ୍ରବାର ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି। ଅଷ୍ଟମ ବାଟାଲିଅନର କମାଣ୍ଡାଣ୍ଟ ସାରଦା ପ୍ରସାଦ ଦାସଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିଯୋଗିତାରେ ଗଞ୍ଜାମ ଏସପି ହରିଶ ବିଶି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କ ସହ ପରିଚୟ ହେବା ସହ ସେମାନଙ୍କୁ ଉତ୍ସାହିତ କରିଥିଲେ।ଖେଳ କେବଳ ପ୍ରତିଯୋଗିତା ନୁହେଁ, ବରଂ ଦଳଗତ ମନୋଭାବ, ଶୃଙ୍ଖଳା ଓ ସୌହାର୍ଦ୍ଦର ବାର୍ତ୍ତା ବହନ କରେ ବୋଲି ସେ ମତ ପ୍ରକାଶ କରିଥିଲେ।

ଏହି ଅବସରରେ ଡେପୁଟି କମାଣ୍ଡାଣ୍ଟ ଯଶୋବନ୍ତ ସେଠୀ,ଗଞ୍ଜାମ ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର,ଗଞ୍ଜାମ ଥାନା ଅଧିକାରିଣୀ ସୁମିତ୍ରା ପାତ୍ର,ଗ୍ରାସୀମର ସିଏସଆର ହେଡ୍ ସୁସ୍ମିତା ବେହେରା, ବରିଷ୍ଠ ସାମ୍ବାଦିକ ରବୀନ୍ଦ୍ର କୁମାର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

ଟୁର୍ଣ୍ଣାମେଣ୍ଟରେ ଜିଲ୍ଲା ପ୍ରଶାସନ ଏକାଦଶ, ଗଞ୍ଜାମ ପୁଲିସ ଇଲେଭେନ, ଗ୍ରାସୀମ ଲାୟନ୍ସ ଓ ତହସିଲ ବୟଜ୍ ସମେତ ଚାରିଟି ଦଳ ଅଂଶଗ୍ରହଣ କରିଥିଲେ। ସମସ୍ତ ମ୍ୟାଚରେ ଖେଳାଳିମାନେ ଉଚ୍ଚକୋଟୀର ପ୍ରଦର୍ଶନ କରିଥିବାବେଳେ ଫାଇନାଲ ମୁକାବିଲାରେ ଗଞ୍ଜାମ ପୁଲିସ ଇଲେଭେନ ଗ୍ରାସୀମ ଲାୟନ୍ସକୁ ୬ ୱିକେଟରେ ପରାସ୍ତ କରି ଚାମ୍ପିଅନ ଟ୍ରଫି ହାସଲ କରିଥିଲା।



# ବଲିଉଡ୍‌ରେ ୩୪ ବର୍ଷ ପୂରଣ ହେଲେ କିଙ୍ଗ୍ ଖାନ୍



ବଲିଉଡର କିଙ୍ଗ୍ ଶାହରୁଖ ଖାନ ଇଣ୍ଡଷ୍ଟ୍ରିରେ ୩୪ ବର୍ଷ ପୂରଣ କରିଛନ୍ତି। ଏହି କୃତିତ୍ୱ ପାଇଁ ଚାରିଆଡୁ ଛୁଟୁଛି ଶୁଭେଚ୍ଛାର ସୁଅ। ୨୫ ଜୁନ ୧୯୯୨ରେ ବଲିଉଡର ସବୁଠାରୁ ବଡ଼ ଷ୍ଟାରମାନଙ୍କ ମଧ୍ୟରୁ ଜଣେ ଶାହରୁଖ ହିନ୍ଦୀ ଚଳଚ୍ଚିତ୍ର ଶିଳ୍ପରେ ଡେବ୍ୟୁ କରିଥିଲେ। ସେ ଫିଲ୍ମ 'ଦିୱାନା' ସହିତ ତାଙ୍କର ବଲିଉଡ ଯାତ୍ରା ଆରମ୍ଭ କରିଥିଲେ। ଶାହରୁଖ ଟେଲିଭିଜନରେ ତାଙ୍କର ଅଭିନୟ କ୍ୟାରିଅର ଆରମ୍ଭ କରିଥିଲେ। 'ଫୌଜି' ଭଳି ଶୋ'ରେ ଦେଖା ଦେଇଥିଲେ। ଯଦିଓ ତାଙ୍କୁ ପ୍ରଥମେ ଫିଲ୍ମ 'ଦିଲ ଆଶନା ହେଁ' ପାଇଁ ସାଇନ କରାଯାଇଥିଲା। 'ଦିୱାନା' ତାଙ୍କର ପ୍ରଥମ ମୁକ୍ତିଲାଭ କରିଥିବା ଫିଲ୍ମ ଥିଲା। 'ଦିୱାନା'ରେ ସେ ଋଷି କପୁର ଏବଂ ଦିବ୍ୟା ଭାରତୀ ଭଳି ଅଭିନେତାଙ୍କ ସହିତ ସ୍କ୍ରିନ ଶେୟାର କରିଥିଲେ। ଇଣ୍ଡଷ୍ଟ୍ରୀରେ ୩୪ ବର୍ଷ ପୂରଣ ଅବସରରେ ସେ ମାଙ୍ଗାଲୋରରେ ଏହି ବିଶେଷ ଏବଂ ସ୍ମରଣୀୟ ମାଇଲଖୁଣ୍ଟ ପାଳନ କରିଥିଲେ। ଏକ କାର୍ଯ୍ୟକ୍ରମରେ ତାଙ୍କର କିଛି ହିଟ ଗୀତରେ ମଞ୍ଚ ଉପରେ ଠୁମ୍କା ଲଗାଇଥିଲେ। ସେ 'ଝୁମେ ଜୋ ପଠାନ', ଛମ୍ମକ ଚଲ୍ଲୋ ଏବଂ ତୁଝେ ଦେଖା ତୋ ୟେ ଜାନା ସନମ ପରି ଟ୍ରାକଗୁଡ଼ିକରେ ଶକ୍ତିଶାଳୀ ନୃତ୍ୟ କରି ପ୍ରଶଂସକମାନଙ୍କୁ ଖୁସି କରିଥିଲେ। କାର୍ଯ୍ୟକ୍ରମରେ ଶାହରୁଖ ଏକ ଧଳା ଟି-ଶର୍ଟ ସହିତ ଏକ କଳା ଶୁଟ ପିନ୍ଧିଥିଲେ। ତାଙ୍କ ୩୪ ବର୍ଷର କ୍ୟାରିୟରରେ ଶାହରୁଖ ଅନେକ ଚମତ୍କାର ଚଳଚ୍ଚିତ୍ର ପ୍ରଦାନ କରିଛନ୍ତି। ଦିଲୱାଲେ ଦୁଲହନିଆ ଲେ ଜାଏଙ୍ଗେ, କରଣ ଅର୍ଜୁନ, ଦିଲ ତୋ ପାଗଲ ହେଁ, ଦେବଦାସ, ଚେନ୍ନାଇ ଏକ୍ସପ୍ରେସ, ପଠାନ, ଏବଂ ଜବାନ ଭଳି ବ୍ଲକବ୍ଲଷ୍ଟର ଫିଲ୍ମରେ ସେ ଅଭିନୟ କରିଛନ୍ତି। ଏହି ଅଭିନେତା ପରବର୍ତ୍ତୀ ସମୟରେ 'କିଙ୍ଗ୍' ଚଳଚ୍ଚିତ୍ରରେ ନଜର ଆସିବେ। ତାଙ୍କର ଏହି ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର ଡିସେମ୍ବର ୨୦୨୬ରେ ବଡ଼ ପରଦାରେ ଆସିବ।

# ମୁନ୍ନା ଭୈୟାରୁ ରବି କିଶନଙ୍କ ଯାଏ...

## ଟିଜରର ୬ ଆକର୍ଷକ ଫ୍ରେମ୍






ଚଳିତ ବର୍ଷର ସବୁଠୁ ବଡ଼ ଫିଲ୍ମ ଗୁଡ଼ିକ ମଧ୍ୟରେ 'ମିର୍ଜାପୁର : ଦି ମୁଭି ' ଗୋଟିଏ। ଯଦିଓ ଏହାକୁ ନେଇ ଏପର୍ଯ୍ୟନ୍ତ ଚର୍ଚ୍ଚା ହୋଇ ନଥିଲା, କିନ୍ତୁ ଶେଷରେ ଟିଜରଟି ଆସିଛି ଏବଂ ଏହାପରେ ମାହୋଲ ପୂରା ସରଗରମ ହୋଇଛି। ୨ ମିନିଟ୍ ୨୨ ସେକେଣ୍ଡର ଏହି ଟିଜରରେ ବିଭିନ୍ନ ଦୃଶ୍ୟ ଏବଂ ଅଭିନେତାଙ୍କୁ ଦେଖିବାକୁ ମିଳୁଛି। ଫିଲ୍ମର ପ୍ରଥମ ଆକର୍ଷଣୀୟ ଫ୍ରେମ୍ ବିଷୟରେ ଆଲୋଚନା କରିବା - ଗୁଡ୍ଡୁ ପଣ୍ଡିତ ଭୂମିକାରେ ଅଲି ଫଜଲ ହାତରେ ବନ୍ଧୁକ ଧରି ତାଙ୍କ ସିଗ୍ନେଚର୍ ଷ୍ଟାଇଲରେ ମିର୍ଜାପୁରର ସିଂହାସନ ପାଇଁ ଲଢୁଥିବା ଦେଖିବାକୁ ମିଳିଛି। ଦ୍ବିତୀୟ ଫ୍ରେମ୍‌ରେ ଜିତେନ୍ଦ୍ର କୁମାର ଅଛନ୍ତି, ଯେଉଁଥିରେ ସେ ଗୁଡ୍ଡୁ ଭୈୟାଙ୍କୁ ସାମ୍ରାଜ୍ୟ ପରିଚାଳନା କରିବା ନେଇ ଆଲୋଚନା କରୁଛନ୍ତି। ସେ ପୂର୍ବରୁ ମିର୍ଜାପୁର ସିରିଜରେ ନଜର ଆସି ନଥିଲେ, କିନ୍ତୁ ଫିଲ୍ମରେ ତାଙ୍କୁ ବବଲୁ ପଣ୍ଡିତଙ୍କ ରୋଲରେ କାଷ୍ଟ କରାଯାଇଛି। ବିକ୍ରାନ୍ତ ମେସି ଫେରି ନଥିବାରୁ, ଜିତେନ୍ଦ୍ର କୁମାରଙ୍କୁ ବବଲୁ ପଣ୍ଡିତ ଭୂମିକା ଦିଆ ଯାଇଛି। ରବି କିଶନ ଟିଜରରେ ଖୁବ୍ ଭୟଙ୍କର ଲାଗୁଛନ୍ତି। ସେ ଜଣେ ରକ୍ତାକ୍ତ ବ୍ୟକ୍ତିଙ୍କୁ ଯନ୍ତ୍ରଣା ଅନୁଭବ କରାଇବା ପାଇଁ ତାଙ୍କ କ୍ଷତରେ ଲୁଣ ଘଷୁ ଥିବାର ଦେଖାଯାଉଛି। ତାଙ୍କର ଡାଏଲଗ୍ ଡେଲିଭରୀ ମଧ୍ୟ ସମାନ ଭାବରେ ପ୍ରଭାବଶାଳୀ ଏବଂ ସେ ଫିଲ୍ମରେ ଏକ ଦମଦାର ଭୂମିକାରେ ଥିବାର ସାବ୍ୟସ୍ତ କରୁଛନ୍ତି। ପରବର୍ତ୍ତୀ ଦୃଶ୍ୟରେ ମୁନ୍ନା ଭୈୟା ଆସୁଛନ୍ତି , ଯାହା ଏକ ଦୁର୍ଗା ପୂଜା ମଣ୍ଡପର ଦୃଶ୍ୟ ମନେହେଉଛି। ଏଠାରେ ଦୁଇ ପାର୍ଶ୍ୱରୁ ଖୁବ୍ ଗୁଳି ବିନିମୟ ହେଉଛି। ମୁନ୍ନା ଭୈୟା (ଦିବ୍ୟେନ୍ଦୁ) ଏବଂ ଗୁଡ୍ଡୁ ପଣ୍ଡିତ ମୁହାଁମୁହିଁ ହେଉଛନ୍ତି। ଏହି ଫ୍ରେମ୍ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଲାଗୁଛି। ଟିଜର ସରୁ ସରୁ ପଙ୍କଜ ତ୍ରିପାଠୀ ପୁଣି ନଜର ଆସୁଛନ୍ତି। ଏହି ଥର କାଲିନ ଭୈୟା ନିଜ ଘରେ ଅଛନ୍ତି , ହାତରେ ବନ୍ଧୁକ ଧରି ଶତ୍ରୁ ସଂହାର କରୁଛନ୍ତି। ତାଙ୍କ ମୁଣ୍ଡରେ ବ୍ୟାଣ୍ଡେଜ ଲାଗିଛି, ଆପଣଙ୍କୁ ଏହା ଦେଖିଲେ କିଛି କ୍ଷଣରେ ପୂରା ସିରିଜ ମନେପଡ଼ିଯିବ। ଏପଟେ ଅଭିଷେକ ବାନାର୍ଜୀ ମଧ୍ୟ ନିଜର କମ୍ପାଉଣ୍ଡରର ରୋଲକୁ ଦୋହରାଇଛନ୍ତି । ଯାହାଙ୍କର ଟିଜରରେ ଏକ ଭୟଙ୍କର ସିନ୍ ଅଛି। ଯେଉଁଠି ସେ କୌଣସି ପ୍ଲାନିଂ ସେଟ୍ କରିବା ଚେଷ୍ଟାରେ ଲାଗିଛନ୍ତି ଏବଂ କିଛି ଫ୍ରେମରେ ନଜର ଆସୁଛନ୍ତି।

# ମୁକ୍ତିଲାଭ କଲା ରାଜକୁମାରଙ୍କ 'ପ୍ରହାର' ଟିଜର



ବଲିଉଡ୍ ଅଭିନେତା ରାଜକୁମାର ରାଓଙ୍କ ଆଗାମୀ ଫିଲ୍ମ 'ପ୍ରହାର: ଦ ଉଜ୍ଜ୍ୱଳ ନିକମ ଷ୍ଟୋରି'ର ଟିଜର ମୁକ୍ତି ପାଇଛି। ଟିଜର ମୁକ୍ତି ପାଇବା ପରେ ସୋସିଆଲ ମିଡିଆରେ ଏହାକୁ ନେଇ ଭଲ ପ୍ରତିକ୍ରିୟା ଦେଖିବାକୁ ମିଳୁଛି। ବିଶେଷ କରି ଉଜ୍ଜ୍ୱଳ ନିକମଙ୍କ ଚରିତ୍ରରେ ରାଜକୁମାର ରାଓଙ୍କ ରୂପ, ଅଭିନୟ ଓ ସଂଳାପ ଦର୍ଶକଙ୍କ ମନ ଜିତିଛି। ଏହି ଫିଲ୍ମ ଦେଶର ପ୍ରସିଦ୍ଧ ସରକାରୀ ଓକିଲ ଉଜ୍ଜ୍ୱଳ ନିକମଙ୍କ ଜୀବନ ଓ ତାଙ୍କର ଆଇନଗତ ଲଢ଼େଇକୁ ଆଧାର କରି ନିର୍ମାଣ କରାଯାଇଛି। ଟିଜରରେ ୨୦୦୮ ମସିହାର ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ପରେ ଧରାପଡ଼ିଥିବା ଆତଙ୍କବାଦୀ ଅଜମଲ କସାବଙ୍କ ବିରୋଧରେ ଚାଲିଥିବା ମାମଲାର କିଛି ଦୃଶ୍ୟ ଦେଖାଯାଇଛି। ଟିଜରରେ ନ୍ୟାୟ ପାଇଁ ଉଜ୍ଜ୍ୱଳ ନିକମଙ୍କ ଦୃଢ଼ ଲଢ଼େଇକୁ ଖୁବ୍ ପ୍ରଭାବଶାଳୀ ଭାବରେ ଉପସ୍ଥାପନ କରାଯାଇଛି। ଟିଜର ଦେଖିବା ପରେ ଅନେକ ଦର୍ଶକ ସୋସିଆଲ ମିଡିଆରେ ରାଜକୁମାର ରାଓଙ୍କ ଅଭିନୟର ଖୁବ୍ ପ୍ରଶଂସା କରିଛନ୍ତି। କେହି ତାଙ୍କ ରୂପାନ୍ତରକୁ ଅଦ୍ଭୁତ ବୋଲି କହିଥିବା ବେଳେ, ଆଉ କେହି ଏହାକୁ ତାଙ୍କ କ୍ୟାରିୟରର ସର୍ବଶ୍ରେଷ୍ଠ ଅଭିନୟ ମଧ୍ୟରୁ ଗୋଟିଏ ବୋଲି ମତ ଦେଇଛନ୍ତି। ଏହା ସହ ଫିଲ୍ମଟିକୁ ନେଇ ଦର୍ଶକଙ୍କ ଉତ୍ସାହ ଆହୁରି ବଢ଼ିଯାଇଛି। ଏହି ଫିଲ୍ମରେ ୱାମିକା ଗବ୍ବି, ଜୟଦୀପ ଆହଲାୱତ, ସିକନ୍ଦର ଖେର ଓ ଅନ୍ୟାନ୍ୟ କଳାକାର ମଧ୍ୟ ମୁଖ୍ୟ ଭୂମିକାରେ ଅଛନ୍ତି। 'ପ୍ରହାର: ଦ ଉଜ୍ଜ୍ୱଳ ନିକମ ଷ୍ଟୋରି' ଆସନ୍ତା ୭ ଅଗଷ୍ଟରେ ସାରା ଦେଶର ସିନେମା ହଲ୍‌ରେ ମୁକ୍ତି ପାଇବ।

# ଢିଣ୍ଡୋରା ସିଜନ୍ ୨ର ସୁଟିଂ ଆରମ୍ଭ




ପ୍ରସିଦ୍ଧ କଣ୍ଟେଣ୍ଟ କ୍ରିଏଟର ତଥା ଅଭିନେତା ଭୁବନ ବାମ୍ ତାଙ୍କର ସଫଳ ୱେବ୍ ସିରିଜ୍ 'ଢିଣ୍ଡୋରା'ର ପରବର୍ତ୍ତୀ ସିଜନ୍ ପାଇଁ ସୁଟିଂ ଆରମ୍ଭ କରିଛନ୍ତି। ପ୍ରଡକ୍ସନ୍ କାମ ଆରମ୍ଭ ହୋଇଥିବା ନେଇ ସେ ସେଟ୍‌ର ଏକ କୌତୂହଳ ଉଦ୍ରେକକାରୀ ଫଟୋ ସହିତ ସୋସିଆଲ୍ ମିଡିଆରେ ଅପଡେଟ୍ ଦେଇଛନ୍ତି। ସ୍ମରଣଯୋଗ୍ୟ ଯେ 'ଢିଣ୍ଡୋରା'ର ପ୍ରଥମ ସିଜନ୍ ୨୦୨୧ ମସିହାରେ ଭୁବନ ବାମ୍‌ଙ୍କ 'ବିବି କି ଭାଇନ୍‌ସ' ୟୁଟ୍ୟୁବ୍ ଚ୍ୟାନେଲରେ ମୁକ୍ତିଲାଭ କରି ଖୁବ୍ ଲୋକପ୍ରିୟ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ୫୦ କୋଟିରୁ ଅଧିକ ଥର ଦେଖାଯାଇ ସାରିଲାଣି, ଯେଉଁ କାରଣରୁ ଏହା ଭାରତର ସବୁଠାରୁ ଲୋକପ୍ରିୟ କ୍ରିଏଟର୍-ନିର୍ମିତ ମନୋରଞ୍ଜନ କାର୍ଯ୍ୟକ୍ରମ ମଧ୍ୟରୁ ଅନ୍ୟତମ ପାଲଟିଛି। ତେବେ ସିଜନ୍ ୨ ୟୁଟ୍ୟୁବ୍ ବଦଳରେ ନେଟଫ୍ଲିକ୍ସରେ ମୁକ୍ତିଲାଭ କରିବ। ନେଟଫ୍ଲିକ୍ସ ଏ ବିଷୟରେ ଘୋଷଣା କରି କହିଛି ଯେ ଏହା 'ଢିଣ୍ଡୋରା'ର କାହାଣୀକୁ ଏକ ବୃହତ୍ତର ଦର୍ଶକଙ୍କ ପାଖକୁ ନେଇଯିବ। ନୂଆ ସିଜନ୍‌ରେ ଏହି ଫ୍ରାଞ୍ଚାଇଜ୍‌ର ଅ ନ ୍ୟତ ମ ଲୋ କ ପ୍ରି ୟ ଚରିତ୍ର 'ଟିଟୁ ମାମା'ଙ୍କ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ବର୍ତ୍ତମାନ ଏହାର ସୁଟିଂ ଚାଲିଥିବା ବେଳେ, ଦର୍ଶକମାନେ ଭୁବନ ବାମ୍‌ଙ୍କ ହାସ୍ୟରସର ଏହି ନୂଆ ଅଧ୍ୟାୟକୁ ଏକ ବଡ଼ ପ୍ଲାଟଫର୍ମରେ ଦେଖିବା ପାଇଁ ଉତ୍କଣ୍ଠାର ସହିତ ଅପେକ୍ଷା କରିଛନ୍ତି।




# ଶ୍ରଦ୍ଧାଙ୍କ ଭୟଙ୍କର ଅବତାର ଦେଖି ପ୍ରଶଂସକ ଚକିତ

ବକ୍ସ ଅଫିସରେ ଫିଲ୍ମ 'ସ୍ତ୍ରୀ' ଜରିଆରେ ହୃଦୟ ଜିତିଥିବା ଶ୍ରଦ୍ଧା କପୁର ପୁଣି ବଡ଼ ପରଦାକୁ ଜବରଦସ୍ତ ଭାବେ ଏଣ୍ଟ୍ରି କରିଛନ୍ତି। ମ୍ୟାଡକ୍ ଫିଲ୍ମସର ବହୁ ପ୍ରତୀକ୍ଷିତ ଫିଲ୍ମ 'ଇଥା'ର ଟିଜର ରିଲିଜ ହୋଇଛି। ସୋସିଆଲ ମିଡିଆରେ ପ୍ରଥମ ଝଲକ ପ୍ରକାଶ ପାଇବା ମାତ୍ରେ ଶ୍ରଦ୍ଧାଙ୍କ ମର୍ମସ୍ପର୍ଶୀ ଏବଂ ଭୟଙ୍କର ଅବତାରରେ ପ୍ରଶଂସକମାନେ ଆଶ୍ଚର୍ଯ୍ୟ ହୋଇଛନ୍ତି। ଏହି ଫିଲ୍ମ କେବଳ ମନୋରଞ୍ଜନ ନୁହେଁ; ଏହା ମହାରାଷ୍ଟ୍ର ମାଟିର କାହାଣୀ ଉପରେ ପର୍ଯ୍ୟବେସିତ। ଏହା ଏକ ଏମିତି କାହାଣୀ, ଯାହା ସମସ୍ତଙ୍କ ଆଖିକୁ ଲୁହରେ ଭରିଦେବ। ଏହି ଫିଲ୍ମଟି ପ୍ରସିଦ୍ଧ କଳାକାର ବିଠାବାଇ ନାରାୟଣଗାଭକରଙ୍କ ଜୀବନ ଉପରେ ଆଧାରିତ। ବିଠାବାଇ କୌଣସି ସାଧାରଣ କଳାକାର ନ ଥିଲେ; ସେ ତାଙ୍କର କଳା ଏବଂ ତାଙ୍କର ଘୁଙ୍ଗୁରର ତାଳ ମାଧ୍ୟମରେ ପିଢ଼ି ପିଢ଼ିର ହୃଦୟ ଜିତିଥିଲେ। କଳା ପ୍ରତି ତାଙ୍କର ଅସାଧାରଣ ଅବଦାନ ପାଇଁ, ତାଙ୍କୁ ୧୯୯୦ ମସିହାରେ ଭାରତର ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ବିଠାବାଇଙ୍କ ଜୀବନ ସଂଘର୍ଷ, ସାହସ ମିଶ୍ରଣ ଥିଲା। ତାଙ୍କ ଭୂମିକାକୁ ପରଦାରେ ଚିତ୍ରଣ କରିବା ଯେକୌଣସି ଅଭିନେତ୍ରୀଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ। ଶ୍ରଦ୍ଧା ତାଙ୍କ ଭୂମିକାକୁ ସଚଠିକ୍ ପ୍ରତିପାଦ କରିଛନ୍ତି। ଏହି ୨ ମିନିଟ ୩ ସେକେଣ୍ଡର ଟିଜରରେ ଶ୍ରଦ୍ଧାଙ୍କ ପରିବର୍ତ୍ତନ ସବୁଠାରୁ ବଡ଼ ଆଲୋଚନାର ବିଷୟ ପାଲଟିଛି। ଟିଜରଟି ଲବଣୀର ଚମକଦାର ଦୁନିଆ ପଛରେ ଲୁଚି ରହିଥିବା ତିକ୍ତ ଏବଂ ଭୟଙ୍କର ସତ୍ୟକୁ ପ୍ରକାଶ କରେ। ବିଠାବାଇ ଯେତେବେଳେ ମଞ୍ଚ ଉପରେ ନୃତ୍ୟ କରନ୍ତି, ତାଙ୍କ ପାଦ ସ୍ପନ୍ଦନ ଏବଂ ତାଙ୍କ ଅଭିବ୍ୟକ୍ତିପୂର୍ଣ୍ଣ ମୁଖମଣ୍ଡଳର ହାବଭାବ ଦର୍ଶକଙ୍କ ହୃଦୟରେ ଗଭୀର ଭାବରେ ସ୍ପନ୍ଦିତ ହୁଏ। ଲକ୍ଷ୍ମଣ ଉତେକରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଆସନ୍ତା ଅଗଷ୍ଟ ୨୮ରେ ଥିଏଟରରେ ମୁକ୍ତିଲାଭ କରିବାକୁ ପ୍ରସ୍ତୁତ। ମହମ୍ମଦ ଜୀଶାନ ଆୟୁବ ଏବଂ ରଣଦୀପ ହୁଡା ମଧ୍ୟ ଏହି ଫିଲ୍ମରେ ଅଭିନୟ କରିବେ।

# ବନ୍ଦ ପଡ଼ିଛି ଧର୍ମଗଡ଼ ରକ୍ତ ଭଣ୍ଡାର

## ● ବଢ଼ୁଛି ଜନ ଅସନ୍ତୋଷ, ତେଜୁଛି ରାଜନୀତି



**କଳାହାଣ୍ଡି,୨୬।୬(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟର ରକ୍ତ ଭଣ୍ଡାର ଭିତ୍ତିଭୂମି ଅଭାବ ଦର୍ଶାଇ ଦୀର୍ଘ ୧୫ ଦିନ ହେଲା ବନ୍ଦ ରହିଛି । ରକ୍ତ ଅଭାବରୁ ଜଣେ ୩ ବର୍ଷର ଶିଶୁ ପୁତ୍ରର ମୃତ୍ୟୁ ଘଟିବା ପରେ ଏହି ପ୍ରସଙ୍ଗ ଏବେ ସମଗ୍ର ଅଞ୍ଚଳରେ ତୀବ୍ର ଜନଅସନ୍ତୋଷ ସୃଷ୍ଟି କରିଛି । ରକ୍ତ ଭଣ୍ଡାରକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ଦାବିରେ ଆନ୍ଦୋଳନ ଜୋର ଧରିଥିବା ବେଳେ, କେନ୍ଦ୍ରୀୟ ପ୍ରତିନିଧି ଦଳର ପରିଦର୍ଶନ ପରେ ଅଞ୍ଚଳବାସୀ ଏବେ ଆଶା ଓ ଆଶଙ୍କା ମଧ୍ୟରେ ରହିଛନ୍ତି । ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟର ରକ୍ତ ଭଣ୍ଡାର ଉପରେ କଳାହାଣ୍ଡି, ନୂଆପଡ଼ା, ନବରଙ୍ଗପୁର ସମେତ ପଡ଼ୋଶୀ ଛତିଶଗଡ଼ର ହଜାର ହଜାର ରୋଗୀ ନିର୍ଭରଶୀଳ । କିନ୍ତୁ ସରକାରୀ ନିର୍ଦ୍ଦେଶ ଅନୁଯାୟୀ, ଭିତ୍ତିଭୂମିର ଅଭାବ ଦର୍ଶାଇ ଗତ ୧୫ ଦିନରୁ ଅଧିକ ହେଲାଣି ରକ୍ତ ଭଣ୍ଡାରକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି । ଗତ କିଛି ଦିନ ତଳେ ରକ୍ତ ଅଭାବରୁ ଜଣେ ୩ ବର୍ଷର ଶିଶୁର ମୃତ୍ୟୁ ଅଭିଯୋଗ ପ୍ରସଙ୍ଗକୁ ଆହୁରି ଗୁରୁତ୍ୱ କରିଛି । ରକ୍ତ ଭଣ୍ଡାରକୁ ପୁଣିଥରେ ଚାଲୁ କରିବା ଦାବିରେ ଜାତୀୟ ରାଜପଥକୁ ଅବରୋଧ କରିଛନ୍ତି ଲୋକେ । ଏଥିସହ 'ଅଲ୍ ଓଡିଶା ସେଡ୍ୟୁଲ୍ କାଷ୍ଟ ଫେଡେରେସନ' ଏବଂ ବିଜେଡି ପକ୍ଷରୁ ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ସାମ୍ବାଦିକ ସମ୍ମିଳନୀ କରି ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ । ସ୍ୱାସ୍ଥ୍ୟ ବିଭାଗର କେନ୍ଦ୍ରୀୟ ପ୍ରତିନିଧି ଦଳ ଧର୍ମଗଡ଼ ବ୍ଲଡ୍ ବ୍ୟାଙ୍କର ଭିତ୍ତିଭୂମି ଅନୁଧ୍ୟାନ କରି ଫେରିଛନ୍ତି । ଅନ୍ୟପଟେ ଖୁବ୍ ଶୀଘ୍ର ରକ୍ତ ଭଣ୍ଡାର କାର୍ଯ୍ୟକ୍ଷମ ହେବ ବୋଲି ଅଞ୍ଚଳବାସୀଙ୍କୁ ଆଶ୍ୱାସନା ଦେଇଛନ୍ତି ଧର୍ମଗଡ଼ ବିଧାୟକ । କେନ୍ଦ୍ରୀୟ ଟିମ୍‌ର ଗସ୍ତ ପରେ ସମସ୍ୟାର ସମାଧାନ ହେବ ବୋଲି ଆଶା ତ ସୃଷ୍ଟି ହୋଇଛି, କିନ୍ତୁ ବ୍ଲଡ୍ ବ୍ୟାଙ୍କ କେବେ ଖୋଲିବ, ସେ ନେଇ ଆଶଙ୍କା ଏବେ ମଧ୍ୟ ଲାଗିରହିଛି ।

### ଅଚାନକ ମଣ୍ଡି ପରିଦର୍ଶନ କଲେ ପୂର୍ବତନମନ୍ତ୍ରୀ ନରସିଂହ

# ଖୋଲା ଆକାଶ ତଳେ ପଡ଼ିଛି ଶହ ଶହ ବସ୍ତା ଧାନ



● ଟୋକନ ଅଛି, ଟାର୍ଗେଟ ନାହିଁ
● ଜଳଜଳ ଦିଶୁଛି ଅଭାବି ବିକ୍ରି ପାଇଁ ଚାଷୀ ହନ୍ତସନ୍ତ

**ବଲାଙ୍ଗିର,୨୬।୬(ସଂଚାର ବ୍ୟୁରୋ):** ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ତାଙ୍କ ପୂର୍ବତନ ନିର୍ବାଚନ ମଣ୍ଡଳି ଲୋଇସିଂହା ଗସ୍ତ ସମୟରେ ଅଚାନକ ଚାଷୀଙ୍କ ଅଭିଯୋଗ ପାଇ କୁଶଙ୍ଗ ସ୍ଥିତ କୁଶଙ୍ଗ ପ୍ରାଥମିକ କୃଷି ସମବାୟ ସେବା ସମିତି ଲିଃ (ଧାନ ମଣ୍ଡି) କୁ ପରିଦର୍ଶନ ରେ ଯାଇଥିଲେ। ସେଠାକାର ଅବସ୍ଥା ଯାହା ଥିଲା ଶ୍ରୀ ମିଶ୍ର ସେ ସବୁ କୁ ଦେଖି ଆଶ୍ଚର୍ଯ୍ୟ ଚକିତ ହୋଇଯାଇଥିଲେ। ଧାନ କିଣା ଠିକ୍ ଠିକ୍ ଚାଲିଛି ବୋଲି କହୁଥିବା ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭୁଆଁ ବୁଲାଉଛନ୍ତି ବୋଲି ଏହି ପରିଦର୍ଶନରେ ଜଣାପଡ଼ିଥିଲା। ଏହି ମଣ୍ଡିରେ ପଞ୍ଜିକୃତ ଚାଷିମାନେ ୧୫ହଜାର ୭୦୦ କ୍ୱିଣ୍ଟାଲ ଧାନ ବିକିବା ପାଇଁ ଟୋକନ ଇସୁ ହୋଇଥିଲେ ହେଁ ଏ ପର୍ଯ୍ୟନ୍ତ ମାତ୍ର ୯ହଜାର ୭୦୦ କ୍ୱିଣ୍ଟାଲ ଧାନ ଉଠାଇବା ପାଇଁ ଟାର୍ଗେଟ ଆସିଛି। ବାକି ରହିଯାଇଥିବା ପାଖାପାଖି ୬ହଜାର କ୍ୱିଣ୍ଟାଲ ଧାନ ପାଇଁ ଟୋକନ ପାଇଥିଲେ ହେଁ ଟାର୍ଗେଟ ଆସି ନ ଥିବାରୁ ଚାଷୀମାନଙ୍କ ଧାନ ବିକ୍ରି ହୋଇପାରୁନାହିଁ। ଏଥିରୁ ସ୍ପଷ୍ଟ ଭାବେ ଜଳ ଜଳ ହୋଇ ଦିଶୁଛି ଯେ ଚାଷୀମାନଙ୍କ ପାଇଁ କୁମ୍ଭିର କାନ୍ଦଣା କାନ୍ଦୁଥିବା ସରକାର ରେ ଚାଷୀମାନେ ଅଭାବି ବିକ୍ରି ଶିକାର ହେଉଛନ୍ତି ବୋଲି ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ନିଜ ପ୍ରତିକ୍ରିୟାରେ କହିଛନ୍ତି। ସେ କହିଛନ୍ତି ଯେ ୧୫ହଜାର ୭୦୦ କ୍ୱିଣ୍ଟାଲ ଧାନ ପାଇଁ ଏହି ମଣ୍ଡିରେ ପର୍ଯ୍ୟାପ୍ତ ଭିତିଭୂମି ର ବ୍ୟବସ୍ଥା ର ସରକାର କରି ପାରିନାହାନ୍ତି। ଏହି ଦୁଇ ତିନି ଦିନ ବର୍ଷାରେ ଶହ ଶହ ବସ୍ତା ଧାନ ଖୋଲା ଆକାଶ ତଳେ ଥିବାରୁ ସମ୍ପୂର୍ଣ୍ଣ ଭିଜି ନଷ୍ଟ ହୋଇଯାଉଛି ତେଣୁ ସେଠାରେ ଉପସ୍ଥିତ ଚାଷୀମାନେ ଆଉ ଏକ ଛାଉଣି ର ବ୍ୟବସ୍ଥା କରିବା ପାଇଁ ଦାବି କରିଛନ୍ତି। ତା ସହ ସମ୍ପୂର୍ଣ୍ଣ ମଣ୍ଡି ଏରିଆକୁ ସମତଳ କରି କଂକ୍ରିଟ କରିଦେଲେ ଚାଷୀମାନଙ୍କ ଧାନ ନଷ୍ଟ ହେବାରୁ ରକ୍ଷା ହୋଇପାରିବ ବୋଲି ଲୋକ ଶ୍ରୀ ମିଶ୍ରଙ୍କ ଆଗରେ ଦାବି କରିଛନ୍ତି। ଏ ସବୁ ସମସ୍ୟାକୁ ନେଇ ତୁରନ୍ତ ଶ୍ରୀ ମିଶ୍ର ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ଫୋନ ଯୋଗେ ଆଲୋଚନା କରିଥିଲେ। ଚାଷୀ ଭୋଗୁଥିବା ସମସ୍ୟା ମୁଖ୍ୟତଃ ଟାର୍ଗେଟ କାହିଁକି ଆସୁନାହିଁ ବୋଲି ପ୍ରଶ୍ନ କରିଥିଲେ।

## ଭ୍ୟାନ ସହ ବାଇକ୍ ମୁହାଁମୁହିଁ, ବାଇକ୍ ଚାଳକଙ୍କ ମୃତ

**କନ୍ଧମାଳ,୨୬।୬(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ଥାନା ପାଙ୍ଗାଲିରେ ଗ୍ରାମରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ପୋଷ୍ଟାଲ କାର୍ଯ୍ୟାଳୟରେ ବ୍ୟବହାର ହେଉଥିବା ଭ୍ୟାନ ସହ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ପରିଚୟ ମିଳିନଥିବା ବେଳେ ପୋଲିସ ପରିଚୟ ଖୋଜୁଥିବା ଆଇଆଇସି ସଂଗ୍ରାମ କେଶରୀ ଜେନା କହିଛନ୍ତି। ଦୁର୍ଘଟଣା ଘଟାଇଥିବା ଭ୍ୟାନଟି ପୋଷ୍ଟାଲର ଡେଲିଭେରୀ ଭ୍ୟାନ ବୋଲି ପୋଲିସ ସୂଚନା ଦେଇଛନ୍ତି। ପ୍ରକାଶ ଯେ ଫୁଲବାଣୀରୁ ଡାକ ନେଇ ଭ୍ୟାନ ନଂ (ଓଡି୧୨ଏଫ୍-୩୪୧୬ )ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଥାନା ଅଭିମୁଖେ ଯାଉଥିବା ବେଳେ ଜଣେ ବାଇକ ଆରୋହୀ ବାଇକ ନଂ (ଓଆର ୦୭ ଏଜେ-୬୮୩୭)ରେ ବ୍ରାହ୍ମଣୀଗାଁ ପଟରୁ ଦାରିଙ୍ଗବାଡି ଯାଉଥିଲେ। ଦାରିଙ୍ଗବାଡି ପହଞ୍ଚିବାକୁ ମାତ୍ର ଆଉ ୫ କିମି ରହିଥିବା ବେଳେ ପାଙ୍ଗାଲି ନିକଟରେ ବାଇକଟି ଭ୍ୟାନ ସହ ମୁହାଁମୁହିଁ ଧକ୍କା ହେବା ସହ କିଛି ଦୂର ବାଇକ ସହ ଚାଳକଙ୍କୁ ଘୋଷାଡ଼ି ନେଇଥିଲା। ଏହା କୌଣସି ସୂତ୍ରରୁ ପୋଲିସ କୁ ଖବର ଦେବାପରେ ଖବର ପାଇ ଦାରିଙ୍ଗବାଡି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ବାଇକ ଚାଳକଙ୍କୁ ଦାରିଙ୍ଗବାଡି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ବାଇକ ଚାଳକଙ୍କୁ ମୃତ ଘୋଷଣା କରିଥିଲେ। ବାଇକ ଓ ଭ୍ୟାନକୁ ପୋଲିସ ଜବତ କରିବା ସହ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

## ନୂତନ ଥାନା ଅଧିକାରିଣୀଙ୍କ ଯୋଗଦାନ

### ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କଲେ ଡ.ସାହୁ



**ଲାଞ୍ଜିଗଡ଼,୨୬।୬ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ବିଶ୍ୱନାଥପୁର ଥାନାରେ ନୂତନ ଥାନା ଅଧିକାରିଣୀ ଭାବେ ଯୋଗଦାନ କରିଛନ୍ତି କଳ୍ପନା ବେହେରା।ଶ୍ରୀମତୀ ବେହେରାଙ୍କ ଯୋଗଦାନ ଅବସରରେ ବିଶ୍ୱନାଥପୁରର ବିଶିଷ୍ଟ ଶିକ୍ଷାବିତ ତଥା ସମାଜସେବୀ ଡକ୍ଟର ରମେଶ ଚନ୍ଦ୍ର ସାହୁ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସ୍ୱାଗତ ଜଣାଇ ଥିଲେ। ସ୍ଥାନୀୟ ଅଞ୍ଚଳର ଆଇନ ଶୃଙ୍ଖଳା ସମ୍ବନ୍ଧରେ ଆଲୋଚନା କରି ବିଭିନ୍ନ ଅନୈତିକ କାର୍ଯ୍ୟକଳାପର କିଭଳି ସଠିକ ଭାବରେ ରୋକାଯାଇ ପାରିବ ଏନେଇ ଥାନାଅଧିକାରିଣୀଙ୍କୁ ଡ. ସାହୁ ଅନୁରୋଧ କରିଥିଲେ।ଏହି ଅବସରରେ ନୂତନ ଥାନା ଅଧିକାରିଣୀ କହିଥିଲେ ଯେ'ଆଇନକୁ ସମ୍ମାନ ପ୍ରଦାନ କରି ଆଇନତଃ ସମସ୍ତ କାର୍ଯ୍ୟ ସମ୍ପାଦନ ତଥା ଆଇନର ଶାସନକୁ ସୁଦୃଢ଼ କରିବା, ସାଧାରଣ ଲୋକଙ୍କୁ ତ୍ୱରିତ ନ୍ୟାୟ ଓ ସେବା ପ୍ରଦାନ କରିବା ସହ ଅପରାଧ ନିୟନ୍ତ୍ରଣକୁ ସେ ସର୍ବାଧିକ ଗୁରୁତ୍ୱ ଦେବେ।ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ବଜାୟ ରଖି ସମସ୍ତଙ୍କ ସହଯୋଗରେ ଶାନ୍ତି, ଶୃଙ୍ଖଳା ଓ ସୁରକ୍ଷା ବଜାୟ ରଖିବା ପାଇଁ ସେ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରକାଶ କରିଥିଲେ।

## କଲ୍ୟାଣ କମିଟି ମାସିକ ସାଧାରଣ ବୈଠକ



**କନ୍ଧମାଳ,୨୬।୬(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପକାରୀ ପଞ୍ଚାୟତ ପକାରୀ ସକାଡିପଡା ସାହି ଠାରେ ଅନୁଷ୍ଠିତ ହୋଇଥିବା ପାଣ ସମାଜ କଲ୍ୟାଣ କମିଟି ଉପଶାଖା ପକାରୀ ର ମାସିକ ସାଧାରଣ ଅଧିବେଶନ ଅନୁଷ୍ଠିତହୋଇଯାଇଛି। ମାସିକ ବୈଠକ ଅବସରରେ ଗୋଛାପଡା ଶାଖା ପାଣ ସମାଜ କଲ୍ୟାଣ କମିଟି ଉପ ସଭାପତି ଗୋବିନ୍ଦ ଦିଗାଲ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଶାଖା ବରିଷ୍ଠ ଉପଦେଷ୍ଟା ଚକ୍ରପତି ଦିଗାଲ, ଶାଖା ସାଧାରଣ ସମ୍ପାଦକ କେଶବ ଦିଗାଲ, ଶାଖା ସହ ସମ୍ପାଦକ ରାଜିବଲୋଚନ ଦିଗାଲ, ଉପଶାଖା ପକାରୀ ପାଣ ସମାଜ ସଭାପତି ସଞ୍ଜୟ ଦିଗାଲ, ସମ୍ପାଦକ ବଳରାମ ଦିଗାଲ, ବାଲନ୍ଧାପଡା ପଞ୍ଚାୟତ ଉପଶାଖା ଉପଦେଷ୍ଟା ବାନ୍ଧବ ଦିଗାଲ, ଗୋଛାପଡ଼ାଶାଖା ସଦ୍ୟ ଜନିରା ଦିଗାଲ ଓ ପକାରିପୂର୍ବତନ ଉପଶାଖା ସଭାପତି ଅରୁଣ ଦିଗାଲ, ଯୋଗ ଦେଇଥିଲେ।

## ଯୁବଗୋଷ୍ଠୀ ଓ ସାମ୍ବାଦିକଙ୍କ ସହଯୋଗରେ ବୃଦ୍ଧାଙ୍କୁ ଉଦ୍ଧାର

**ବୈଶିଙ୍ଗା,୨୬।୬ (ସଂଚାର ବ୍ୟୁରୋ):** ଆଜି ରେମୁଣା ବ୍ଲକ ଗଣ୍ଡର୍ଦା ପଞ୍ଚାୟତ ଅନ୍ତର୍ଗତ ଶଙ୍କରପୁର ଗ୍ରାମକୁ ଜଣେ ୬୫ ବର୍ଷୀଅକ୍ଷ ବୃଦ୍ଧା କୌଣସି କାରଣରୁ ଦୁଇ ଦିନ ହେବ ନିଜ ଘରୁ ଚାଲି ଆସିଥିଲେ ଶଙ୍କରପୁରର ଯୁବ ଗୋଷ୍ଠୀ ରାଜେନ୍ଦ୍ର ପ୍ରଧାନ, ଗୁରା, ହରେକୃଷ୍ଣ ପ୍ରଧାନ, ଅଜିତ ପ୍ରଧାନ, ବାବୁ ଓ ଯୁବ ସାମ୍ବାଦିକ ହରିଶ ମହାନ୍ତି ଦ୍ୱାରା ବୃଦ୍ଧାଙ୍କୁ ଉଦ୍ଧାର କରି ଖାଦ୍ୟ, ପାନୀୟ ଦେବକ୍ଷ ସହିତ ବୃଦ୍ଧାଙ୍କୁ ତାଙ୍କ ଠିକଣା ପଚାରିବାରୁ ବିଶ୍ରାମପୁର ନୁଆସାହି, ପଞ୍ଚାୟତ ଅଗ୍ରୀୟା, ଥାନା -ବୈସିଙ୍ଗା । ବଡ ପୁଅ ରଞ୍ଜନ ସିଂ, ସାନ ପୁଅ ନୁଙ୍ଗୁରା ସିଂ ଏବଂ ବଡ ବହୁ ମଲି ସିଂ ବୋଲି କହିଥିଲା କ୍ଷବୈସିଙ୍ଗା ଥାନା ଅଧିକାରୀ ବାରିଣୀ ଦାସ ଙ୍କୁ ଯୋଗାଯୋଗ କରିଥିଲେ।

# 'ବିକାଶର ଧାରା ଓଡ଼ିଶା ସାରା' ବ୍ଲକସ୍ତରୀୟ ସମ୍ମିଳନ



**କନ୍ଧମାଳ,୨୬।୬(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅନ୍ତର୍ଗତ ମଙ୍ଗଳବାର କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ବ୍ଲକ ସଦର ମହକୁମାସ୍ଥିତ ପିଏମ୍ ଶ୍ରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ବ୍ଲକସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ବିଡିଓ ଶ୍ରୀ ଶୁଭ ଦତ୍ତାତ୍ରେୟ ବାହିନୀପତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା।କାର୍ଯ୍ୟକ୍ରମରେ ଖଜୁରୀପଡ଼ା ୪ ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ଉର୍ବଶୀ ଦିଗାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ମନୋରଞ୍ଜନୀ ଜାନୀ, ସାଂସଦ ପ୍ରତିନିଧି ଶ୍ରୀ ସିଦ୍ଧାର୍ଥ ସାହୁ, ସମାଜସେବୀ ଓ ବିଧାୟକ ପ୍ରତିନିଧି ଶ୍ରୀ ଅନନ୍ତ କୁମାର ଦିଗାଲ, ପିରିକୁଡ଼ି ସରପଞ୍ଚ ଶ୍ରୀ ଉମାଚରଣ ମଲ୍ଲିକ ଉପସ୍ଥିତ ଥିଲେ। ସେହିପରି ତହସିଲଦାର ସୁଶ୍ରୀ ଶୁଭଶ୍ରୀ ରଥ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ମନୋଜ କୁମାର ସାହୁ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶ୍ରୀ ବିଷ୍ଣୁ ପ୍ରସାଦ ଖାଡ଼ଙ୍ଗା, ଗୋଷ୍ଠୀ ଅତିରିକ୍ତ ପ୍ରାଣୀ ସମ୍ପଦ ଅଧିକାରୀ ଶ୍ରୀମତୀ ପ୍ରତିଭା ପାଢ଼ୀଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ।ଅତିଥି ଓ ବିଭାଗୀୟ ଅଧିକାରୀମାନେ ନିଜ ନିଜ ବିଭାଗ ଦ୍ୱାରା ଜନସାଧାରଣଙ୍କୁ ପ୍ରଦାନ କରାଯାଉଥିବା ବିଭିନ୍ନ ସୁବିଧା ଓ କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ସରକାରଙ୍କ ଦୁଇ ବର୍ଷର ସଫଳତା ଓ ବିକାଶମୂଳକ ପଦକ୍ଷେପ ସମ୍ପର୍କରେ ମଧ୍ୟ ଉପସ୍ଥିତ ଲୋକଙ୍କୁ ଅବଗତ କରାଯାଇଥିଲା।ଏହି ଅବସରରେ ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ସହାୟତା ସାମଗ୍ରୀ ଓ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା।

## ଶତ ପ୍ରତିଶତ ସଫଳ ହେଲା ଏସ୍ଆଇଆର କାର୍ଯ୍ୟକ୍ରମ



**ସୁବର୍ଣ୍ଣପୁର,୨୬।୬(ସଂଚାର ବ୍ୟୁରୋ):** ୨୦୨୬ ଅନ୍ତର୍ଗତ ୬୫- ସୋନପୁର ବିଧାନସଭା ମଣ୍ଡଳୀ ନିର୍ଦ୍ଧାରିତ ସମୟ ସୀମାର ବହୁ ପୂର୍ବରୁ ପରିଗଣନା ଫର୍ମ ବଣ୍ଟନ ତଥା ଡିଜିଟାଇଜେସନ୍ କାର୍ଯ୍ୟ ୧୦୦% ସମ୍ପୂର୍ଣ୍ଣ କରିବାରେ ସଫଳ ହୋଇଛି । ଉପ-ଜିଲ୍ଲାପାଳ ତଥା ଇଆରଓ, ୬୫ - ସୋନପୁର ଏସି ଡଃ ସୌମ୍ୟରୂପା ରଥଙ୍କ ତତ୍ତ୍ୱାବଧାନରେ ସମସ୍ତ ୭ ଜଣ ଏଇଆରଓ, ୩୨ ଜଣ ବି.ଏଲ୍.ଓ. ସୁପରଭାଇଜର୍ ଓ ୩୧୯ ଜଣ ବି.ଏଲ୍.ଓ.ଙ୍କ ମିଳିତ ସହଯୋଗ ତଥା ଉଦ୍ୟମ ଯୋଗୁଁ ଏହା ସମ୍ଭବ ହୋଇପାରିଛି । ଏହି ବିଧାନସଭା ମଣ୍ଡଳୀର ସମସ୍ତ ୨,୫୩,୭୨୪ ଜଣ ଭୋଟରଙ୍କର ପରିଗଣନା ଫର୍ମ ବି.ଏଲ୍.ଓ ଆପ୍ ମାଧ୍ୟମରେ ଅପ୍‌ଲୋଡ୍ କରାଯାଇଛି । ଏହାପରେ ୨୪.୬.୨୬ ଓ ୨୫.୬.୨୬ ଦୁଇ ଦିନ ଧରି ବି.ଏଲ୍.ଓ - ବି.ଏଲ୍.ଏ ମିଟିଙ୍ଗମାନ ସମସ୍ତ ୩୧୯ଟି ବୁଥ୍‌ରେ ଅନୁଷ୍ଠିତ ହୋଇଯାଇଛି ଯେଉଁଥିରେ ଅନୁପସ୍ଥିତ, ମୃତ ତଥା ସ୍ଥାନାନ୍ତରିତ ଭୋଟରମାନଙ୍କର ତାଲିକା ପଠନ ଓ ଦୃଢ଼ୀକରଣ କରାଯାଇଥିଲା । ଏଥି ନିମନ୍ତେ ସର୍ବପ୍ରଥମେ ଡିଜିଟାଇଜେସନ୍ ପ୍ରକ୍ରିୟା ୧୦୦% ସମ୍ପାଦନ କରିଥିବା ସର୍ବୋତ୍ତମ ୩୪ ଜଣ ବି.ଏଲ୍.ଓ, ୬ ଜଣ ବି.ଏଲ୍.ଓ ସୁପରଭାଇଜର, ୫ ଜଣ ଏସ୍ଆଇଆର ଆସିଷ୍ଟାଣ୍ଟ ଓ ଅଫିସର୍‌ମାନଙ୍କୁ ଜିଲ୍ଲାପାଳ ସୁବର୍ଣ୍ଣପୁର, ଅତିରିକ୍ତ ଜିଲ୍ଲାପାଳ ସୁବର୍ଣ୍ଣପୁର ଓ ଉପ-ଜିଲ୍ଲାପାଳ, ସୋନପୁରଙ୍କ ଦ୍ୱାରା ମାନପତ୍ର ତଥା ସ୍ମୃତି ଫଳକ ଦିଆଯାଇ ସମ୍ବର୍ଦ୍ଧନା କରାଯାଇଥିଲା । ଏଥିରେ ସମସ୍ତ ଏସ୍ଆଇଆରର କର୍ମକର୍ତ୍ତାମାନେ ଖୁସି ବ୍ୟକ୍ତ କରିଥିଲେ ଓ ଉତ୍ସାହିତ ହୋଇଥିଲେ ।

## ନିବେଦିତା ରଥଙ୍କୁ ନାଗରିକ ସମ୍ବର୍ଦ୍ଧନା



**ସୁବର୍ଣ୍ଣପୁର,୨୬।୬(ସଂଚାର ବ୍ୟୁରୋ):** ସଦର ଟାଉନହଲ ଠାରେ ଏହି ମାଟିର ଝିଅ ଡ. ନିବେଦିତା ରଥ ଙ୍କୁ ଆଜି ଏକ ନାଗରିକ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିପାଇଁ ସକାଳେ ତାଙ୍କ ବାସଭବନ ରାମଚଣ୍ଡୀ ନିବାସରୁ ଏକ ବିରାଟ ପଟୁଆରରେ ବାହାରି ପ୍ରଥମେ ମାଁ ପଁଥେଇ ଦୁର୍ଗା ଙ୍କ ଠାରେ ପୂଜାର୍ଚ୍ଚନା ପରେ ବ୍ଲକଛକ ଦେଇ ଆମ୍ବେଦକର ଛକରେ ପହଞ୍ଚିବା ପରେ ତାଙ୍କୁ ସେଠାରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦେବାପରେ ତାପରେ କଚେରୀ ଛକ, ମଝିପଡା ରେ ମଧ୍ୟ ଡ. ରଥ ଙ୍କୁ ସଂବର୍ଦ୍ଧନା ଦିଆଯାଇଥିଲା। ପରେ ଇଷ୍ଟଦେବୀ ମାଁ ସୁରେଶ୍ୱରୀ ଙ୍କ ଠାରେ ପୂଜାର୍ଚ୍ଚନା କରିବାପରେ ଟାଉନହଲ ଠାରେ ଏକ ସଂବର୍ଦ୍ଧନା ସଭା ବରିଷ୍ଠ ଆଇନଜୀବୀ ଶ୍ୟାମାଓମ୍ ପ୍ରସାଦ ମିଶ୍ର ଙ୍କ ସଂଯୋଜନା ରେ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ଜିଲ୍ଲା ଜଜ୍ ଧନୁର୍ଦ୍ଧର ସେନାପତିଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ଅତିଥି ଭାବରେ ସୁବର୍ଣ୍ଣପୁର ପୌର ପରିଷଦର ଅଧ୍ୟକ୍ଷା ତାମସୀ ତାମସ୍ମିତା ନାୟକ, ପୂର୍ବତନ ବିଧାୟକ ବିନୋଦ ପାତ୍ର, ପୂର୍ବତନ ନଗରପାଳ ପ୍ରମୋଦ ମହାପାତ୍ର, ଇନ୍ଦୁମତୀ ପୁରୋହିତ, ଆଇନଜୀବୀ ଅଦ୍ୱୈତ କୁମାର ପଣ୍ଡା ଉପନଗରପାଳ ମଲ୍ଲିକା ଦାନୀ, ବିଶିଷ୍ଟ ସମାଜସେବୀ ଶ୍ରୀବତ୍ସ ମଲ୍ଲିକ, ଗୋବିନ୍ଦ ମହାରଣା, ମାଧବ କୁମ୍ଭାର ପ୍ରମୁଖ ଯୋଗଦେଇ ଡ. ରଥ ଙ୍କୁ ଏକ ବିରଳ ପ୍ରତିଭା ଭାବରେ ଉଲ୍ଲେଖ କରିଥିଲେ। ବିଶେଷ କରି ଆମେରିକାର ୱାଶିଂଟନ୍ ଡିଜିଟାଲ୍ ୟୁନିଭରସିଟି ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ ପରେ ସୁବର୍ଣ୍ଣପୁର ପାଇଁ ଅନେକ ଗୌରବ ଆଣିଛନ୍ତି। ଜିଲ୍ଲାର ପ୍ରତିଭାସମ୍ପନ୍ନ ଯୁବତୀ ଡ଼. ନିବେଦିତା ରଥ ଙ୍କୁ ଇତି ମଧ୍ୟରେ ମାତ୍ର ୩୧ବର୍ଷ ବୟସରେ ହିଁ ତିନି ତିନୋଟି ସମ୍ମାନଜନକ ଡକ୍ଟରେଟ ଉପାଧି ମିଳିଛି ଯାହାକି ସୁବର୍ଣ୍ଣପୁର ଜିଲ୍ଲା ପାଇଁ ଏକ ଗୌରବମୟ ମୁହୂର୍ତ୍ତ ହେବାସହ ମହିଳା ସଶକ୍ତି କରଣ ଯୁବ ପ୍ରତିଭା ମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି। ସାମାଜିକ, ପ୍ରଶାସନିକ ଓ ଆନ୍ତର୍ଜାତିକ କ୍ଷେତ୍ରରେ ନିଜର ଅସାଧାରଣ କାର୍ଯ୍ୟଦକ୍ଷତା ପାଇଁ କ୍ରମାଗତ ଭାବରେ ସେ ଏକ ବଡ଼ ସଫଳତାର ଶୀର୍ଷରେ ପହଞ୍ଚିଛନ୍ତି। ମାତ୍ର ମାସକ ମଧ୍ୟରେ ରାଜ୍ୟ ସ୍ତରରୁ ଆରମ୍ଭ କରି ଜାତୀୟ ଓ ଆନ୍ତର୍ଜାତିକ ସ୍ତର ପର୍ଯ୍ୟନ୍ତ ନିଜର ବିଜୟ ଯାତ୍ରା ଜାରି ରଖି ସେ ଓଡ଼ିଶା ପାଇଁ ମଧ୍ୟ ଗୌରବ ଆଣିଛନ୍ତି।

## ହାଇସ୍କୁଲ ପରିଦର୍ଶନ କଲେ ଉଲୁଣ୍ଡା ବିଡିଓ



**ସୁବର୍ଣ୍ଣପୁର,୨୬।୬(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ସଦର ବ୍ଲକ ର ପି ଏମ୍ ଶ୍ରୀ ହାଇସ୍କୁଲ କୁ ପରିଦର୍ଶନ କରି ପୁରୁଣା ସ୍କୁଲ ଛାତ ଯୋଗୁଁ କ୍ଲାସ୍ ରୁମ୍ ରେ ପାଣି ଲିକ ହେବା ଓ ବିଭିନ୍ନ ସମସ୍ୟାକୁ ଅନୁଧ୍ୟାନ କରିବା ସହ ବର୍ଷା ରେ ସ୍କୁଲ ଦୁଆର ରେ ଆଣ୍ଠୁଏ ପାଣି ଜମି ରହୁଥିବା ରୁ ଛାତ୍ର ଛାତ୍ରୀ ହନ୍ତ ସନ୍ତ ହେଉଥିବା ବିଷୟ ମଧ୍ୟ ଅବଗତ ହୋଇଥିଲେ ଉଲୁଣ୍ଡା ବିଡିଓ ଶ୍ରୀ ଦିଲ୍ଲୀପ କୁମାର ବାରା। ସ୍କୁଲ୍ ପ୍ରଧାନ ଶିକ୍ଷୟିତ୍ରୀ ନଳିନୀ କୁମ୍ଭାର ଓ ଅନ୍ୟ ଶିକ୍ଷକ ଙ୍କ ସହ ସ୍କୁଲର ଦୁଇ ମହଲା କୋଠା ଘରର ଦୁଆର ମୁହଁରେ ଘର ଛାତ ଓ କାନ୍ଥ ର ଅବସ୍ଥା କୁ ଅନୁଧ୍ୟାନ କରି ଦୁଆରରେ ପାଣି ଡ୍ରେନାଇଜ ର ସୁ ବ୍ୟବସ୍ଥା ସହ ଖୁବ୍ ଶୀଘ୍ର କାନ୍ଥ ଓ ଛାତ ର ମରାମତି ପାଇଁ ପିଏମ୍ ଶ୍ରୀ ସ୍କୁଲ କୁ କେନ୍ଦ୍ର ସରକାରଙ୍କ ପାଖରୁ ଆସୁଥିବା ଆର୍ଥିକ ଅନୁଦାନ ଦ୍ୱାରା ଖୁବ୍ ଶୀଘ୍ର ମରାମତି କରାଯିବ ବୋଲି ଶ୍ରୀ ବାରା ସ୍ପର୍ଟ ରେ ଉପସ୍ଥିତ ଥିବା ଓଡ଼ିଶା ସାମ୍ବାଦିକ ସଂଘ ର ଉଚ୍ଚ ସ୍ତରୀୟ ପ୍ରତିନିଧି ଦଳ ଆଗରେ ପ୍ରକାଶ କରିଛନ୍ତି। ସ୍କୁଲରେ ଶୈକ୍ଷିକ ବାତାବରଣ ସୃଷ୍ଟି ସହ ସ୍କୁଲ ର ଆସବାବ ପତ୍ର ଓ ଛାତ୍ର ଛାତ୍ରୀ ଙ୍କୁ ସୁରକ୍ଷିତ ରଖିବାକୁ ବିଶେଷ ଧ୍ୟାନ ଦେବାକୁ ପ୍ରଧାନ ଶିକ୍ଷୟିତ୍ରୀ ଙ୍କୁ ଶ୍ରୀ ବାରା ପରାମର୍ଶ କରିଥିଲେ ।

## ସଫଳ ହେଲା ହାର୍ଟ ଅପରେସନ୍ ସ୍ୱପ୍ନେଶ୍ୱରଙ୍କ ସ୍ୱପ୍ନ ହେଲା ସାକାର



**ସୁବର୍ଣ୍ଣପୁର,୨୬।୬(ସଂଚାର ବ୍ୟୁରୋ):** ସୁଦୂର ବାଙ୍ଗାଲୋର ଠାରେ ଚିକିତ୍ସିତ ହୋଇ ହାର୍ଟ ଅପରେସନ୍ ର ସଫଳତା ପରେ ଆଜି ନିଜ ଘର କୁ ଫେରିଥିବା ଅବସର ପ୍ରାପ୍ତ ସମବାୟ ବ୍ୟାଙ୍କ ସୋନପୁର ମ୍ୟାନେଜର ଶ୍ରୀ ମାଗୁଣି ସାହୁ ଙ୍କ ଛଅ ବର୍ଷ ର ନାତି ସ୍ୱପ୍ନେଶ୍ୱର ର ପରିବାର ଖୁସି ହୋଇ ପ୍ରଥମେ ମା ସୁରେଶ୍ୱରୀ ଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏବଂ ଏହି କାର୍ଯ୍ୟ ରେ ଦୀର୍ଘ ତିନି ଚାରି ମାସ ପୂର୍ବରୁ ଏ ଶିଶୁ ର ଚିକିତ୍ସା ପାଇଁ ଆବଶ୍ୟକ ଡକ୍ୟୁମେଣ୍ଟ ପ୍ରସ୍ତୁତି କରି ଏ ପରିବାର କୁ ପ୍ରେରଣା ଯୋଗାଇ ଥିବା ଓ ଅପରେସନ୍ ବେଳେ ବାଙ୍ଗାଲୋର ମେଡିକାଲ୍ ଓ ଡାକ୍ତର ସହ ଯୋଗା ଯୋଗ ରେ ଥିବା ଜିଲ୍ଲାପାଳ ଡ଼. ନୃପରାଜ ସାହୁ ଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏ ମହତ୍ କାର୍ଯ୍ୟ ରେ ସଂଯୋଜନା କରିଥିବା ବରିଷ୍ଠ ନାଗରିକ ଜ୍ୟୋତି ରଞ୍ଜନ ପଟ୍ଟନାୟକ, ପ୍ରଦୀପ ପୁରୋହିତ, ଜିଲ୍ଲା ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ, ସାମ୍ବାଦିକ ମନୋରଞ୍ଜନ ତ୍ରିପାଠି, ମହାଦେବ ମଲ୍ଲିକ ଙ୍କୁ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ କୁ ମଧ୍ୟ ଛୋଟ ଶିଶୁ ର ପରିବାର କୃତଜ୍ଞତା ଜଣାଇଛନ୍ତି। ଜିଲ୍ଲାପାଳ ଙ୍କ ଏହି ଉଦ୍ୟମ ଓ ବଦାନ୍ୟତା ପାଇଁ ସହର ତଥା ଜିଲ୍ଲା ରେ ଖୁବ୍ ପ୍ରଶଂଶା କରା ଯାଇଛି ।

## ଯୋଜନା ଅପହଞ୍ଚ, ସମସ୍ୟା ଘେରରେ ଟୁମୋନିଖୋଲ

**ଥୁଆମୂଳ ରାମପୁର,୨୬।୬(ସଂଚାର ବ୍ୟୁରୋ):** ଥୁଆମୂଳ ରାମପୁର ବ୍ଲକ ବିରିକୋଟ ଗ୍ରାମପଞ୍ଚାୟତର ଆଦିବାସୀ ବହୁଳ ତୁମୋନିଖୋଲ ଗ୍ରାମରେ ସରକାରୀ ଯୋଜନା ସମ୍ପୂର୍ଣ୍ଣ ପ୍ରହସନ ପାଲଟିଛି। ୪୫ ପରିବାର ଓ ୨୦୦ରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଏହି ଗାଁ ଆଜି ବି ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପକ୍କାଘର ଓ ଗମନାଗମନ ଭଳି ସର୍ବନିମ୍ନ ମୌଳିକ ସେବାରୁ ସମ୍ପୂର୍ଣ୍ଣ ବଞ୍ଚିତ। ପ୍ରଶାସନିକ ଉଦାହସୀନତା ପ୍ରତି କ୍ଷୋଭ ପ୍ରକାଶ କରି ଗ୍ରାମବାସୀ ଆଗାମୀ ନିର୍ବାଚନରେ ଭୋଟ୍ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି। ଗାଁକୁ ଖଣ୍ଡେ ପକ୍କା ରାସ୍ତା ନଥିବାରୁ ଲୋକେ ନିତିଦିନ କୁଦେଲ ଛୁଆଁ ଡଙ୍ଗର ଦେଇ ୪ କିଲୋମିଟର ଦୁର୍ଗମ ପାଦଚଲା ପାହାଡ଼ିଆ ରାସ୍ତାରେ ଯାତାୟାତ କରୁଛନ୍ତି। ବର୍ଷା ଦିନେ ଏହି ସ୍ଥିତି ଅତି ସଂକଟଜନକ ହୋଇପଡ଼େ। ପଞ୍ଚାୟତ କିମ୍ବା ବ୍ଲକ ମୁଖ୍ୟାଳୟକୁ ଯିବାକୁ ହେଲେ କଲମପୁର ସୀଙ୍ଗାରି ଘାଟି ଦେଇ ପ୍ରାୟ ୨୭ ରୁ ୩୦ କିଲୋମିଟର ବୁଲିବାକୁ ପଡୁଛି। ଏହି ସମସ୍ୟା ଲାଗି ପୂର୍ବରୁ ସାଧାରଣ ନିର୍ବାଚନରେ ଗ୍ରାମବାସୀ ଭୋଟ୍ ବର୍ଜନ କରିଥିବା ବେଳେ, ଏଥର ମଧ୍ୟ ସୁବିଧା ନମିଳିଲେ ଭୋଟ୍ ଦେବୁନାହିଁ ବୋଲି ଲକ୍ଷ୍ମୀ ମାଝୀ, ସୁନସିଂ ମାଝୀ, ମାନସିଂହ ମାଝୀ ଓ ରାଇମଲ୍ ମାଝୀଙ୍କ ସମେତ ସମସ୍ତ ଗ୍ରାମବାସୀ ପ୍ରକାଶ କରିଛନ୍ତି।

### ଧର୍ମଗଡ଼ରେ କେନାଲ ନିର୍ମାଣରେ ବ୍ୟାପକ ଅନିୟମିତତା

# ଅନ୍ଧାରରେ ଜନସାଧାରଣ, ଠିକାଦାର-ଯନ୍ତ୍ରୀ ମଧୁଚନ୍ଦ୍ରିକା ଅଭିଯୋଗ



**କଳାହାଣ୍ଡି, ୨୫।୬(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଉପଖଣ୍ଡ ଅନ୍ତର୍ଗତ ଅପର ଇନ୍ଦ୍ରାବତୀ କେନାଲ ଡିଭିଜନରେ ଚାଲିଥିବା କେନାଲ ନିର୍ମାଣ ଓ ମରାମତି କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି। ଧର୍ମଗଡ଼ ସହରର ବ୍ୟସ୍ତବହୁଳ ଆର.ଡି. ଛକ ନିକଟରେ ଚାଲିଥିବା ଏହି କାର୍ଯ୍ୟରେ ସରକାରୀ ନିୟମକୁ ସମ୍ପୂର୍ଣ୍ଣ ଜଳାଞ୍ଜଳି ଦିଆଯାଇଥିବା ଅଭିଯୋଗ ହୋଇଛି। ନିମ୍ନମାନର ନିର୍ମାଣ ଓ ଭୁଲ ଡିଜାଇନ୍ ଯୋଗୁଁ ଆଗାମୀ ଦିନରେ ଚାଷୀଙ୍କୁ ଜଳସେଚନ କ୍ଷେତ୍ରରେ ବଡ଼ ସମସ୍ୟାର ସାମ୍ନା କରିବାକୁ ପଡ଼ିବ ବୋଲି ଆଶଙ୍କା ପ୍ରକାଶ ପାଇଛି।ସରକାରୀ ନିୟମ ଅନୁଯାୟୀ, ଯେକୌଣସି ଜନହିତକର କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ସେଠାରେ ଏକ ପ୍ରକଳ୍ପ ସୂଚନା ଫଳକ ଲଗାଇବା ବାଧ୍ୟତାମୂଳକ। ସେଥିରେ କାର୍ଯ୍ୟର ନାମ, ଅଟକଳ ମୂଲ୍ୟ, କାର୍ଯ୍ୟ ଶେଷ ହେବାର ଅବଧି ଏବଂ ଠିକାଦାରଙ୍କ ନାମ ଉଲ୍ଲେଖ ରହିବା କଥା। ମାତ୍ର ଆର.ଡି. ଛକଠାରେ ଚାଲିଥିବା ଏହି କେନାଲ କାର୍ଯ୍ୟରେ କୌଣସି ସୂଚନା ଫଳକ ଲଗାଯାଇନାହିଁ। ଏହି କାମ କେତେ ଟଙ୍କାର ଏବଂ କେଉଁ ଅନୁଦାନରେ ହେଉଛି, ସେ ବିଷୟରେ ସ୍ଥାନୀୟ ଜନସାଧାରଣ ସମ୍ପୂର୍ଣ୍ଣ ଅନ୍ଧାରରେ ଅଛନ୍ତି।ସ୍ଥାନୀୟ ଚାଷୀ ଓ ଜନସାଧାରଣଙ୍କ ଅଭିଯୋଗ ଅନୁଯାୟୀ, ବିଭାଗୀୟ ଯନ୍ତ୍ରୀ ଓ ସମ୍ପୃକ୍ତ ଠିକାଦାରଙ୍କ ମଧ୍ୟରେ ଥିବା ମଧୁଚନ୍ଦ୍ରିକା ଯୋଗୁଁ କାର୍ଯ୍ୟରେ କୌଣସି ସ୍ୱଚ୍ଛତା ନାହିଁ। ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ନିମ୍ନମାନର ସିମେଣ୍ଟ, ବାଲି ଓ ମେଟାଲ ବ୍ୟବହାର କରି କେନାଲ କଂକ୍ରିଟ୍ କାମ କରାଯାଉଛି।

## ବିଜୁଳି ଘଡ଼ଘଡ଼ିରେ ପୋଡ଼ିଗଲା ୨ଟି ଟ୍ରାନ୍ସଫର୍ମର

# ବିଦ୍ୟୁତ୍ ଠପ୍, ଅନ୍ଧାରରେ ମାର୍ଦ୍ଦିଫଙ୍ଗା ଗ୍ରାମବାସୀ



**କନ୍ଧମାଳ,୨୬।୬(ସଂଚାର ବ୍ୟୁରୋ):** ଦୁଇ ଦୁଇଟି ଟ୍ରାନ୍ସଫର୍ମର ବିଜୁଳି ଘଡ଼ଘଡ଼ି ରେ ପୋଡ଼ିଗଲା ଏମିତି ଅବସ୍ଥାକାଳବୈଶାଖୀ ପ୍ରଭାବରେ ବିଜୁଳି ମାଡ଼ରେ ଦୁଇଟି ଟ୍ରାନ୍ସଫର୍ମର ପୋଡ଼ି ଯାଇଥିବାରୁ ବିଦ୍ୟୁତ୍ ଆଲୁଅ ଠପ୍ ହୋଇଯାଇଛି ଅନ୍ଧାର ଘରେ ବାସ କରୁଛନ୍ତି ମାର୍ଦ୍ଦିପଙ୍ଗା ଗ୍ରାମବାସୀ ଏ ନେଇ ବିଦ୍ୟୁତ୍ ସମସ୍ୟା ସମାଧାନ ପାଇଁ ବିଭାଗକୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ ବିଦ୍ୟୁତ୍ କର୍ମଚାରିଙ୍କ ଅବହେଳା ପାଇଁ ଗୋଟିଏ ସପ୍ତାହରୁ ଅଧିକ ଦିନ ଅନ୍ଧାରରେ ରହିଛନ୍ତି ଗ୍ରାମବାସୀ କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ୍ ବ୍ରାହ୍ମଣୀଗାଁ ଥାନା ସରାମୂଳୀ ଗ୍ରାମପଞ୍ଚାୟତ ଅଧିନରେ ଥିବା ମାର୍ଦ୍ଦିପଙ୍ଗା ଗ୍ରାମବାସି। ଟ୍ରାନ୍ସଫର୍ମର ପୋଡ଼ି ବିଦ୍ୟୁତ୍ ଲାଇନ୍ ବନ୍ଦ ହୋଇଯାଇଛି।ମାର୍ଦ୍ଦିଫଙ୍ଗା ଗ୍ରାମରେ ବିଦ୍ୟୁତ୍ ନ ଥିବାରୁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀମାନଙ୍କୁ ଚିକିତ୍ସା ପାଇଁ ବାଧା ସୃଷ୍ଟି ହେଉଥିବା ଡାକ୍ତର ଏବଂ ନର୍ସ କର୍ମଚାରି ଦୁଃଖ ପ୍ରକାଶ କରୁଛନ୍ତି।ଏହି ସୂଚନା ଅନୁଯାଇ ଗୋଟିଏ ସପ୍ତାହରୁ ଅଧିକ ଦିନ ବିଦ୍ୟୁତ୍ ଠପ୍ ହୋଇଥିବାରୁ ସ୍କୁଲ ଛାତ୍ରଛାତ୍ରି ପାଠ ପଢ଼ା ଏବଂ ପିଇବା ପାଣି ଓ ଜରୁରୀ କାମ ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଯାଇଛି। ବିଦ୍ୟୁତ୍ କର୍ମଚାରିକୁ ବାରମ୍ବାର ଅଭିଯୋଗ କଲେ ବି ବିଭାଗ ଅଧିକାରୀମାନେ କୌଣସି ପଦକ୍ଷେପ ନେଉନଥିବାରୁ ମାର୍ଦ୍ଦିପଙ୍ଗା ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।ଏ ନେଇ ଗ୍ରାମବାସୀ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବସିବା ବିଳମ୍ବ ହେଲେ କିଛି ଦିନ ପରେ ଗ୍ରାମବାସି ଏକାଟି ହୋଇ ଦାରିଙ୍ଗବାଡ଼ି ବ୍ଲକ୍ ଘେରାଓ କରିବୁ ବୋଲି କହିଛନ୍ତି। ସେପଟେ ବିଦ୍ୟୁତ୍ ବ୍ୟବହାର ନକରି ବିଦ୍ୟୁତ୍ ବିଲ୍ ନ ଦିଅନ୍ତୁ ବିଦ୍ୟୁତ୍ ସମସ୍ୟା ସମାଧାନ ନକରି ବିଦ୍ୟୁତ୍ କର୍ମଚାରୀ ଗାଁରେ ପ୍ରବେଶ କରିବେ ତେବେ ସେମାନଙ୍କୁ ଧରି ବାନ୍ଧି ରଖିବା ପାଇଁ କହୁଛନ୍ତି ଅଞ୍ଚଳ ବାସି।